# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୩୫ ଶ । ସଂ ୬ ସଂଖ୍ୟା

ତା ୧୦ ରଖ ଖ୍ରୀଷ୍ଟ ଫିବ୍ରୁଆରୀ ସନ ୧୯୦୦ ମସିହା । ମ । ତା ୨୯ ନ ମାଘ ସନ ୧୩୦୭ ସାଲ ଶନିବାର

ଅଗ୍ରୀମ ଟ ୩୯ । ପଶ୍ଚାଦେୟ ଟ ୬୯

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଓଡ଼ିଆ ୧୮୭୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ଦୁଇବର୍ଷର ନିଘଣ୍ଟ ଟ୍ରେଣିଂକଲ୍ଲେଜଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।

ଛୋଟ ଟ ୦୯୬

ମୋଫସଲ ଜିମନ୍ତେ ଡାକମାସୁଲ ଟ ୦/ ଗ୍ରାହିମାନଙ୍କର ରେଲ କମ୍ପା ଷ୍ଟିମାରଦ୍ୱାରା ନେବାର ସୁବିଧା ଥିବ ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ସରକାରୀ ବିଜ୍ଞାପନ ବାହାରିଅଛି ଯେ ଏ ଜିଲ୍ଲା ଅନ୍ତର୍ଗତ ତାଲଦଣ୍ଡା କାନାଲ ଅସନ୍ତା ମାର୍ଚ୍ଚ ମାସ ତା ୧ ରଖଠାରୁ ତା ୨୩ ରଖ ପର୍ଯ୍ୟନ୍ତ ଏବଂ କେନ୍ଦ୍ରାପଡ଼ା କାନାଲ ଓ ତହିଁର ଶାଖାମାନ ଅସନ୍ତା ମାର୍ଚ୍ଚ ମାସ ତା ୨୪ ରଖଠାରୁ ମଇ ମାସ ତା ୩ ରଖ ପର୍ଯ୍ୟନ୍ତ ବାର୍ଷିକ ମରାମତି ନିମନ୍ତେ ବନ୍ଦ ହେବ ।

---

ଗତ ସୋମବାର ଅପରାହ୍ନରେ ଏଠା ଟ୍ରେଣିଂ କଲ୍ଲେଜ ଗୃହରେ ଶ୍ରୀ ବାବୁ ମଧୁସୂଦନ ଦାସଙ୍କ ସଭାପତିତ୍ୱରେ ସ୍ଥାପିତ ଯନ୍ତ୍ରଶାଳାର ଉଦ୍ଦେଶ୍ୟକରି ମାନଙ୍କର ସଭା ହୋଇଥିଲା । ଜଣାଗଲା ଯେ ଧାନ, ବାଉ ଏବଂ କୋଳଥ ବ୍ୟବସାୟରେ ଏହି ବର୍ଷରେ ଶତକରା ଟ ୨୫ ୮ଙ୍କା ଲାଭ ହୋଇ ଅଛି । ମଧୁବାବୁଙ୍କ ହସ୍ତରେ ଅନ୍ତର କାର୍ଯ୍ୟ ଥିବାରୁ ସେ ଯନ୍ତ୍ରଶାଳାର କାର୍ଯ୍ୟ ଚଳାଇବାକୁ ଅକ୍ଷମ ହୋଇ ଅବସର ଗ୍ରହଣର ଇଚ୍ଛା ପ୍ରକାଶ କରିବାରୁ ଧାର୍ଯ୍ୟ ହେଲା ଯେ ଅସନ୍ତା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ଅଂଶୀମାନଙ୍କର ଗୋଟିଏ ସାଧାରଣ ସଭା ହେବ ଏବଂ ତହିଁରେ ଭବିଷ୍ୟତ କାର୍ଯ୍ୟ ନିର୍ବାହର ସୁବ୍ୟବସ୍ଥା ହେବ ।

---

ମହାମାନ୍ୟ ବଡ଼ଲାଟ ବାହାଦୁର ଇଣ୍ଡିଆ ଗେଜେଟରେ ଘୋଷଣା କରିଅଛନ୍ତି ଯେ ଟ ୧୫ ଙ୍କା ବଦଳରେ ଇଂଲଣ୍ଡର ପ୍ରଚଳିତ ସବରନ ନାମକ ସୁନାର ମୋହର ଏବଂ ଟ ୭॥ ଙ୍କା ବଦଳରେ ହାଫ ସବରନ ନାମକ ସୁନାର ଅଧିଲି ଭାରତବର୍ଷରେ ସମସ୍ତେ ନେବାକୁ ବାଧ୍ୟ । ମାତ୍ର ରୂପାର ଟଙ୍କା ଯେପରି ଚଳୁଅଛି ସେପରି ଚଳୁଥିବ । ଅର୍ଥାତ ଭାରତରେ ସୁନା ଏବଂ ରୂପା ଦୁଇ ଧାତୁର ମୁଦ୍ରା ପ୍ରଚଳିତ ହେଲା । ଯାହାଙ୍କ ପାଖରେ କେହି ତାହାକୁ ସବରନ ଦେଲେ ଟ ୧୫ ଙ୍କା ଦରରେ ସେ ତାହା ନେବାକୁ ଆପତ୍ତି କରି ପାରିବ ନାହିଁ । ଖଜଣ୍ଣାଖାନାରେ ପରିବର୍ତ୍ତନ କରାଇବାର ସୁବିଧା ନ ହେଲେ କ୍ଷୁଦ୍ର ବ୍ୟବସାୟୀଙ୍କର କଷ୍ଟ ହୋଇପାରେ ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଆଳର ରାଜା ଯଦୁନାଥ ଦେବ ଗତ ଶନିବାର ରାତ୍ର ସାଢ଼େ ୯ ଘଣ୍ଟାବେଳେ ପରଲୋକ ଗମନ କଲେ । ପୂର୍ବରୁ ସେ ବାୟୁରୋଗରେ ବେଳେ ବେଳେ ପୀଡ଼ିତ ହେଉଥିଲେହେଁ ଶରୀର ଭଲ ଥିବାର ଜଣା ଯାଉଥିଲା । ସେଦିନ ବାୟୁ ଊର୍ଦ୍ଧ୍ୱକୁ ଉଠି ଆଉ ଶାନ୍ତ ହେଲା ନାହିଁ ଏବଂ ପ୍ରାଣସେନ ଚାଲିଗଲା । କେତେକଦିନ ହେଲା ତାହାଙ୍କ ନାମରେ ଗୋଟାଏ ଫଉଜଦାରୀ ମୋକଦ୍ଦମା ଚାଲୁଥିଲା ତହିଁରୁ ମୁକ୍ତ ପାଇଲେ । ରାଜାଙ୍କର ବୟସ ପ୍ରାୟ ୫୦ ବର୍ଷ ହୋଇଥିଲା । ତାହାଙ୍କର ଜ୍ୟେଷ୍ଠପୁତ୍ରଙ୍କ ବୟସ ପ୍ରାୟ ୨୨ ବର୍ଷ ହେବ ଏବଂ ସେ ଯଥାମତେ ଗାଦିରେ ବସିଅଛନ୍ତି । ନବଗତ ରାଜ୍ୟ ପାଳନଦ୍ୱାରା ଯଶସ୍ୱୀ ହେଉନ୍ତୁ ଏହାହିଁ ଆମ୍ଭମାନଙ୍କର ପ୍ରାର୍ଥନା ।

---

କଲିକତା ଓ ମାନ୍ଦ୍ରାଜ ମଧ୍ୟରେ ବଡ଼ା ଅଟକରେ ତାରସମ୍ବାଦ ବ୍ୟବସାୟ ଚଳାଇବାର ନୂଆ ତମ୍ବାତାର ବସିବା କାର୍ଯ୍ୟ ଗତମାସ ତା ୧୦ ରଖରେ ଶେଷ ହେବାରୁ ସେହି ଦିନଠାରୁ ସେହି ତାରରେ ନିୟମିତରୂପେ ଅବାଧେ ସମ୍ବାଦମାନ ଯାତାୟାତ କରୁଅଛି । ଏହି ତାର ଇଷ୍ଟକୋଷ୍ଟ ଏବଂ ବେଙ୍ଗଲ ନାଗପୁର ରେଲବେ ବାଟମାନଙ୍କ ସଲଖରେ ଯାଇଅଛି । କେବଳ ରୂପନାରାୟଣ ନଦୀ ଉପରେ ପୁଲ ପ୍ରସ୍ତୁତ ହୋଇ ନ ଥିବାରୁ ସେହି ଜାଗା ପାରିବା ଗୋଟିଏ ଠିକା ବନ୍ଦୋବସ୍ତ ହୋଇ

ଅଛି । ଅସଲ୍ତା ଅପ୍ରେଲ ମାସରେ ପୁଲକାର୍ଯ୍ୟ ଶେଷ ହୋଇ ଗଲେ ଆଉକିଛି ଅଟକ ରହିବ ନାହିଁ । ତଥାତ ପୂର୍ବଠାରୁ ବର୍ତ୍ତମାନ ଅନେକ ଅଳ୍ପ ସମୟରେ ଉକ୍ତ ଦୁଇ ପ୍ରଧାନ ନଗର ମଧ୍ୟରେ ଲୋକମାନେ ଯାତାୟାତ କରୁଅଛନ୍ତି ।

———

ଗତ ଜାନୁଆରୀ ମାସ ତା ୩୦ ରିଖରେ ଶେଷ ହେବା ସପ୍ତାହରେ ଗୁଜରାଟ ଇଂରେଜ ରାଜ୍ୟରେ ୬୯,୧୪,୬୭୭ ଏବଂ ଦେଶୀୟ ରାଜ୍ୟରେ ୮,୪୪,୪୯୯ ସାଏ ୩୭,୫୮,୬୭୬ ଲୋକ ଦୁର୍ଭିକ୍ଷ ସାହାଯ୍ୟ ପାଉଥିଲେ । ତହିଁ ପୂର୍ବ ସପ୍ତାହର ମୋଟ ୩୫,୬୬,୩୭୫ ଲୋକ ଥିଲେ । ସୁତରାଂ ଦେଖାଯାଏ ଯେ ଦୁର୍ଭିକ୍ଷ ପୀଡିତଙ୍କ ସଂଖ୍ୟା କ୍ରମାଗତ ବୃଦ୍ଧି ହେଉଅଛି ପୁଣି ଏକ ସପ୍ତାହରେ ପ୍ରାୟ ଦୁଇଲକ୍ଷ ବୃଦ୍ଧି ହେବା ସାମାନ୍ୟ ନୁହେ । ବମ୍ବେଇ ଏବଂ ପଞ୍ଜାବରେ ବିଶେଷ ବୃଦ୍ଧି ମାତ୍ର ମଧ୍ୟପ୍ରଦେଶରେ ଠାବେ ସୁବୃଷ୍ଟି ହୋଇ ରବି ଫସଲର ଅବସ୍ଥା କିଛି ଭଲ ହେବାରୁ ସେ ପ୍ରଦେଶର ଦୁର୍ଭିକ୍ଷପୀଡିତଙ୍କର ସଂଖ୍ୟା ବୃଦ୍ଧି ନ ହୋଇ ବରଂ ୧୪୬୫୦ ଊଣା ପଡିଅଛି ।

———

ଲେଫ୍ଟେନେଣ୍ଟ ନାମକ ଜଣେ ସୁଇଜର୍ଲଣ୍ଡବାସୀ ଗତ ତା ୬ ରିଖରେ ପ୍ରିଟୋରିଆଠାରୁ ଆସି ଲରେଞ୍ଜୋଠାରେ ପହଞ୍ଚିଅଛନ୍ତି । ସେ ପ୍ରକାଶ କରନ୍ତି ଯେ ତାଙ୍କ ମତରେ ଯୁଦ୍ଧ ଅନ୍ତତଃ ଦୁଇବର୍ଷ ପର୍ଯ୍ୟନ୍ତ ଚାଲିବ । ଇଂଲଣ୍ଡ ଲେଡିସ୍ମିଥକୁ ଘେର ଦେବାକୁ ବାଧ୍ୟ ହେବେ । ଟ୍ରାନ୍ସଭାଲ ଅଭ୍ୟନ୍ତରକୁ ଯିବାର ଏକମାତ୍ର ବାଟ ଉତ୍ତର ଦେଇ ଅଟେ । ପ୍ରିଟୋରିଆ ଅତି ଦୃଢରୂପରେ ଅବସ୍ଥିତ ବଳୁ ସୈନ୍ୟମାନେ ଥରେ ସୀମା ପ୍ରଦେଶରେ ପ୍ରବେଶ କଲେ ଆଉ ଅଧିକ କଷ୍ଟ ଭର ହେବ ନାହିଁ । ଟ୍ରାନ୍ସଭାଲ ଜୟ କରିବାକୁ ଇଂଲଣ୍ଡକର ଦୁଇଲକ୍ଷ ସୈନ୍ୟ ଆବଶ୍ୟକ ହେବ ଯୁଦ୍ଧଭୂମିରେ ବୁଅର୍ଙ୍କର ନ ୬୫୦୦୦ ଜଣ ଲୁପ ଯୁଦ୍ଧ ନ ଚନ୍ଦ୍ରଳେ ୬୦୦୦ ବିଦେଶୀ ଅଛନ୍ତି । ଅଧିକ ୩୦୦୦୦ ଦୁଇ ଉଭୟରେ ଅଛନ୍ତି । ସର୍ବସୁଦ୍ଧା ବୁଅର୍ଙ୍କର ସୈନ୍ୟବଳ ଏତିକି ।

———

ଉତ୍ତରପ୍ରଦେଶର ଜଙ୍ଗଲମାହାଲର ଗତ ବାର୍ଷିକ ବିବରଣରୁ ପ୍ରକାଶ ଯେ ଉକ୍ତ ମାହାଲର ଆୟ କ୍ରମାଗତ ବୃଦ୍ଧି ହେଉଥିଲେ ହେଁ ଏକମାତ୍ର ପୁରୀର ବଜର ଅଧିକ ତହିଁର କାରଣ ଅଟେ । ଉହିତଲେ ଚଟ୍ଟଗ୍ରାମ ଜିଲ୍ଲାର ଆୟ ବର୍ଦ୍ଧନଶୀଳ ଦେଖାଯାଏ । ବଙ୍ଗଳା ନାଗପୁର ରେଲବାଟର କାର୍ଯ୍ୟ ଶେଷ ହେବାରୁ ସେ ଦବୁଆରୁ ସ୍ଲିପରକାଠ ଆଉ ଆସୁ ନାହିଁ ଏବଂ ସେକାରଣରୁ ସେଠାର ଆୟ କସ୍ତୁର ଊଣା ପଡିଅଛି । ଓଡିଶାରେ କେବଳ ଦୁଇ ଜିଲ୍ଲା ଅର୍ଥାତ୍ ଅନୁଗୋଳ ଏବଂ ପୁରୀ (ଖୋର୍ଦ୍ଧା) ରେ ସରକାରୀ ଜଙ୍ଗଲ ଅଛି ଏବଂ ସେ ଦୁଇ ଜିଲ୍ଲାର ଆୟ ବ୍ୟୟ ନିମ୍ନେ ଲେଖା ଗଲା ଯଥା ।—

| ଜିଲ୍ଲା | ଆୟ | | ବ୍ୟୟ | |
|---|---|---|---|---|
| ସନ | ୧୮୯୭।୯୮ | ୯୮।୯୯ | ୯୭।୯୮ | ୯୮।୯୯ |
| ଅନୁଗୋଳ | ଟ ୭,୭୪୬ | ଟ ୩୯୯୬ | ଟ ୧୭,୧୪୯ | ଟ ୧୩,୬୮୭ |
| ପୁରୀ | ଟ ୩୬,୩୧୩ | ଟ ୨୫,୦୮୪ | ଟ ୨୫,୦୫୦ | ଟ ୨୬୭୦୯ |

ଅତଏବ କେବଳ ପୁରୀରେ ଗତ ବର୍ଷ ଟ ୩୬୬୩୯ ଙ୍କା ଲାଭ ହୋଇଥିଲା ମଧୁବା କେବଳ ତ୍ରୁଟି ପଡଅଛି ।

ସରକାରୀ ଜଙ୍ଗଲ ମହକୁମାର ଜଣେ କର୍ମଚାରୀ ଓଡିଶା ଗଡଜାତର ଜଙ୍ଗଲ ସମ୍ବନ୍ଧର କାର୍ଯ୍ୟ ନିମନ୍ତେ ଓଡିଶାର ଗଡଜାତ ସୁପ୍ରେଣ୍ଟ ପ୍ରସ୍ତାବ କରିବାରୁ ତାହା ଗବର୍ଣ୍ଣମେଣ୍ଟଙ୍କର ବିବେଚନାଧୀନରେ ଅଛି । ଉକ୍ତ କର୍ମଚାରୀ କି କାର୍ଯ୍ୟ କରିବେ ରିପୋର୍ଟରେ ଲେଖା ନାହିଁ ।

———

ଓଡିଆ ଏବଂ ନବସମ୍ବାଦରେ ପାଠ କଲୁଁ କି କଟକ ଜିଲ୍ଲାର ଗଙ୍ଗାପ୍ରସାଦ ପଟ୍ଟନାୟକ ନାମକ ଏକ ବ୍ୟକ୍ତି ସ୍ୱକୀୟ ମନିଅର୍ଡରଦ୍ୱାରା ତାହାଙ୍କ ମାହାଲର ବାକି ଖଜଣା କଲେକ୍ଟରୀକୁ ପଠାଇଥିଲେ । ଡାକଘରର ହେଳା ବା ଭ୍ରମରେ ସେ ମନିଅର୍ଡର ବାଲେଶ୍ୱରକୁ ଚାଲିଗଲା ଏବଂ ସେଠାରୁ ଫେରି ଆସିବା ବେଳକୁ ଲାଟବନ୍ଦ ତାରିଖ ଗତ ହୋଇ ଥିବାରୁ ମାହାଲ ନିଲାମ ହେଲା । ନିଲାମ ରଦ ନିମନ୍ତେ ମୋକଦ୍ଦମା ଉପସ୍ଥିତ ହେବାରୁ ଏ ଜିଲ୍ଲାର ଜଜସାହେବ ସ୍ଥିର କଲେ କି ପୋଷ୍ଟାଫିସର ତ୍ରୁଟି ହେତୁ ମାହାଲ ନିଲାମ ହେବା ଯୁକ୍ତିସଙ୍ଗତ ନୁହେ । ମାତ୍ର ହାଇକୋର୍ଟରେ ଅପିଲ ହୁଅନ୍ତେ ସେଠାର ମାନ୍ୟବର ବିଚାରପତିମାନେ ଏହି କାରଣରେ ନିଲାମ ସ୍ଥିର ରଖିଲେ କି ପୋଷ୍ଟାଫିସ କଲେକ୍ଟର ସାହେବଙ୍କର ପ୍ରତିନିଧିସ୍ୱରୂପ ଟଙ୍କା ଗ୍ରହଣ କରି ନ ଥିଲେ, ବରଂ ପ୍ରେରକର ପ୍ରତିନିଧିସ୍ୱରୂପ ପଠାଇ ଥିବାରୁ ପ୍ରତିନିଧିର ତ୍ରୁଟିର ଫଳ ପ୍ରେରକ ସହିବାକୁ ବାଧ୍ୟ । ଅତଏବ ଜମିଦାର ମାନଙ୍କର ବୁଝିବା ଉଚିତ ଯେ ମନିଅର୍ଡରଦ୍ୱାରା ସ୍ୱକୀୟ ପଠାଇବାର ସୁବିଧା ଲାଟବନ୍ଦ ରକ୍ଷାନିମନ୍ତେ ହୋଇ ନାହିଁ । ଏହାର ଅଭିପ୍ରାୟ କେବଳ ଅଳ୍ପବ୍ୟୟରେ ଦୂରଦେଶକୁ ଟଙ୍କା ପଠାଇବା ମାତ୍ର । ଏଥିର ଦାୟିତ୍ୱ ଅଧିକ ହେତୁ ଆଶାନୁରୂପ ସ୍ୱକୀୟ ମନିଅର୍ଡରର ବୃଦ୍ଧି ହେଉ ନାହିଁ । ସରକାରଙ୍କର ଏ ବିଷୟ ବିଚାର କରି ପ୍ରକୃତ ସୁବିଧା କରିଦେବା ଉଚିତ ହେଉଅଛି ।

———

ମୁସଲମାନ ପିଲାଙ୍କ ଶିକ୍ଷାନିମନ୍ତେ ବାଲେଶ୍ୱର ନଗରରେ ପ୍ରାୟ ୧୫ ବର୍ଷହେଲା ଶ୍ରୀଯୁକ୍ତ କଲେକ୍ଟର ବଡନ ସାହେବଙ୍କ ଅମଳରେ ବଡନ ମଦ୍ରସା ନାମରେ ଗୋଟିଏ ବିଦ୍ୟାଳୟ ସ୍ଥାପିତ ହୋଇ ଅନେକ କାଳ ସାମାନ୍ୟ ଅବସ୍ଥାରେ ଥିଲା । ଗତବର୍ଷରୁ ମଧ୍ୟଇଂରାଜୀସ୍କୁଲ ଶ୍ରେଣୀରେ ଆସିବା ଏବଂ ହିନ୍ଦୁ ପ୍ରଭୃତି ଇତର ଧର୍ମାବଲମ୍ବୀଙ୍କର ପିଲାମାନେ ପଢିବାର ଆଦେଶ ହେବାରୁ ବିଦ୍ୟାଳୟର ଉନ୍ନତି ହୋଇଅଛି । ବର୍ତ୍ତମାନ ଛାତ୍ର ସଂଖ୍ୟା ନ ୯୬ ଜଣ ମଧ୍ୟରେ ନ ୬୬ ଜଣ ହିନ୍ଦୁ ଅଛନ୍ତି । ସ୍କୁଲ ଗୃହଟି ସାମାନ୍ୟ ପ୍ରକାରର ଏବଂ ସ୍ଥାନାଭାବରୁ ଛାତ୍ରମାନଙ୍କର ପଢିବାର ସୁବିଧା ହେଉ ନାହିଁ । ଗୋଟିଏ ସ୍ଥାୟୀ ଏବଂ ବୃହତ୍ ଗୃହ ନିର୍ମାଣର ବ୍ୟବସ୍ଥା ନିମନ୍ତେ ଗତ ପୂର୍ବ ସପ୍ତାହରେ ଗୋଟିଏ ସଭା ହୋଇଥିଲା ଏବଂ ଜିଲ୍ଲାର ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ଫିଲମୋରସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ମୁନସି ଖାଲିଲର ରହମାନ ଉର୍ଦ୍ଦୁଭାଷାରେ ଏବଂ ବାବୁ ଗୋଲୋକନାଥ ସାମନ୍ତ ଓଡିଆରେ ଗୃହର ଆବଶ୍ୟକତା ବୁଝାଇ ଦେଲାଉତ୍ତାରୁ ଗୃହର ନକ୍ସା ଓ ବ୍ୟୟ ବିସ୍ତିର କରିବା କାରଣ ଗୋଟିଏ କମିଟି ଗଠିତ ହେଲା ଏବଂ ସଭାସ୍ଥଳରେ ଏକହଜାରରୁ କିଛି ଅଧିକ ଟଙ୍କା ସ୍ୱାକ୍ଷରିତ ହେଲା । ସଭାପତି ମହାଶୟ ଟ ୫୦ ଟଙ୍କା ହାଜି ଖାଲିର ମହମ୍ମଦ ଟ ୫୦୦ ଟଙ୍କା ଏବଂ ଭୂସ୍ୱାମୀ ଅବଦୁସଶୋଭାନ ଖାନ ଟ ୩୦୦ ଟଙ୍କା ଦେବା ସ୍ୱୀକାର କରିବାର ଓଡିଆ ଓ ନବସମ୍ବାଦରେ ପାଠ କଲୁଁ ।

———

ଗତ ମାସ ତା ୩୦ ରିଖରେ ବିଲାତର ପାର୍ଲିମେଣ୍ଟ ସଭାର ଅଧିବେଶନ ଆରମ୍ଭ ହେଲା । ଶ୍ରୀମତୀ ମହାରାଣୀଙ୍କର ଯେଉଁ ବକ୍ତୃତା ପଠିତ ହେଲା ତାହା ଅନେକ ଓ ବିଷାଦପୂର୍ଣ୍ଣ ଅଟେ । ଅନନ୍ତର କଥା ଏହି କି ଟ୍ରାନ୍ସଭାଲ ରଣରେ ଇଂରାଜସେନା ଅସୀମ ବୀରତ୍ୱ ପ୍ରକାଶ କରିଅଛନ୍ତି ଏବଂ ତାଙ୍କଙ୍କର ସମସ୍ତ ପ୍ରଜା ଏକମତ ଓ ପ୍ରସ୍ତୁତ ଉତ୍ସାହ

Digitized by srujanika@gmail.com

ସତ୍ତ୍ୱ ସାମ୍ରାଜ୍ୟର ଗୌରବ ରକ୍ଷା ନିମନ୍ତେ ଦୃଢ଼ ପ୍ରତିଜ୍ଞ ହୋଇ ବଳ ଅର୍ଥ ଇତ୍ୟାଦିଦ୍ୱାରା ଯୋଗଦାନ କରୁଅଛନ୍ତି । ଭାରତୀୟ ରାଜାମାନେ ମଧ୍ୟ ଆପଣା ଆପଣା ସୈନ୍ୟ ଓ ସମ୍ପତ୍ତି ମହାରାଣୀଙ୍କର ହସ୍ତରେ ସମର୍ପଣ କରିଅଛନ୍ତି । ସେ ଆଶା କରନ୍ତି ଯେ ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ତାହାଙ୍କର ପ୍ରଜାବର୍ଗ ଉତ୍ସାହ ଏବଂ ବିକ୍ରମ ସହିତ ଯୁଦ୍ଧରେ ଯୋଗଦାନ କରିବେ । ଦୁଃଖର ବିଷୟ ଏହି ଯେ ଯୁଦ୍ଧ ଅଦ୍ୟାପି ଶେଷ ହୋଇ ନାହିଁ ଏବଂ ବହୁଲୋକର ଜୀବନ ନଷ୍ଟ ହେଉଅଛି । ଭାରତରୁ ଏପର୍ଯ୍ୟନ୍ତ ପ୍ଲେଗ ରୋଗ ଦୂରୀଭୂତ ହୋଇ ନାହିଁ ଏବଂ ଦୁର୍ଭିକ୍ଷ କ୍ରମେ ବୃଦ୍ଧି ହେଉଅଛି ଏହା ମଧ୍ୟ ବଡ଼ ଦୁଃଖର ବିଷୟ ମାତ୍ର ସାହାଯ୍ୟ ଦାନ ବିଷୟରେ ରାଜକର୍ମଚାରୀମାନେ ଯଥୋଚିତ ମନୋଯୋଗୀ ଅଛନ୍ତି । ପରିଶେଷରେ ପାର୍ଲିଆମେଣ୍ଟକୁ ଜଣାଇ ଦିଆ ଯାଇଅଛି । ସୈନିକ ବିଭାଗକୁ ଅଧିକ ଦୃଢ଼ କରିବାର ଆବଶ୍ୟକ ଏବଂ ସଭା ତହିଁରେ ଐକ୍ୟ ହେବେ । ମହାରାଣୀଙ୍କର ବକ୍ତୃତା ଲର୍ଡ ସଭାରେ ଗୃହୀତ ହୋଇଅଛି । କମନ୍ସ ସଭାରେ ବାଦାନୁବାଦ ହୋଇଥିଲା ମାତ୍ର ତହିଁରେ କିଛି ଫଳ ହୋଇ ନାହିଁ ।

———

କଲିକତା ବିଶ୍ୱବିଦ୍ୟାଳୟର ଗତ ବି, ଏଲ ପରୀକ୍ଷାରେ ପ୍ରାୟ ୫୦୦ ଛାତ୍ର ଉପସ୍ଥିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ କେବଳ ୧୦୭ ଅର୍ଥାତ୍ ଶତକଡ଼ା ପ୍ରାୟ ୨୧ ପାସ କରିଅଛନ୍ତି । ଗତବର୍ଷ ଶତକଡ଼ା ୫୦ ପାସ କରିଥିଲେ । ଏବର୍ଷର ଫଳ ନିତାନ୍ତ ମନ୍ଦ ଏବଂ ଅନେକ ଛାତ୍ର ବଧ ହୋଇଅଛି ବୋଲିବାକୁ ହେବ । କଥିତ ହୁଏ ଯେ ପ୍ରଥମେ ପ୍ରାୟ ୨୨୧ ଜଣ ପାସ ନମ୍ବର ପାଇଥିଲେ । ତାହା ନିତାନ୍ତ ଦୃଷ୍ଟିକଟୁ ହେବାରୁ ପୁନର୍ବାର ଖାତା ଦେଖା ଯିବାରେ ୧୦୭ ଜଣଙ୍କ କପାଳ ଫିଟିଲା । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ କେବଳ ଏକଜଣ ଆଉ ସମସ୍ତେ ୨ୟ ଶ୍ରେଣୀରେ ପାସ କରିଅଛନ୍ତି । ପୁଣି ସେମାନଙ୍କ ମଧ୍ୟରେ ଏକା କଲିକତାର କଲେଜମାନଙ୍କର ଛାତ୍ର ୭୦ ଜଣ ଏବଂ ତହିଁ ମଧ୍ୟରୁ ଏକା ରିପନ କଲେଜର ଛାତ୍ର ୩୨ ଜଣ ଅର୍ଥାତ୍ ପାସ କରିବା ଛାତ୍ରଙ୍କ ମଧ୍ୟରେ ତିନି ଚତୁର୍ଥାଂଶ ଏକା କଲିକତାର ଏବଂ ଏକ ଚତୁର୍ଥାଂଶ ବଙ୍ଗପ୍ରଦେଶର ଅନ୍ୟ ସମସ୍ତ କଲେଜର ଛାତ୍ର । ଏଥିରୁ ଦେଖାଯାଏ ଯେ କଲିକତାର କଲେଜମାନଙ୍କରେ ବିଶେଷତଃ ରିପନ କଲେଜରେ ଆଇନଶିକ୍ଷାର ବିଶେଷ ସୁବିଧା ଅଛି କିମ୍ବା ଏହା ହେବାର ଅନ୍ୟ କିଛି କାରଣ ଜଣା ଯାଉ ନାହିଁ । ବ ॰ ॰ ର୍ଷ ହେଲା ଏଠା ରେଭେନସା କଲେଜର କେହି ଛାତ୍ର ପାସ କରି ପାରୁ ନାହାନ୍ତି । ଯେବେ ଶିକ୍ଷାର ଉଚିତ ସାହାଯ୍ୟ ଅଭାବରୁ ତାହା ଘଟୁଥାଏ ତେବେ କେହି୨ ଛାତ୍ର କଲିକତାରେ କିଛିକାଳ ରହି ଶିକ୍ଷାର ଚେଷ୍ଟା କରନ୍ତୁ ।

———

କଲିକତା ନଗରରେ ଡାକ୍ତର ମହେନ୍ଦ୍ରଲାଲ ସରକାରଙ୍କର ଯତ୍ନରେ ସ୍ଥାପିତ ଭାରତ ବିଜ୍ଞାନ ସଭାର ଗତ ବାର୍ଷିକ ବିବରଣ ପ୍ରକାଶିତ ହୋଇ ଅଛି । ବାର୍ଷିକ ସଭାର ଅଧିବେଶନରେ ମାନ୍ୟବର ବଙ୍ଗେଶ୍ୱର ସର ଜନ୍ ଉଡ୍‌ବରନ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ । ସଭାଟି ବର୍ଷେ ହେଲା ସ୍ଥାପିତ ହୋଇଅଛି ଏବଂ ଏହାର ସାଧାରଣ ପାଣ୍ଠିରେ ଟ୧,୨୮,୫୦୦ କୋଃ ସରକାରୀ ପ୍ରମିସରି ନୋଟ, ରିପନ ଅଧ୍ୟାପକ ପାଣ୍ଠିରେ ଟ ୬୦୦୦ କୋଃ ଏବଂ ନଗଦ ହିସାବରେ ଟ ୧୪,୨୮୨ କୋଃ ଜମା ଥିଲେହେଁ ଜଡ଼ବିଜ୍ଞାନ ସମ୍ବନ୍ଧୀୟ ଭିନ୍ନ୨ ବିଷୟର ଉପଦେଶ ଦେବା କାରଣ କୌଣସି ଚିରସ୍ଥାୟୀ ବନ୍ଦୋବସ୍ତ ଏପର୍ଯ୍ୟନ୍ତ ହୋଇ ପାରି ନାହିଁ । ଡାକ୍ତର ମହେନ୍ଦ୍ରଲାଲ ସରକାର ବୃଦ୍ଧ ହୋଇଅଛନ୍ତି । ସେ ଉକ୍ତ ସମିତିର କାର୍ଯ୍ୟ ନିର୍ବାହ କରିବାକୁ ଏଣିକି ଅଶକ୍ତ ହୋଇ ସମିତିର ରକ୍ଷାର ଭାର ସ୍ୱଦେଶୀୟଙ୍କ ଠାରେ ଅର୍ପଣ କରି ସେମାନଙ୍କୁ ମୁକ୍ତହସ୍ତ ହେବା କାରଣ ଅନୁରୋଧ କରିଅଛନ୍ତି । ସଭାପତି ମହାଶୟଙ୍କ କଥାରୁ ପ୍ରକାଶ ପାଇଲା ଯେ ସରକାର ବର୍ତ୍ତମାନ ସମୟରେ ଏ ବିଷୟରେ ଅର୍ଥ ସାହାଯ୍ୟ କରିବାକୁ ଅକ୍ଷମ ସୁତରାଂ ସାଧାରଣ ଲୋକଙ୍କର ବଦାନ୍ୟତା ବିନା ଏହି ସମିତି ସ୍ଥାୟୀ ହେବାର ଆଶା ନାହିଁ । ଏ ସମିତିଦ୍ୱାରା ଦେଶରେ ପ୍ରଭୂତ ଉପକାର ହେଉଅଛି । ସେ ସ୍ଥଳେ ବଙ୍ଗପ୍ରଦେଶର ଧନାଢ୍ୟଲୋକଙ୍କର ଏଥିର ସାହାଯ୍ୟ ନିମନ୍ତେ ଅଗ୍ରସର ହେବେ ଏଥିରେ କାହାରି ସନ୍ଦେହ ନାହିଁ । ଆମ୍ଭେମାନେ ଆଶା କରୁଁ ଡାକ୍ତର ମହୋଦୟଙ୍କର ପ୍ରାର୍ଥନା ବ୍ୟର୍ଥ ହେବ ନାହିଁ ।

———

ଦକ୍ଷିଣ ଆଫ୍ରିକା ଅନ୍ତର୍ଗତ ନେଟାଲ ପ୍ରଦେଶ ଇଂରାଜଙ୍କର ଗୋଟିଏ ଉପନିବେଶ ଏବଂ ଇଂରାଜ ସାମ୍ରାଜ୍ୟର ଅଧୀନ । ଭାରତବାସିମାନେ ସେହି ଇଂରାଜ ସାମ୍ରାଜ୍ୟର ପ୍ରଜା ହେଲେହେଁ ଯେଉଁ ଭାରତବାସିମାନେ ନେଟାଲ ରାଜ୍ୟକୁ ନାନା ବ୍ୟବସାୟ ଉପଲକ୍ଷରେ ଯାଇ ସେଠାରେ ବାସ କରନ୍ତି, ନେଟାଲସ୍ଥ ଇଂରାଜମାନେ ସେମାନଙ୍କୁ କୁଲି ବୋଲି ହତାଦର କରନ୍ତି ଏବଂ ପଥ ସୁଖେ ବ୍ୟବହାର କରିବାର ଅଧିକାର ଦିଅନ୍ତି ନାହିଁ । ନେଟାଲର ଭାରତବାସୀମାନେ ଏପ୍ରକାର ଅନ୍ୟାୟ ବ୍ୟବହାରର ପ୍ରତିକାର କରି ଆସୁଅଛନ୍ତି ମାତ୍ର ଅଦ୍ୟାପି ଯଥୋଚିତ ପ୍ରତିକାର ପାଇ ନାହାନ୍ତି । ଟ୍ରାନସ୍‌ଭାଲ ଯୁଦ୍ଧରେ ଇଂରାଜପକ୍ଷର ଆହତ ସୈନ୍ୟଙ୍କୁ ଯୁଦ୍ଧକ୍ଷେତ୍ରରୁ ଡୁଲିରେ ବହି ଆଣିବା କାର୍ଯ୍ୟରେ ଭାରତବାସିମାନେ ନିଯୁକ୍ତ ହୋଇଅଛନ୍ତି ଏବଂ ସେମାନଙ୍କର ଧୈର୍ଯ୍ୟ ସାହସ ଏବଂ କର୍ତ୍ତବ୍ୟପରାୟଣତା ଦେଖି ନେଟାଲର ସମ୍ବାଦପତ୍ରମାନେ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କର ଭୂରି ପ୍ରଶଂସା କରୁଅଛନ୍ତି । ଏକ ସମ୍ବାଦ ପତ୍ରରେ ଲେଖା ଅଛି କି ଯେ ଘୋର ରଣ ବେଳେ ଅଜସ୍ର ଗୁଳିବୃଷ୍ଟିରେ ସୈନ୍ୟମାନେ ଅନବରତ ହତ ଓ ଆହତ ହେଉଥିବା କାଳରେ ଡୁଲି ବାହକମାନେ ପ୍ରାଣର ଆଶା ଛାଡ଼ି ଅସାଧାରଣ ସାହସ ସହିତ ଆପଣା କାର୍ଯ୍ୟ କରିଅଛନ୍ତି ଏବଂ ସେହି କାରଣରୁ ଅନେକ ଆହତ ସୈନ୍ୟ ପ୍ରାଣ ପାଇଅଛନ୍ତି । ଅନ୍ୟାନ୍ୟ ସମ୍ବାଦପତ୍ର ମଧ୍ୟ ଭାରତବାସିଙ୍କ କାର୍ଯ୍ୟରେ ଆଶ୍ଚର୍ଯ୍ୟ ହୋଇ ସେମାନଙ୍କୁ ଏତେକାଳ ହତାଦର କରିବାର ଅପରାଧ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଅଛନ୍ତି । ଯେବେ ଏ ସମସ୍ତ ସମ୍ବାଦପତ୍ର ନେଟାଲବାସି ଇଂରାଜମାନଙ୍କର ଯଥାର୍ଥ ଭାବ ବ୍ୟକ୍ତ କରିଅଛନ୍ତି ତେବେ ଆଶା ହୁଏ ଯେ ଭାରତବାସୀମାନେ ସେଠାରେ ଯେଉଁ ଅନ୍ୟାୟ ବ୍ୟବହାର ସହ୍ୟ କରୁଅଛନ୍ତି ତାହା ଦୂର ଶେଷ ହେବାର ଆଉ ରହିବ ନାହିଁ ! ଗୁଣର ଆଦର ଅବଶ୍ୟ ହେବ । ଭାରତବାସିମାନେ ଇଂରାଜଙ୍କ ଠାରୁ ଅନେକ ପରିମାଣରେ ଦରିଦ୍ର ହେଲେହେଁ ଧର୍ମଭୟ ଏବଂ କର୍ତ୍ତବ୍ୟପାଳନରେ ଅନ୍ୟ ଦେଶୀୟଙ୍କ ଠାରୁ ଊଣା ନୁହନ୍ତି ଏବଂ ଇଂରାଜ ଶାସନ ପ୍ରତି ସେମାନଙ୍କର ଦୃଢ଼ଭକ୍ତି ଅଛି କୌଣସି ଆପଣା ପ୍ରାଣର ଆଶା ଛାଡ଼ି ରାଜକାର୍ଯ୍ୟ କରୁଅଛନ୍ତି । ଭାରତବାସି ସୈନ୍ୟମାନେ ନାନା-

Split by PDF Splitter
Digitized by srujanika@gmail.com

ମୂଳରେ ଏହି ଭାବର ପଦଚିହ୍ନ ଦେଖଅଛନ୍ତି । କାହିଁକି ବନ୍ଧୁର ପଶ୍ଚାଦ୍‌ଗାମୀ ! ଏଥି ଉତ୍ତରୁ ଯେବେ ଇଂରାଜମାନେ କୃଷକବାଦି କି କହି ବୋଲି ଗ୍ରହଣ ନ କରିବେ ତେବେ ତାହା କପାଳର ଦୋଷ ବିନା ଆଉ କ ବୋଲାଯିବ ।

---

## କଟକପ୍ରଦର୍ଶନୀ ।

ଏହି ପ୍ରଦର୍ଶନୀ ଗତପୂର୍ବ ଶୁକ୍ରବାର ଅର୍ଥାତ୍ ଚଳିତ ମାସ ତା ୨ ରଖରେ ଆରମ୍ଭ, ତହିଁ ଆର ଦିନ ସମସ୍ତ ଲୋକଙ୍କ ନିମନ୍ତେ ଖୋଲା ରହି ରବିବାର ଶେଷ ହେଲା । ପ୍ରଥମ ଦିବସ ଅପରାହ୍ଣ ଘ ୪ ଘା ସମୟରେ ନିମନ୍ତ୍ରିତ ବ୍ୟକ୍ତିମାନେ ଉପସ୍ଥିତ ହୋଇ ଛୋଟ ଲାଟ୍ ମିଃ ଦାସଙ୍କଦ୍ୱାରା ସ୍ଥାପିତ ତାମ୍ବୁରେ ବିଶ୍ରାମ ଗ୍ରହଣ କରିଥିଲେ । ମିଃ ଦାସ ମଧ୍ୟ ପୂର୍ବରୁ ପ୍ରଦର୍ଶନୀର ଆମନ୍ତ୍ରିତ ବ୍ୟକ୍ତିମାନଙ୍କୁ ସମ୍ମିଳନର ଆମନ୍ତ୍ରଣ କରିଥିଲେ । ପ୍ରଦର୍ଶନୀ ସହ ଯେଉଁ ଆମୋଦ ପ୍ରମୋଦର ବ୍ୟବସ୍ଥା ଥିଲା ତାହା ସେହି ତାମ୍ବୁ ସମ୍ମୁଖରେ ହୋଇଥିଲା ସୁତରାଂ ଭଦ୍ରମଣ୍ଡଳୀଙ୍କର କୌଣସି ଅସୁବିଧା ନ ଥିଲା । ଆମୋଦ ନିମନ୍ତେ କୁସ୍ତି, ସର୍କସ, ଅସ୍ତ୍ରଖେଳ ଓ ନାଟ ହୋଇଥିଲା । ପଡ଼ିଆ ସ୍ଥାନରେ ଏହିସବୁ କାର୍ଯ୍ୟ ହୋଇଥିବାରୁ ବାହାର ଲୋକମାନେ ଦେଖିବାକୁ ସମର୍ଥ ହୋଇଥିଲେ । ଏହି ନଗର ଯୁବକ କମିଟିରେ ଯେଉଁ ବଙ୍ଗୀୟ ସଉକିଆ ଦଳ ଆସି କେତେକ ଦିବସ ତାମାସା ଦେଖାଇ ଥିଲେ ସେହିମାନେ ମଧ୍ୟ ସେଠାରେ ଆଶ୍ଚର୍ଯ୍ୟ କାର୍ଯ୍ୟମାନ ଦେଖାଇଥିଲେ । ସଦେଇ ବେହେରା ଓ ଶେଖ ଅମୀର, ବନମାଳୀ ବେହେରା ଓ ଜଣେ ବିଦେଶୀ ଏହି ଦୁଇ ଦଳର କୁସ୍ତି ହୋଇଥିଲା । ରବିବାର ଖେଳ ଦକ୍ଷି ବଙ୍ଗାଳିର ମୋକାରଙ୍କ ଯୁକ୍ତି ଦେଖାଇଥିଲେ । ଶନିବାର ଦିବସ ପ୍ରାତଃକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଲୋକଙ୍କ ସକାଶେ ପ୍ରଦର୍ଶନୀ ଖୋଲା ଥିଲା । ଦର୍ଶକ ସଂଖ୍ୟା ଅତ୍ୟଧିକ ହୋଇଥିଲା । ଅପରାହ୍ଣ ଘ ୪ ଘା ସମୟରେ ସ୍କୁଲ ବାଳକମାନଙ୍କର କ୍ରିକେଟ ଖେଳ ହୋଇଥିଲା ଓ ସନ୍ଧ୍ୟାରେ ଯୁବକ କମିଟିରେ ବାଜେ ନାଟ ହୋଇଥିଲା ।

ଏହିସବୁ ଆମୋଦ ପ୍ରମୋଦ ପ୍ରଦର୍ଶନୀ ପ୍ରତି ଦୃଷ୍ଟି ଆକର୍ଷଣ କରିବା ଉପଲକ୍ଷରେ ହୋଇଥିଲା । ଶୁଣାଯାଉଅଛି ଯେ ପ୍ରଦର୍ଶନୀ ପ୍ରତି ଲୋକଙ୍କର ଶ୍ରଦ୍ଧା ବୃଦ୍ଧି ହୋଇଥିବାର ବୋଧ ହେଲା । ଗତବର୍ଷ ନ ୭୮୯ ଣ ପ୍ରଦର୍ଶନୀ ଦ୍ରବ୍ୟ ପ୍ରେରଣ କରିଥିଲେ । କିନ୍ତୁ ଏଥର ନ ୭୦୦ ଣ ଦ୍ରବ୍ୟ ପ୍ରେରଣ କରିଥିଲେ ସୁତରାଂ ପ୍ରେରକଙ୍କ ସଂଖ୍ୟା ଶତକଡ଼ା ୪୦ ବୃଦ୍ଧି ପାଇଥିଲା ।

ପ୍ରଦର୍ଶନୀ ଦ୍ରବ୍ୟମାନଙ୍କର ବର୍ଣ୍ଣନା ଆମ୍ଭମାନଙ୍କର ପକ୍ଷରେ କ୍ଷୁଦ୍ର କଲେବରରେ ସ୍ଥାନ ପାଇବାର ଅସମ୍ଭବ । ଶୁଣିବାଠାରୁ ଦେଖିବାଦ୍ୱାରା ଅଧିକ ଫଳର ଦେଶୀୟ ଦ୍ରବ୍ୟର ଉନ୍ନତି ନିମନ୍ତେ ଏହି ପ୍ରଦର୍ଶନୀର ସୃଷ୍ଟି ସୁତରାଂ ପ୍ରଦର୍ଶନୀ ସ୍ଥାନରେ ଉପସ୍ଥିତ ନ ହେଲେ ପ୍ରଦର୍ଶନୀର ଆବଶ୍ୟକତା ଅନୁଭୂତ ହେବ ନାହିଁ ଅମ୍ଭେମାନେ ଆଶା କରୁଁ ଆଗାମୀ ବର୍ଷର ପ୍ରଦର୍ଶନୀରେ ଅଧିକ ଲୋକ ଯୋଗ ପ୍ରଦାନ କରି ଉଦ୍ୟୋକ୍ତାମାନଙ୍କୁ ଅଧିକତର ଉତ୍ସାହିତ କରିବେ ।

---

## ଟ୍ରାନ୍ସ୍‌ଭାଲ ଯୁଦ୍ଧ ।

ତା ୩୧ ରଖର ତାରସମ୍ବାଦ । ସ୍ପିୟୁନକୋପ ଯୁଦ୍ଧ ଗଭୀର ଉଦ୍ୟମ ନିଷ୍ଫଳ ହୋଇଥିଲା ଏ ଯୁଦ୍ଧରେ ବିଶେଷ ରକ୍ତପାତ ହୋଇଅଛି ଶତ୍ରୁପକ୍ଷରୁ ଧୂମଶୂନ୍ୟ ବାରୁଦ ବ୍ୟବହାର ହୋଇଥିଲା ସୁତରାଂ ଶତ୍ରୁଙ୍କ ତୋପସ୍ଥାନ ଜଣାଯାଇ ନ ଥିଲା ।

ବ୍ରିଟିଶ ସୈନ୍ୟ ଟୁଗେଲା ନଦୀ ପାରହୋଇ ଫେରି ଯାଇଥିଲେ ସୁଦ୍ଧା ଲେଡିସ୍ମିଥ ସୈନ୍ୟ ଦଳ ତଥାପି ଲେଡିସ୍ମିଥକୁ ରକ୍ଷା କରିବାକୁ ସମର୍ଥ ଅଛନ୍ତି ।

ବୁଅରମାନେ କହନ୍ତି ସ୍ପିଅନକୋପ ଯୁଦ୍ଧରେ ସେମାନଙ୍କର ନ ୫୦ ଣ ହତ ଓ ନ ୧୨୦ ଣ ଆହତ ହୋଇଅଛନ୍ତି ।

ତା ୧ ରଖ ତାର ସମ୍ବାଦ । ଟୁଗେଲା ନଦୀ ପାର ହୋଇଯିବା ତାରିଖରୁ ପୁନଶ୍ଚ ଫେରି ଆସିବା ତାରିଖ ମଧ୍ୟରେ ଇଂରାଜଙ୍କର ନ ୩୦୧ ଣ ହତ ଓ ନ ୧୫୮୪ ଣ ଆହତ ହୋଇଅଛନ୍ତି ଓ ନ ୧୬୦ ଣ ଧରାଇଛନ୍ତି ।

ସ୍ପିଅନକୋପ ଯୁଦ୍ଧରେ ଭଙ୍ଗ ଦେଇ ଇଂରାଜ ସେନା ଫେରିଆସିବା ସମୟରେ ବାଟରେ ସେମାନଙ୍କର ଗୋଲନ୍ଦାଜ ଓ ଇଞ୍ଜିନିୟରମାନଙ୍କ ସହିତ ଭେଟ ହୋଇଥିଲା । ବ୍ରିଟିଶ ସୈନ୍ୟଙ୍କ ପ୍ରତ୍ୟାବର୍ତ୍ତନ ଉପରେ ବୁଅରମାନେ ସ୍ପିଅନକୋପକୁ ସୈନ୍ୟବଳରେ ଅଧିକ ଦୃଢ଼ କରୁଅଛନ୍ତି । ଜେନେରଲ ବୁଲର ଅନ୍ୟ ଏକ ବାଟରେ ଲେଡିସ୍ମିଥ ଅଭିମୁଖେ ଗମନ କରିବାର ଜନରବ ଉଠିଅଛି ।

ମେଫକିଂ ଅବରୋଧରୁ ମୁକ୍ତି ପାଇଥିବାର କଥିତ ହୁଏ ।

ତା ୨ ରଖ ତାରସମ୍ବାଦ । ମେଫକିଂଠାରୁ କର୍ଣ୍ଣେଲ ବେଡେନପାଓେଲ ସମ୍ବାଦ ଦେଇ ଅଛନ୍ତି ଯେ ସେ ଶତ୍ରୁପକ୍ଷର ବୃହତ୍ ତୋପକୁ ଅବସ୍ଥିତ ସ୍ଥାନରୁ ପରିବର୍ତ୍ତନ କରାଇବାକୁ ସମର୍ଥ ହୋଇଅଛନ୍ତି ।

ତା ୩ ରଖ ତାରସମ୍ବାଦ । ଜେନେରଲ ବୁଲର ପୁନର୍ବାର ଯୁଦ୍ଧ ନିମନ୍ତେ ଶୀଘ୍ର ବାହାରିବାର ଆଶା କରାଯାଏ ।

ଜେନେରଲ ଫ୍ରେଞ୍ଚ କେପଟାଉନରେ ଉପସ୍ଥିତ ହୋଇ ଲର୍ଡ ରବର୍ଟସଙ୍କ ସହିତ ପରାମର୍ଶ କରୁଅଛନ୍ତି ।

ତା ୪ ରଖ, ବୁଅରମାନେ କିମ୍ବର୍ଲିର ନିକଟରେ ଥିବା ବ୍ରିଟିଶ ମାଜଷ୍ଟୋଣ୍ଟିକୁ ଘେରି ନେଇଅଛନ୍ତି । ଲର୍ଡ ରବର୍ଟ ବୁଅରଙ୍କ ସୈନ୍ୟାଧ୍ୟକ୍ଷ ପ୍ରିଟୋରିଅସଙ୍କୁ ଛାଡ଼ିଦେବାର ବନ୍ଦୋବସ୍ତ କରିଅଛନ୍ତି । ଯୁଦ୍ଧରେ ଆହତ ହେବା ହେତୁ ତାଙ୍କର ପାଦ କଟା ହୋଇଅଛି ।

ତା ୫ ରଖ ବୋମ୍ବେର ଗେଜେଟର ଜଣେ ଲଣ୍ଡନ ସମ୍ବାଦଦାତା ଲେଖିଅଛନ୍ତି ଯେ ଜେନେରଲ ବୁଲର ତା ୨ ରଖ ଫିବ୍ରୁଆରୀ ଶୁକ୍ରବାର ଦିବସ ଟୁଗେଲା ପାର ହୋଇ ଏକ୍ନୋଟ୍ସ ବାଟେ ଲେଡିସ୍ମିଥ ଅଭିମୁଖେ ଗମନ କରୁଅଛନ୍ତି । ଏ ବାଟ ସମ୍ବଳ ଅଟେ ସୁତରାଂ ଏହାଙ୍କର ଗତି ବୁଅରମାନେ ଜାଣି ନ ପାରିଲେ ସୋମବାର ଅର୍ଥାତ୍ ତା ୫ ରଖ ସୁଦ୍ଧାରେ ଲେଡିସ୍ମିଥରେ ପହୁଞ୍ଚି ପାରିବେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

କୃଷିବିଭାଗର ବର୍ତ୍ତମାନ ଡାଇରେକ୍ଟର ମିଃ ... ଏକ ମାସ ୨୨ ଦିନ ଛୁଟି ପ୍ରାପ୍ତ ହେଲେ ।

ବର୍ଦ୍ଧମାନର ଏକ୍ଟିଂ ଡେପୁଟୀ ମାଜିଷ୍ଟ୍ରେଟ ଓ ଡେ଼ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ... ତାଙ୍କ ସ୍ଥାନର ... ନିଯୁକ୍ତ ହେଲେ ।

ଡେ଼ ମାଜିଷ୍ଟ୍ରେଟ ଓ ଡେ଼ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଦାସ ଓଡ଼ିଶା ଡିଭିଜନର ପର୍ଯ୍ୟଟନ ଅଫିସର କମିଶନର କାର୍ଯ୍ୟରୁ ଅବ୍ୟାହତି ପାଇ ମେଦିନୀପୁର ଜିଲ୍ଲାର ସଦର ମହକୁମାରେ ସ୍ଥାନାନ୍ତରିତ ହେଲେ ।

କଟକର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେ଼ କଲେକ୍ଟର ବାବୁ ... ଓଡ଼ିଶା ଡିଭିଜନର କମିଶନରଙ୍କ ପର୍ଯ୍ୟଟନ ଅଫିସ ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱର ଡେ଼ ମାଜିଷ୍ଟ୍ରେଟ ମିଃ ... ମାର୍ଚ୍ଚ ଓ ... ମାସ ୧୧ ଦିନ ... ଛୁଟି ପ୍ରାପ୍ତ ହେଲେ ।

Split by PDF Splitter
Digitized by srujanika@gmail.com

Split by PDF Splitter



ମହାଶୟ !

ରେଭେନ୍ସା କଲେଜସ୍କୁଲର ଛାତ୍ରବୃନ୍ଦ ସ୍ୱର୍ଗୀୟ ଭୂତପୂର୍ବ ହେଡ୍‌ମାଷ୍ଟର ଶ୍ରୀଯୁକ୍ତ ବାବୁ ହରିଦାସ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କ ପ୍ରତିମୂର୍ତ୍ତି ପ୍ରସ୍ତୁତ କରାଇ ସମ୍ପ୍ରତି ରେଭେନ୍ସା କଲେଜ ଗୃହରେ ସ୍ଥାପନ କରିଅଛନ୍ତି ଶୁଣି ଆମ୍ଭେମାନେ ଅତିଶୟ ସୁଖୀ ହେଲୁଁ । ତତ୍ପୂର୍ବ-ବର୍ତ୍ତୀ ହେଡ୍‌ମାଷ୍ଟର ଶ୍ରୀଯୁକ୍ତ ବାବୁ ରାଜେନ୍ଦ୍ର-ନାଥ ବନ୍ଦ୍ୟୋପାଧ୍ୟାୟ ମହାଶୟଙ୍କ ପ୍ରତିମୂର୍ତ୍ତି ଶିଷ୍ୟବର୍ଗ କର୍ତ୍ତୃକ ଉକ୍ତ ଗୃହରେ ଇତିପୂର୍ବେ ପ୍ରତିଷ୍ଠିତ ହୋଇଥିବାର କଥା ପାଠକମାନେ ଅବଗତ ଅଛନ୍ତି । ରେଭେନ୍ସା କଲେଜର ଭୂତପୂର୍ବ ପ୍ରିନ୍ସିପଲ ଚିରସ୍ମରଣୀୟ ମହାତ୍ମା ସାମୁଏଲ ଏକର ଓ ଏନ୍, ଏଲ, ହଲୱାର୍ଡଙ୍କ ପ୍ରତିମୂର୍ତ୍ତି ଦ୍ୱୟ ପାର୍ଶ୍ୱରେ ଉପରୋକ୍ତ ହେଡ୍‌ମାଷ୍ଟର ଦ୍ୱୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ ମହତ୍‌ବ୍ୟକ୍ତିଙ୍କ ପ୍ରତି ଭକ୍ତି ଓ କୃତଜ୍ଞତା ପ୍ରଦର୍ଶନର ନିଦର୍ଶନ ଅଟେ ।

ରେଭେନ୍ସା କଲେଜର ଲବ୍ଧପ୍ରତିଷ୍ଠିତ ଅଧ୍ୟାପକ ଶ୍ରୀଯୁକ୍ତ ବାବୁ ଅବିନାଶଚନ୍ଦ୍ର ଚଟ୍ଟୋପାଧ୍ୟାୟ ମହାଶୟ ଉକ୍ତ କଲେଜର ସେବାରେ ସ୍ୱୀୟ ବହୁମୂଲ୍ୟ ଜୀବନର ଅଧିକାଂଶ କାଳ ଯାପନ କରିଅଛନ୍ତି । ତାହାଙ୍କର ଅଲୌକିକ ଚେଷ୍ଟା ଓ ଜୀବନବ୍ୟାପୀ ଅଧ୍ୟବସାୟବଳରେ ରେଭେନ୍ସା କଲେଜ ଉନ୍ନତିର ଉଚ୍ଚପଦବୀରେ ଆରୂଢ଼ ହୋଇଅଛି, ଏଥିରେ କୌଣସି ସଂଶୟ ନାହିଁ । ରେଭେନ୍ସା କଲେଜର ଶ୍ରୀବୃଦ୍ଧିସାଧନ ଯାହାଙ୍କର ଜୀବନର ଏକମାତ୍ର ଲକ୍ଷ ଥିଲା—ସ୍ୱୀୟ ହୃଦୟର ରକ୍ତ ଢାଳିବାଦ୍ୱାରା ଯେଉଁବ୍ୟକ୍ତି ଉକ୍ତ କଲେଜର ମୁମୂର୍ଷୁ ପ୍ରାୟ ଦେହରେ ନବଜୀବନର ସଞ୍ଚାର କରି ଯାଇଅଛନ୍ତି—ବର୍ତ୍ତମାନ ଯନ୍ତ୍ରୋପଯୋଗୀ ଶିକ୍ଷାର ଅଭାବହିଁ ଉତ୍କଳର ଦୁର୍ଦ୍ଦଶାର ଏକମାତ୍ର କାରଣ ଜାଣି ଯେଉଁ ମହାତ୍ମା ଉକ୍ତ ଦୁର୍ଦ୍ଦଶା ମୋଚନରେ ଅକାତର ପରିଶ୍ରମ କରୁଅଛନ୍ତି—ସେହି ମହାପ୍ରାଣ ପୁରୁଷସିଂହଙ୍କ ପ୍ରତିମୂର୍ତ୍ତି ରେଭେନ୍ସା କଲେଜ ଗୃହରେ ସ୍ଥାପନପୂର୍ବକ କୃତଜ୍ଞତା ପ୍ରକାଶ କରିବା ଅସ୍ମାଦଙ୍କର ଏକାନ୍ତ କର୍ତ୍ତବ୍ୟ । ମହଦ୍‌ବ୍ୟକ୍ତିର ଗୁଣ ଉପଲବ୍ଧି ଓ ତଦୁପଯୁକ୍ତ ସମ୍ମାନ ପ୍ରଦର୍ଶନ କରିବା ଜାତୀୟ ଜୀବନର ପରିଚାୟକ । ସମ୍ମାନପ୍ରଦର୍ଶନରେ ଭକ୍ତି ଓ ଦେବପ୍ରବୃତ୍ତି । ଯେଉଁ ଜାତି ଗୁଣୀକୁ ସମ୍ମାନ କରେ, ସେ ଜାତି ଉନ୍ନତ । ଉତ୍କଳ ଏହି ପରମବନ୍ଧୁଙ୍କ ମୂର୍ତ୍ତି ଏ ପ୍ରକୃଷ୍ଟ ଆଲେଖ୍ୟ କଲେଜ ଗୃହରେ ସ୍ଥାପନ କଲେ ତାହା ଦେଶର ଓ ଜାତିର ଗୌରବର ପରିଚାୟକ ହେବ ।

ଅବିନାଶ ବାବୁଙ୍କ ଛାତ୍ରବର୍ଗଙ୍କ ମଧ୍ୟରେ ପ୍ରାୟ ସମସ୍ତେହିଁ ଉଚ୍ଚଶିକ୍ଷିତ ଓ ସମ୍ମାନୀୟ ଉଚ୍ଚପଦରେ ନିଯୁକ୍ତ କର୍ମଚାରୀ ଅଟନ୍ତି । ଉତ୍କଳର ବର୍ତ୍ତମାନ ମୁଖୋଜ୍ଜ୍ୱଳକାରୀ କୃତବିଦ୍ୟବ୍ୟକ୍ତିବର୍ଗ ଅବିନାଶ ବାବୁଙ୍କ ନିକଟରୁ ଉଚ୍ଚଶିକ୍ଷା ପ୍ରାପ୍ତ ହୋଇ ଉନ୍ନତିର ଏତାଦୃଶ ଉଚ୍ଚପଦବୀରେ ଆରୂଢ଼ ହୋଇଅଛନ୍ତି । କଟକ ରେଭେନ୍ସା କଲେଜ ଓ ଉତ୍କଳଦେଶ ଯେଥିପରିମାଣେ ଅବିନାଶ ବାବୁଙ୍କ ନିକଟରେ ଯେତେ ଋଣୀ, ରାଜେନ୍ଦ୍ର ବାବୁ ଓ ହରିଦାସ ବାବୁଙ୍କ ନିକଟରେ ସେତେ ଋଣୀ ନୁହେଁ । କାରଣ, ଅବିନାଶ ବାବୁଙ୍କ ଶିଷ୍ୟବର୍ଗଙ୍କ ପ୍ରାୟ ଉକ୍ତ ହେଡ୍‌ମାଷ୍ଟର ଦ୍ୱୟଙ୍କ ଶିଷ୍ୟବର୍ଗ ତାଦୃଶ ଉଚ୍ଚପଦାରୂଢ଼ ଓ ଦେଶର ମୁଖୋଜ୍ଜ୍ୱଳକାରୀ ନୁହନ୍ତି । ପୁନଶ୍ଚ, କଟକ କଲେଜିଏଟସ୍କୁଲରେ ହରିଦାସ ବାବୁଙ୍କ ଅଧ୍ୟାପନା ଏକବର୍ଷକାଳବ୍ୟାପୀ । ସୁତରାଂ ଅବିନାଶ ବାବୁଙ୍କ ପରି ସେମାନଙ୍କ ଅଧ୍ୟାପନା ଦୀର୍ଘକାଳ-ବ୍ୟାପୀ ନୁହେଁ । ଦୁଃଖର ବିଷୟ, ରାଜେନ୍ଦ୍ର ବାବୁ ଓ ହରିଦାସ ବାବୁଙ୍କ ପ୍ରତିମୂର୍ତ୍ତି କଲେଜ ଗୃହରେ ପ୍ରତିଷ୍ଠିତ ହେବାର ଦେଖି ମଧ୍ୟ ଅବିନାଶ ବାବୁଙ୍କ ପ୍ରତିମୂର୍ତ୍ତି ଉକ୍ତ ଗୃହରେ ସ୍ଥାପନପୂର୍ବକ ଗୁରୁଭକ୍ତି ଓ ମହଦ୍‌ବ୍ୟକ୍ତିଙ୍କ ପ୍ରତି ସମ୍ମାନ ପ୍ରଦର୍ଶନରେ ତାହାଙ୍କର ଶିଷ୍ୟ ଓ ବନ୍ଧୁବର୍ଗ ଅଦ୍ୟାପି ନିଶ୍ଚେଷ୍ଟ ଅଛନ୍ତି ।

ଉପସଂହାରରେ ବକ୍ତବ୍ୟ ଏହିକି, ଅବିନାଶ ବାବୁଙ୍କ କୃତବିଦ୍ୟ ଛାତ୍ର ଓଡ଼ିଶାର ପର୍ସନାଲ-ଆସିଷ୍ଟାଣ୍ଟ ଭକ୍ତିଭାଜନ ଶ୍ରୀଯୁକ୍ତ ବାବୁ ଗୋପାଳ-ବଲ୍ଲଭ ଦାସ, ଏମ୍, ଏ, ମହୋଦୟ ସଭା ଆହ୍ୱାନ କରି ଏ ବିଷୟରେ କର୍ତ୍ତବ୍ୟ ସ୍ଥିର କରିବା ସକାଶେ ପ୍ରସ୍ତୁତ ହୋଇଥିଲେ । ତାହାଙ୍କର ବାକ୍ୟ କି କାର୍ଯ୍ୟରେ ପରିଣତ ହେବ ନାହିଁ ?

ତା ୧୦ ନମ୍ବର ଏଭନ୍ୟୁ ବାଗାନ ଲେନ କଲିକତା, ୨୫।୧।୧୯୦୦ — ଭବଦୀୟ ଶ୍ରୀକୃଷ୍ଣମୋହନ ଚକ୍ରବର୍ତ୍ତୀ

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ଶ୍ରୀ ବାବୁ ଜଗନ୍ନାଥ ଦାସ ସେମିପୁର | ୫ ୪ |
| " କାଶୀନାଥ ଦାସ ଭଣପୁର | ୬ ୨ ୳ |
| " ଭଗବାନ ଦାସ ରେଙ୍ଗୁନ | ୫ ୩ ୳ |
| " ଶ୍ୟାମସୁନ୍ଦର ତ୍ରିପାଠୀ ବାଲେଶ୍ୱର | ୫ ୩ ୳ |
| ଶ୍ରୀଯୁକ୍ତ ରାଜା । କ । ନିଭାସ୍ଥା | ୫ ୩ ୳ |
| ଶ୍ରୀ ବାବୁ ଗୋପାଳପ୍ରସାଦ ମହାନ୍ତି କେନ୍ଦ୍ରାପଡ଼ା | ୫ ୩ ୳ |
| " ଶ୍ୟାମସୁନ୍ଦର ଅଜଗୁଡ଼ | ୫ ୧ ୳ |
| " ଜଗବନ୍ଧୁ ମହାନ୍ତି ଶିଆଳପୁର | ୫ ୩ ୳ |
| " ସଦାଶିବ ସାମନ୍ତ ଭଗବତୀ | ୫ ୩ ୳ |

---

# ବିଜ୍ଞାପନ ।

## "ଉତ୍କଳ ସାହିତ୍ୟ" ।

ଉତ୍କଳ ଭାଷାରେ ଏକମାତ୍ର ମାସିକ ପତ୍ର—ବାର୍ଷିକ ମୂଲ୍ୟ ଦୁଇଟଙ୍କା ମାତ୍ର । ଛଅବର୍ଷ ହେଲା ଚଳି ଆସୁଅଛି । ଉତ୍କଳର ବହୁ ସୁଲେଖକ ଏଥିରେ ପ୍ରବନ୍ଧାଦି ଲେଖନ୍ତି । କେବଳ ଛାପା-ଖାନାର ଅସୁବିଧା ବଶତଃ କେତେକ ମାସ ହେଲା ପତ୍ରିକା ପ୍ରକାଶରେ ଅତ୍ୟନ୍ତ ଅନିୟମ ଘଟିଅଛି । ଏହି ଅସୁବିଧା ନିବାରଣ ନିମନ୍ତେ ବିଶେଷ ଚେଷ୍ଟା କରା ଯାଉଅଛି । ଉତ୍କଳର ଶିକ୍ଷିତ ଓ ସାହିତ୍ୟାନୁରାଗୀ ବ୍ୟକ୍ତିମାନେ ସହାୟ ହେଲେ ପତ୍ରିକା ଶୀଘ୍ର ଚିରସ୍ଥାୟୀ ହେବ ଏବଂ ଅଚିରେ ଉନ୍ନତର ଓ ସୁନ୍ଦରତର ଆକାରରେ ପ୍ରକାଶିତ ହେବ । ଅଧିକ କିଛି କହିବାକୁ ହେବ ନାହିଁ :—

(୧) ପୁରାତନ ଗ୍ରାହକମାନେ ସମସ୍ତ ବାକି ଓ ୧୯୦୦ ସନର ଅଗ୍ରିମ ମୂଲ୍ୟ ସତ୍ୱର ପ୍ରେରଣ କରନ୍ତୁ;

(୨) ନୂତନ ଗ୍ରାହକମାନେ ଅଗ୍ରିମ ମୂଲ୍ୟ ସହିତ ନାମ ଧାମ ପ୍ରେରଣ କରନ୍ତୁ;

(୩) ସଙ୍ଗତି ସମ୍ପନ୍ନ ବ୍ୟକ୍ତିମାନେ ଏକାଧିକ ବର୍ଷର ଅଗ୍ରିମ ମୂଲ୍ୟ ପ୍ରଦାନ କରି ପାରନ୍ତି ଏବଂ ଏହି ପତ୍ରିକାର ଅନୁଷ୍ଠାନରେ ସାଧ୍ୟାନୁସାରେ ଏକକାଳୀନ କିଛି ସାହାଯ୍ୟ ମଧ୍ୟ ପ୍ରଦାନ କରି ପାରନ୍ତି ।

ଆଗାମୀ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ମଧ୍ୟରେ ଏହିପରି ୫୦୦ ଗ୍ରାହକଙ୍କଠାରୁ ମୂଲ୍ୟ ହସ୍ତଗତ ହେଲେ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ଓଡ଼ିଆ ଅନୁବାଦ 'ଶ୍ରୀମଦ୍‌ଭଗବଦ୍‌ଗୀତା' ପୁସ୍ତକ ଉପହାର ପ୍ରଦତ୍ତ ହେବ । ଆମ୍ଭେମାନେ ପ୍ରଥମ ୧୦୦୦ ଗ୍ରାହକଙ୍କୁ ଉକ୍ତ ଉପହାର ଦେବାର ମନସ୍ଥ କରୁଅଛୁଁ ।

ଆମ୍ଭେମାନେ ସାହାଯ୍ୟ ସ୍ୱରୂପ ଯେଉଁ ଅର୍ଥ ପ୍ରାପ୍ତ ହେବୁଁ ପତ୍ରିକାରେ ତାହାର ପ୍ରାପ୍ତିସ୍ୱୀକାର କରିବୁଁ ଏବଂ ଅବସ୍ଥା ସ୍ୱଚ୍ଛଳ ହେଲେ ତାହା ମାତୃଭାଷାର ଅଭାବ ଅଭାବ ମୋଚନରେ ବ୍ୟୟ କରିବୁଁ ।

ଅସ୍ମାଦଙ୍କ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ;—

(୧) "ଉତ୍କଳ ସାହିତ୍ୟ" ର ଆକାର ଆଉ ଏକ ଫର୍ମ ବର୍ଦ୍ଧିତ ହେବ;

(୨) ଅପେକ୍ଷାକୃତ ଉତ୍କୃଷ୍ଟ କାଗଜରେ ପତ୍ରିକା ଛପା ହେବ;

Digitized by srujanika@gmail.com

Split by PDF Splitter



(୩) ପ୍ରବେଶିକାନୁସାରେ ପରୀକ୍ଷାଦରେ ଉତ୍କୃଷ୍ଟ ଚଳମାନ ପ୍ରବନ୍ଧ ହେବ ଇତ୍ୟାଦି ।

ଏହି ସମସ୍ତ ପ୍ରସ୍ତାବର ସଫଳତା ଉତ୍କଳରେ ଶିକ୍ଷିତ, ସାହିତ୍ୟାନୁରାଗୀ ଓ ସହୃଦୟ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରେ । ଉତ୍କଳ ପ୍ରଦେଶର ଶତଶତ ଅଭାବ ମଧ୍ୟରେ ମାସିକ ପତ୍ରର ଅଭାବ ଯେ କେତେବ ପ୍ରଧାନ ଅଭାବ ଏହା ସମସ୍ତେ ସ୍ୱୀକାର କରିବେ । ସୁତରାଂ ଏଥିରେ ଆମ୍ଭେମାନେ ପ୍ରତ୍ୟେକ ସାହିତ୍ୟାନୁରାଗୀ ଉତ୍କଳ ସନ୍ତାନଙ୍କର ସାହାଯ୍ୟ ଓ ସହାନୁଭୂତି ପ୍ରତ୍ୟାଶା କରୁଅଛୁଁ ।

ଆନନ୍ଦ ଓ କୃତଜ୍ଞତାର ସହିତ ପ୍ରକାଶ କରୁଅଛୁଁ ଯେ ବରପାଲି ଜମିଦାର ସୁଲେଖକ ଶ୍ରୀଯୁକ୍ତ ଗଙ୍ଗାଧର ମେହେର ମହାଶୟ ସ୍ୱପ୍ରଣୀତ "ମହିମା" ଓ "ଇନ୍ଦୁମତୀ" ନାମକ ପୁସ୍ତକ ଦ୍ୱୟରୁ ୧୦୦ ଖଣ୍ଡ ଲେଖାଏଁ ଏହି ଅଭିପ୍ରାୟରେ ଆମ୍ଭମାନଙ୍କ ହସ୍ତରେ ପ୍ରଦାନ କରିଅଛନ୍ତି ଯେ ଯେଉଁମାନେ ୧୯୦୦ ସନ ପାଇଁ ଉତ୍କଳ ସାହିତ୍ୟର ମୂଲ୍ୟ ପ୍ରଦାନ କରିବେ ସେମାନଙ୍କ ମଧ୍ୟରୁ ପ୍ରଥମ ଏକଶତ ଜଣଙ୍କୁ ଉକ୍ତ ପୁସ୍ତକଦ୍ୱୟ ପ୍ରଦତ୍ତ ହେବ ।

୭।୨।୧୯୦୦ କଟକ } ଶ୍ରୀ ବିଶ୍ୱନାଥ କର, ଉତ୍କଳ-ସାହିତ୍ୟ-ସମ୍ପାଦକ

## NOTICE.

It is hereby notified that the Orissa Canals will be closed for examination and repairs during the periods specified below.

Taldandah Canal from 1st March to 23rd March 1900, both days inclusive.

Kendrapara Canal and Branches from 24th March to 5th May 1900, both days inclusive.

3rd February 1900. } K. H. STEPHEN, *Superintending Engineer* Orissa Circle.

ବାଲେଶ୍ୱର ନଗରସ୍ଥ ଶ୍ରୀ ରାମଚନ୍ଦ୍ର ଟୋଲରେ ମୋଟ ୮ ଟି ବୃତ୍ତି ଖାଲିଅଛି ।

(୧) ସାହିତ୍ୟ ଉପାଧି ଶ୍ରେଣୀ, ମାସିକ ଟ ୩ ୮ ଙ୍କା, ହିଃ ମୋ ୨ ଟି

(୨) ଦ୍ୱିତୀୟ ସାହିତ୍ୟ ଶ୍ରେଣୀ, ମାସିକ ଟ ୨୪ ଙ୍କା ହିଃ ମୋ ୨ ଟି

(୩) ପ୍ରଥମ ସାହିତ୍ୟ ଶ୍ରେଣୀ, ମାସିକ ଟ ୨ ୮ ଙ୍କା ହିଃ ମୋ ୨ ଟି

(୪) ବୈଦ୍ୟକ ଶ୍ରେଣୀ, ମାସିକ ଟ ୨ ୮ ଙ୍କା ହିଃ ମୋ ୨ ଟି

ଦ୍ୱିତୀୟ ସାହିତ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ପ୍ରଥମ ବୃତ୍ତିର, ପ୍ରଥମ ସାହିତ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର ଦ୍ୱିତୀୟ ବୃତ୍ତିର, ବ୍ୟାକରଣରେ ଉତ୍ତୀର୍ଣ୍ଣ ଛାତ୍ର ତୃତୀୟ ବୃତ୍ତିର, ପ୍ରଥମ ବା ଦ୍ୱିତୀୟ ସାହିତ୍ୟରେ ଉତ୍ତୀର୍ଣ୍ଣ ଛାତ୍ର ଚତୁର୍ଥ ବୃତ୍ତିର ଅଧିକାରୀ ହୋଇ ପାରିବେ । ଉକ୍ତ ବିଷୟମାନଙ୍କରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ଆବେଦନ ସମଧିକ ଆଦରଣୀୟ ହେବ । ପରୀକ୍ଷାରେ ପ୍ରାପ୍ତ ପ୍ରଶଂସା ପତ୍ରର ଅନୁଲିପି ସହ ଆଗାମୀ ଫେବ୍ରୁୟାରୀ ତା ୨୮ ରିଖ ମଧ୍ୟରେ ଅମ୍ଭ ନିକଟକୁ ଆବେଦନ ପତ୍ର ପଠାଇବେ । ମନୋନୀତ ଛାତ୍ରମାନେ ଟୋଲ ଗୃହରେ ବସା ପାଇବେ । ଇତି ।

ବାଲେଶ୍ୱର ୩।୨।୧୯୦୦ } ଶ୍ରୀ ତ୍ରୈଲୋକ୍ୟନାଥ ଘୋଷ । ବାଲେଶ୍ୱର ସଂସ୍କୃତସମିତିର ସମ୍ପାଦକ ।

## For sale! For sale!!

One storied Pucca building with a Bungalow on a piece of khasmahal land measuring about 24 Goonts belonging to late Babu Nogendra Nath Chatterjee at Mohidas Bazar, Town Cuttack. Enquire of Biswanath Sinha, Pleader, Cuttack.

## ଅଲଙ୍କାରସାର ।

କାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଲଙ୍କାରସାର" ନାମକ ପୁସ୍ତକ ଭାଷା ବିଷୟକ ଜ୍ଞାନ ବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅତ୍ୟାଦେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ଗ୍ରନ୍ଥକର୍ତ୍ତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ କାମଣ୍ଡା ଗ୍ରନ୍ଥାଗାରରେ ଆଶାତୀତ ସ୍ୱଳ୍ପ ମୂଲ୍ୟ ଦୁଇଅଣାରେ ବିକ୍ରୟ ହେଉଅଛି । ଡାକମାସୁଲ ଏକଅଣା ଅଧିକ ।

ଶ୍ରୀଯୁତ ଟଏନଶ୍ୱ ସାହେବଙ୍କ

ଓଡ଼ିଆ

# ଫୌଜଦାରୀମ୍ୟାନୁଏଲ

ଚଉକିଦାରୀ ଇନ୍‌ସପେକ୍ଟର ତହସିଲଦାରଙ୍କୁ ଏହି ବହି ଖଣ୍ଡିଏ ଲେଖାଏଁ କିଣିବାପାଇଁ କଟକର ଶ୍ରୀଯୁତ ମାଜିଷ୍ଟ୍ରେଟ ସାହେବ ଟେକ୍ସ ଆଦାୟ କାରୀ ସବୁ ମେମ୍ବରଙ୍କ ପ୍ରତି ଆଦେଶ କରି ପରୁଆନା ଜାହିର କରୁଅଛନ୍ତି ।

ଏଥିପାଇଁ ପଞ୍ଚାୟତ କିମ୍ବା ପୋଷ୍ଟକାର୍ଡ଼ ଖଣ୍ଡିଏ ସୁଦ୍ଧା ଲେଖିବାକୁ ପଡ଼ିବ ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ତାଲିକା ଅନୁସାରେ ଆମ୍ଭର ମନୁଷ୍ୟ ଯାଇ ବହି ଦେଇ ପଇସା ନେଇ ଆସିବ । ଦାମ ପଠାଇବାର ଖର୍ଚ୍ଚ ସୁଦ୍ଧା ପଡ଼ିବ ନାହିଁ । କେବଳ ବହି ନେବା ସଙ୍ଗେ ୨ ଦାମ ଦେବାକୁ ପଡ଼ିବ । ମେମ୍ବରମାନଙ୍କୁ ଅନୁରୋଧ ଯେ ଆମ୍ଭ ମନୁଷ୍ୟ ପହଞ୍ଚିଲେ ମାତ୍ରକେ ବହି ନେଇ ଦାମ ଦେଇ ବିଦାୟ କରିଦେବେ ।

କଟକ ଓ ବାଲେଶ୍ୱରର ହାକିମମାନଙ୍କ ବ୍ୟବହାର ପାଇଁ ଗବର୍ଣ୍ଣମେଣ୍ଟ ଏହି ବହି କିଣିଅଛନ୍ତି ।

ପଞ୍ଚାୟତମାନଙ୍କ ପାଇଁ ବାଲେଶ୍ୱର ମାଜିଷ୍ଟ୍ରେଟ ୨୫୦ ଓ ପୁରୀ ମାଜିଷ୍ଟ୍ରେଟ ୧୨୦୦ ଖଣ୍ଡ ନେଇଅଛନ୍ତି ।

ମଲାଟ ବନ୍ଧାଇ ବହିର ଦାମ ଟ ୧ ୧
କାଗଜ ବନ୍ଧାଇ ବହିର ଦାମ ଟ ୦ ୧୨/

ଟ ୦ ୧୨/ (ଦଶଅଣିଆ) ବହି ମଫସଲ ପଠାଯାଉଛି । ଯେଉଁମାନେ ଟଙ୍କାବଗା ବହି ଚାହିଁବେ ସେମାନେ ଦୋକାନରୁ ଖରିଦ କରିବେ ।

କଟକ } ଶ୍ରୀ ଗୋପାଳବଲ୍ଲଭ ଦାସ, ଓଡ଼ିଶା କମିଶନରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ।

## ପ୍ରୟୋଜନୀୟ ପୁସ୍ତକ ।

ପାଉବାଉଳ ଚଉତିଶା ଦୁଇଅଣା, ଜ୍ୱର ଚଉତିଶା ଛଅଅଣା, ଗୋ ଚଉତିଶା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସୁତଳା ଚଉତିଶା ଏକଅଣା, ବସନ୍ତରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣକିଆ ମାଳିକାର ସପ୍ତମ ସଂସ୍କରଣ ଏକଅଣାରେ ମିଳିବ । ସମସ୍ତଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଉଦ୍‌ଯୋଗିସମିତିର ଭଣ୍ଡାର

### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବ୍ୟାଘାତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ଇତ୍ୟାଦିଠାରୁ କ୍ରେତାମାନଙ୍କୁ ରକ୍ଷା କରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାରି ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ତନ୍ତ୍ରର, ଚନ୍ଦ୍ରକୋଣା, ଫରାସଡ଼ାଙ୍ଗା, ପାବନା ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ି; ଇଂଲଣ୍ଡର ଚଦର, ଗରଦ, ବାପ୍ତା; ଢାକା ଉତ୍ତମ ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତିର କଳର ତିଆରି ଚଦର ଲଂକ୍ଲଥ ଛିଟ ମୋଜା ଗଞ୍ଜି ଧୋତି ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ଧଳା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ଇରେଜର, ବ୍ରସ, କଇଁଚି, ଷ୍ଟିଲପେନ, ନିବ ପ୍ରଭୃତି, ସର୍ବପ୍ରକାର ଡ୍ରଇଂ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ଉତ୍ତମ ସୁଗନ୍ଧିତୈଳ ଓ ସୁଗନ୍ଧିପାଣି; ବାଇଲି, ଆରାରୁଟ, ଶାଗୁ ପ୍ରଭୃତି ରୋଗୀମାନଙ୍କର ଉତ୍କୃଷ୍ଟ ପଥ୍ୟ; କଟକର ଭିନ୍ନ ଭିନ୍ନ ଢଙ୍ଗର ଛତା, ଫରୁଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବ, ନାନାବିଧ ଅଳଙ୍କାର । ଏତଦ୍ଭିନ୍ନ ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛାକଲେ ମୂଲ୍ୟର କେତେକାଂଶ ଜମା ଦେଲେ ସୁଲଭମୂଲ୍ୟରେ ଆଣି ଦିଆଯାଏ । କଟକ ଦେଓୟାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

## ନୂତନ ଆମଦାନୀ

## ନାନାବିଧ ଶୀତବସ୍ତ୍ର ।

# ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବହୁସଂଖ୍ୟାରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଆଠମଲ୍ଲିକ, ମୟୂରଭଞ୍ଜ, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଟୋପି, ପେଗା, ଦଂଶାପ, ବାପ୍ତା ସର୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ଜରିର ଖଚିତ ଅଙ୍ଗସ୍ଥ ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବା ବେଳେ ଆନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ ( ଅର୍ଥାତ୍ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍‌ଧାଲ ଭୋଲାନାଥ
କୃଷ୍ଣଗଳି ଫାଟକ ବନାରସ ସିଟି

---

ଲୋଅରପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ଡବଲ ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଆବଶ୍ୟକ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ମ୍ୟାନେଜର ।

# ନୂତନ ପୁସ୍ତକ ।

## ସଚିତ୍ର

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୬୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨ ୳ |
| ୨ ମଧ୍ୟ ପର୍ବ | ଟ ୨ ୳ |
| ୩ ସଭା ପର୍ବ | ଟ ୨ ୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ॥୵ |
| ୧୧ ଗଦା ପର୍ବ | ଟ ୦ । |
| ୧୨ ଜାଗିତିକା ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ॥୵ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦ ୳ |
| ୧୭ ମୌଷଳି ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦ । |
| ସଚିତ୍ର ଚୈତନ୍ୟ ଚରିତାମୃତ | ଟ ୨ ୳ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧। |
| ଭକ୍ତିହାରସ ଅଇନ | ଟ ୦ ।୵ |
| ବଡ଼ି ଶଙ୍ଖୋଦ୍ଧାରକ | ଟ ୦ ୳ |
| ଶୈବତତ୍ତ୍ୱସାର ବା ଶୈବଜୀବନ | ଟ ୦ ୵ |
| ଭଜନସାରସଂଗ୍ରହ | ଟ ୦ ୵ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୵ |
| ଅଧସ୍ତମ୍ଭକୁ | ଟ ୨ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଦର ଟ ୦ ୳ ରୁ ଊଣା ହେବ ନାହିଁ

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ"ଙ୍କ ଯନ୍ତ୍ରାଳୟରେ ଛପା ଓ ପ୍ରକାଶ ହେଲା ।

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୬ | ସଂଖ୍ୟା ୭
ତା ୧୭ ଇଶ ମାହେ ଫେବ୍ରୁଆରୀ ସନ ୧୯୦୦ ମସିହା । ମୃ । ତ ୭ ୭ ଫାଲ୍‌ଗୁନ ସନ ୧୩୦୭ ସାଲ ଶନିବାର
ଅଗ୍ରିମ ଟ ୩ | ପଶ୍ଚାଦେୟ ଟ ୬


## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରେଜୀ ସନ ୧୯୦୦ ଓ ୧୯୦୧ ଦୃକ୍‌ପକ୍ଷ ଜ୍ୟୋତିଷଜ୍ଞମାନଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦ ।
ଛୋଟ ଟ ୦୯ ୬

ମୋଫସଲ ଜନଙ୍କୁ ଡାକମାସୁଲ ଟ ୦ /
ସେଠିମାନଙ୍କର ରେଲ ଷ୍ଟିମା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରିଶଙ୍କର ରାୟ
ସେକ୍ରେଟେରୀ


ଗତ ତା ୮ ଇଶ ଶେଷ ରାତ୍ରିରେ ମନ୍ଦ୍ରାଜରେ ସାମାନ୍ୟ ଭୂମିକମ୍ପ ହୋଇ ପ୍ରାୟ ଏକମିନିଟ ପର୍ଯ୍ୟନ୍ତ ଥିଲା ଏବଂ ତାହା ପୂର୍ବରୁ ପଶ୍ଚିମଦିଗକୁ ହେବାର ଜଣା ଯାଇଥିଲା । ଏହି ଭୂମିକମ୍ପ ଅନେକ ଦୂର ପର୍ଯ୍ୟନ୍ତ ଯଥା ତ୍ରିଚିନପଲି, କୁନୁର, ପାଲଘାଟ, ମଙ୍ଗାଲୋର ପ୍ରଭୃତି ନଗରରେ ବ୍ୟାପିଥିଲା । ଏଥିରେ କ୍ଷୟକ୍ଷତି ସେ କୌଣସିଠାରେ କିଛି କ୍ଷତି ହେବାର ସମ୍ବାଦ ଆସି ନାହିଁ ।

ଶ୍ରୀଯୁକ୍ତ ଉଡ ସାହେବ ଓଡ଼ିଶାର କମିଶନର ହେବେ ବୋଲି ଶୁଣା ଯାଇଥିଲା । ଷ୍ଟେଟ୍‌ସମ୍ୟାନ ବର୍ତ୍ତମାନ ଲେଖିଅଛନ୍ତି ଯେ ଉଡ ସାହେବ ପାଟ-ନାର ଅସ୍ଥ ଏଜେଣ୍ଟ ହେବେ ଏବଂ ଇ, ବି, ହାଇସ ସାହେବ ଓଡ଼ିଶା କମିଶନର ହୋଇ ଆସିବେ । ଅସ୍ମମାନଙ୍କର ବର୍ତ୍ତମାନ କମିଶନର ମାଉଣ୍ଡ୍ରିକ ସାହେବ ସ୍ୱାସ୍ଥ୍ୟ ନିମନ୍ତେ ଭାଗଲପୁର ଜଲ୍ପାଇଗୁଡ଼ିକୁ ବଦଳି ହେଉଅଛନ୍ତି ।

ଟ୍ରାନ୍‌ସଭାଲ ଯୁଦ୍ଧ ସମ୍ବନ୍ଧୀୟ ସାହାଯ୍ୟ ପାଣ୍ଠିକ କଲିକତାର ଡି° ହାମିଲଟନ କମ୍ପାନି ଯହିଁ ଉପ-ଲକ୍ଷେ ରେଖା ସଂଗ୍ରହ କରୁଅଛନ୍ତି ତହିଁରେ ଏଥିମଧ୍ୟରେ ୨ ଲକ୍ଷ ୬୦ ହଜାରରୁ ଅଧିକ ଟଙ୍କା ଉଠିଅଛି । ଏଥିମଧ୍ୟରେ ଏକା ଜୟପୁରର ମହାରାଜାଙ୍କର ଦାନ ଏକଲକ୍ଷ ଟଙ୍କା ଅଟେ । ଭାରତର ଅନ୍ୟ କୌଣସି ସ୍ୱାଧୀନ ରାଜା ଏତେ ଅଧିକ ଏ ବିଷୟରେ ଦାନ କରି ନାହାନ୍ତି ।

ଏଠା ହରମନ୍ ସ୍କୁଲଙ୍କ ସେବା ଓ ଧର୍ମର ନିମ-ନ୍ତେ ସଦାବ୍ରତ ଅନୁଷ୍ଠାନର ଛଇର ଜଜସା-ହେବ ବଦଳି ନିଯୁକ୍ତ କରିବାର ପାଠକମାନଙ୍କୁ ଜଣାଅଛି । ଜଜ ସାହେବଙ୍କର ସେହି ଆଦେଶ ବିରୁଦ୍ଧରେ ହରମନ୍ ସ୍କୁଲରୀ ଦାରୋଗା ହାଇ-କୋର୍ଟରେ ଆପତ୍ତି କରିଥିଲେ । ମାତ୍ର ଅନେକର ବିଷୟ ତାହା ଅଗ୍ରାହ୍ୟ ହୋଇ ହାଇକୋର୍ଟଙ୍କ ବିରୁଦ୍ଧରେ ଶରଣ ଉଚିତ ହୋଇଅଛି । ମଠଧାରୀ ଓ ସଦାବ୍ରତ ଧର୍ମଭର ମାଲପତ୍ରଦାରମାନେ ସାବଧାନ ।

ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁର ନିକଟରେ ଆସାମ ପ୍ରଦେଶରେ ଭ୍ରମଣ କରିବାର ଇଚ୍ଛା କରି ଅଛନ୍ତି । ସେ ଆସନ୍ତା ମାର୍ଚ୍ଚମାସ ତା ୨ ରିଖରେ କଲିକତାରୁ ଯାତ୍ରା କରି ତା ୧୬ ରିଖରେ ଫେରି ଆସିବେ ଏବଂ ଅଳ୍ପସଂଖ୍ୟକ କର୍ମ-ଚାରୀ ସଙ୍ଗରେ ନେବେ । ଏପର୍ଯ୍ୟନ୍ତ ଆସାମରେ କୌଣସି ଗବର୍ଣ୍ଣର ଜେନେରଲଙ୍କର ପାଦ ପଡ଼ି ନାହିଁ । ଲର୍ଡ଼ କର୍ଜନ ବାହାଦୁର ସେ ଅଭାବ ଦୂର କରିବେ । ଚା ବଗିଚା ପ୍ରଭୃତି କାର୍ଯ୍ୟ କାରବାରମାନଙ୍କର ଅବସ୍ଥା ଦର୍ଶନ କରିବା ଏହି ପରିଭ୍ରମ-ଣର ଅଭିପ୍ରାୟ ଅଟେ ।

ଏ ଅଞ୍ଚଳରୁ ଧାନ ବୋଝାଇ ନୌକା ମାନ ହାଇସ୍‌ଟଙ୍କ ଦୈନିକ ଶ ୫ ଶ୍ରେଣୀରେ ମହାନଦୀରେ କଲିକାତା ଆଡ଼କୁ ଯାଉଅଛି । ଚଉଦ୍ୱାର, ବୈଦ୍ୟେଶ୍ୱର, ପଦ୍ମାବତୀ ପ୍ରଭୃତି ଗ୍ରାମମାନଙ୍କର ମହାଜନମାନେ ଅଧିକ ପରିମା-ଣରେ ଏହି ବ୍ୟବସାୟ ଚଳାଉଅଛନ୍ତି । ବାଙ୍କି, ଖଣ୍ଡପଡ଼ା, ନରସିଂହପୁର, ବଡ଼ମ୍ବା ପ୍ରଭୃତି ସ୍ଥାନ ମାନଙ୍କର ବ୍ରୀହି, ମୁଗ, ସୋରିଷ, କୋଳଥ ପ୍ରଭୃତି ଅନେକ ପ୍ରକାର ଶସ୍ୟ କଟକକୁ ଆମଦାନି ହେଉଅଛି । ଅନ୍ୟ ପଟେ ଆଠଗଡ଼ ଅଞ୍ଚଳର କୃଷକମାନେ ଦୈନିକ ପ୍ରାୟ ୫୦ ହଜାର ଟଙ୍କାରେ ଗୁଡ଼ କଟକକୁ ଆମଦାନି କରୁ-ଛନ୍ତି । ମୋଟ ଗୁଡ଼ର ଟଙ୍କାକୁ ସେ ୧୧ ରୁ ଓ ଧାନ ସେ ୬୫ । ୬୭ ର ହୋଇଛି ।

Digitized by srujanika@gmail.com

Split by PDF Splitter



ସରକାରୀ ଗତ ସପ୍ତାହର ରିପୋର୍ଟରୁ ପ୍ରକାଶ ଯେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ଲୋକଙ୍କ ସଂଖ୍ୟା ଯେଉଁ ବେଗରେ ବଢୁଥିଲା ତାହା କମି ଯାଇ ଅଛି । ପୂର୍ବ ସପ୍ତାହରେ ସେମାନଙ୍କର ସଂଖ୍ୟା ୫୭ ଲକ୍ଷ ୨୧ ହଜାର ଥିଲା ଏ ସପ୍ତାହରେ ୫୭ ଲକ୍ଷ ୮୪ ହଜାର ହୋଇଅଛି ଅର୍ଥାତ୍ ମୋଟରେ ୬୩ ହଜାର ବୃଦ୍ଧି ହୋଇଅଛି । କେବଳ ବମ୍ବେଇ ଓ ପଞ୍ଜାବରେ ବିଶେଷ ବୃଦ୍ଧି ହେବାରୁ ତାହା ଘଟିଅଛି ନଚେତ୍ ମଧ୍ୟପ୍ରଦେଶରେ ମଧ୍ୟ ଭାରତ ପ୍ରଭୃତି ପ୍ରଦେଶ ମାନଙ୍କରେ ଊଣା ପଡିଅଛି । ଗତ ଦୁଇ ସପ୍ତାହରେ ଅନେକ ସ୍ଥାନରେ ସୁବୃଷ୍ଟି ହେବାରୁ ଏହା ଘଟିଅଛି ଏବଂ ଭରସା ହୁଅଇ ଏଣିକି ଦୁର୍ଭିକ୍ଷ ପୀଡିତ ଲୋକଙ୍କ ସଂଖ୍ୟା ଆଉ ବଢିବ ନାହିଁ ।

---

କଲିକତାର ଗତ ତା ୮ ରିଖର ଟାଉନହଲରେ ସର୍ ଉଇଲିୟମହଣ୍ଟରଙ୍କର ମୃତ୍ୟୁ ଶୋଚିତ ହୋଇଅଛି ଏବଂ ତାହା ପାଠ କରି ସମସ୍ତେ ଅତ୍ୟନ୍ତ ଦୁଃଖିତ ହେବେ ସନ୍ଦେହ ନାହିଁ । ସେ ଜଣେ ଭାରି ବିଦ୍ୱାନ୍ ଏବଂ ସୁଲେଖକ ଏବଂ ପ୍ରକୃତ ଭାରତବନ୍ଧୁ ଥିଲେ । ଓଡ଼ିଶାର ଗତ ଦୁର୍ଭିକ୍ଷ ଉତ୍ତାରୁ ପ୍ରାୟ ସ ୧୮୭୦ ସାଲରେ ଦେଶର ଅବସ୍ଥା ବିଷୟକ ନାନା ବିଷୟର ତଥ୍ୟ ସଂଗ୍ରହ ନିମନ୍ତେ ଓଡ଼ିଶାକୁ ଆସିଥିଲେ ତାହାଙ୍କର ଓଡ଼ିଶା ଇତିହାସ ଗୋଟିଏ କୀର୍ତ୍ତିସ୍ତମ୍ଭ ରହିଅଛି । ସେ ସରକାରଙ୍କର ନିଯୋଗ ମତେ ସମସ୍ତ ଭାରତର ଜିଲ୍ଲାମାନ ଭ୍ରମଣ କରି ଯାଇଅଛନ୍ତି ଏବଂ ତାହାଙ୍କର ଭାରତ ଇତିହାସ ଗ୍ରନ୍ଥି ଏ ବହୁମୂଲ୍ୟ ଗ୍ରନ୍ଥ ଅଟେ ।

---

ସୋରେ ଅନନ୍ତପୁର ଗ୍ରାମରୁ ଜଣେ ଭଦ୍ରଲୋକ ଲେଖିଅଛନ୍ତି କି ସେହି ଗ୍ରାମର ଫାଣ୍ଡି ୧୮୯୨ ରେ ଉଠିଯାଇଥିବାରୁ ଚୋର ବଦମାସମାନଙ୍କର ଉପଦ୍ରବ ବଢିଥିଲା । ଗ୍ରାମବାସିଙ୍କର ପୁନଃ ୨ ଅନୁରୋଧରେ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ବାଲେଶ୍ୱର ପୋଲିସର ସୁପରିଣ୍ଟେଣ୍ଡେଣ୍ଟ ପୁନଃ ପ୍ରାୟ ଫାଣ୍ଡି ସ୍ଥାପନର ଅନୁମୋଦନ ଦେବାରୁ ତଦନୁସାରେ କାର୍ଯ୍ୟ ହୋଇଅଛି । ଏଥିପ୍ରତି ପୁନର୍ବାର ସେହି ଫାଣ୍ଡି ସ୍ଥାନାନ୍ତରର ଜନରବ ପ୍ରକାଶ ହେବାରୁ ଗ୍ରାମବାସିମାନଙ୍କର ବିଷାଦ ଏବଂ ଦୁଷ୍ଟଲୋକଙ୍କର ହର୍ଷ ବୃଦ୍ଧି ହୋଇଅଛି । ଭରସା କରୁଁ ଯାହା ଅନେକ ଯତ୍ନରେ ସ୍ଥାପିତ ହୋଇଅଛି ତାହା ଏତେ ଶୀଘ୍ର ପରିବର୍ତ୍ତନ କରିବାକୁ କର୍ତ୍ତୃପକ୍ଷମାନେ ପ୍ରବୃତ୍ତ ହେବେ ନାହିଁ ।

---

ଭାରତରେ ପ୍ଲେଗ ମଡକ ବୃଦ୍ଧି ଉପରେ ଅଛି । ପ୍ରତିବର୍ଷ ସେପ୍ଟେମ୍ବରରେ ଏ ରୋଗର ବୃଦ୍ଧି ହେଉଥିଲା ମାତ୍ର ଏ ବର୍ଷ ବିଶେଷ ହୋଇଅଛି । ଯଥା ବମ୍ବେଇ ପ୍ରଦେଶରେ ଗତବର୍ଷ ଏହି ସମୟରେ ଏକଦିନ ୩୫୨ ମୃତ୍ୟୁ ଘଟିଥିଲା । ଏ ବର୍ଷ ୪୦୭ ହୋଇଅଛି । ବଙ୍ଗଳାରେ ମଧ୍ୟ ବୃଦ୍ଧି ହୋଇଅଛି ଏବଂ ପଞ୍ଜାବର ନୂତନ ଦୁଇଗ୍ରାମରେ ରୋଗ ଦେଖା ଦେଇଅଛି । ଏହାଛଡା ବମ୍ବେଇରେ ବସନ୍ତ ରୋଗ ଏତେ ପ୍ରବଳ ହୋଇଅଛି ଯେ ଗତ ତା ୮ ରିଖରେ ୪୩ ଜଣ ପୀଡିତ ଏବଂ ୩୯ ଜଣ ହତ ହୋଇଥିଲେ । ପ୍ଲେଗ ରୋଗ ଗବର୍ଣ୍ଣମେଣ୍ଟଙ୍କର ସମସ୍ତ ଯତ୍ନକୁ ବ୍ୟର୍ଥ କରି ଯେପରି ବଳବାନ୍ ହେଉଅଛି ସେଥିରୁ ଅନୁମିତ ହୁଅଇ ତାହା ଓଲାଉଠା ଏବଂ ବସନ୍ତପରି ଗୋଟିଏ ସ୍ଥାୟୀ ରୋଗ ହୋଇ ଭାରତରେ ରହିବ ।

---

ଭାରତର ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ଲଣ୍ଡନରେ ଚାନ୍ଦା ଆରମ୍ଭ ହୋଇଅଛି ଏବଂ ଏଥିମଧ୍ୟରେ ୩ ଲକ୍ଷ ୩୦ ହଜାର ଟଙ୍କା ସଂଗୃହୀତ ହୋଇଅଛି । ଅନ୍ୟାନ୍ୟ ଦାତାଙ୍କ ମଧ୍ୟରେ ବିଖ୍ୟାତ ଧନୀ ରଥ୍‌ଚାଇଲ୍ଡ ଟ ୩୦୦୦୦ ଙ୍କା ଏବଂ ଗ୍ଲିନକମ୍ପାନି ଟ ୧୫୦୦୦ ଙ୍କା ଦେଇଅଛନ୍ତି । ଗତ ତିନି ବର୍ଷ ତଳେ ଯେଉଁ ଦୁର୍ଭିକ୍ଷ ହୋଇଥିଲା ତହିଁରେ ଲଣ୍ଡନବାସିମାନେ ଏକକୋଟୀ ଟଙ୍କାରୁ ଅଧିକ ସାହାଯ୍ୟ ଦେଇଥିଲେ । ବର୍ତ୍ତମାନ ଟ୍ରାନ୍ସଭାଲଯୁଦ୍ଧ ହେତୁ ସେମାନେ ବ୍ୟସ୍ତରେ ଥାଇ ତହିଁରେ ହତ ଏବଂ ଆହତ ବ୍ୟକ୍ତିଙ୍କ ସାହାଯ୍ୟାର୍ଥେ ଅନେକ ଚାନ୍ଦା ଦେଇ ପୁନଶ୍ଚ ଯେ ଭାରତର ଦୁର୍ଭିକ୍ଷପୀଡିତ ବ୍ୟକ୍ତିଙ୍କ ନିମନ୍ତେ ଚାନ୍ଦା ଦେବାକୁ ଅଗ୍ରସର ହୋଇଅଛନ୍ତି ଏହା ସାମାନ୍ୟ ପ୍ରଶଂସାର ବିଷୟ ନୁହେ ଏବଂ ଏଥିପାଇଁ ଆମ୍ଭେମାନେ ହୃଦୟର ସହିତ କୃତଜ୍ଞତା ପ୍ରକାଶ କରୁଅଛୁ ।

---

ଜଣେ ବନ୍ଧୁଙ୍କ ପତ୍ରରୁ ଅବଗତ ହେଲୁଁ ଯେ ସୁରଙ୍ଗି ରାଜାଙ୍କର ନବକୁମାର ଜନ୍ମଠାରୁ ଦ ୨୧ ଦିନ ପର୍ଯ୍ୟନ୍ତ ସେଠାରେ ପ୍ରତିଦିନ ରାମଲୀଳା ଏବଂ ସପ୍ତାହକାଳ ନାନାସ୍ଥାନର ଆମନ୍ତ୍ରିତ ପଣ୍ଡିତମଣ୍ଡଳୀର ସଭା ହୋଇଥିଲା । ନବକୁମାରଙ୍କର ନାମ ଶ୍ରୀ ନରକେଶରୀ ଦେବ ରଖାଗଲା । ପଣ୍ଡିତମାନଙ୍କୁ ଯଥୋଚିତ ଦକ୍ଷିଣା, ଦୀନ ଦୁଃଖୀମାନଙ୍କୁ ଅନ୍ନ ବସ୍ତ୍ର ବିତରଣ ଏବଂ ନୃତ୍ୟ ଗୀତ ଆତସବାଜି ଇତ୍ୟାଦି ଅନେକ ପ୍ରକାର ସାମୟିକ ଆମୋଦ ପ୍ରମୋଦ ଛଡା ରାଜା ମହୋଦୟ ଏହି ଶୁଭ ଘଟଣାର ସ୍ମରଣାର୍ଥେ ନିଜ ଦୁର୍ଗରେ ଗୋଟିଏ ଇଂରାଜୀ ଓଡ଼ିଆ ସ୍କୁଲ ସ୍ଥାପନ ଓ ତହିଁରେ ବିନା ବେତନରେ ପିଲାମାନେ ପଢିବାର ଏବଂ ଗୋଟିଏ ଚିକିତ୍ସାଳୟ ସ୍ଥାପନର ବ୍ୟବସ୍ଥା କରିଅଛନ୍ତି । ଚିକିତ୍ସାଳୟରେ ପ୍ରତି ଶୁକ୍ରବାର ସନ୍ଧ୍ୟା ସମୟରେ ବୈଦ୍ୟମାନେ ଉପସ୍ଥିତ ହୋଇ ବିନାମୂଲ୍ୟରେ ଔଷଧ ବିତରଣ କରିବେ । ଏହି ଅନୁଷ୍ଠାନମାନ ପ୍ରଶଂସନୀୟ ଅଟେ । ପରମେଶ୍ୱର ନବକୁମାରଙ୍କୁ ଦୀର୍ଘାୟୁ କରନ୍ତୁ ।

---

ଏହି ସମ୍ବାଦପତ୍ରରେ ପାଠ କଲୁଁ ଯେ ବର୍ତ୍ତମାନ ବିଲାତରେ ୧୩୯ ହିନ୍ଦୁ, ୭୩ ମୁସଲମାନ, ୪୨ ପାରସି, ଏବଂ ୧୨ ଖ୍ରୀଷ୍ଟିୟାନ ଭାରତବାସୀ ଅଛନ୍ତି ଯଥା ୪୫ ପଞ୍ଜାବ, ୪୮ ବଙ୍ଗଳା, ୭୦ ବମ୍ବେଇ, ୨୪ ଉତ୍ତରପଶ୍ଚିମ, ୭ ମାନ୍ଦ୍ରାଜ ପ୍ରଦେଶର ଏବଂ ଅବଶିଷ୍ଟ ଦେଶୀୟ ରାଜ୍ୟର ଲୋକ ଅଟନ୍ତି । ସେମାନଙ୍କ ମଧ୍ୟରୁ ଜ ୮୦ ଣ ଆଇନ, ଜ ୩୨ ଣ ଡାକ୍ତରୀ, ଜ ୧୨ ଣ ଇଞ୍ଜିନିୟରିଂ ଏବଂ ଜ ୫ ଣ କୃଷିଶିକ୍ଷା କରୁଅଛନ୍ତି ଏବଂ ଜ ୩୪ ଣ ସିଭିଲସର୍ଭିସ ପରୀକ୍ଷା ଦେବା ନିମନ୍ତେ ପ୍ରସ୍ତୁତ ହେଉଅଛନ୍ତି । କାରଖାନା ବ୍ୟବସାୟ ସମ୍ପର୍କୀୟ ଅଧିକ ଲାଭକର ହୋଇ ତହିଁ ନିମନ୍ତେ ଅଧିକ ଲୋକ ପରିଶ୍ରମ କରିବାର ଜଣାଯାଏ ନାହିଁ । ଦେଖିଲେ ଆଇନ ଓ ଡାକ୍ତରୀରେ ସାଧାରଣ ଉନ୍ନତିର ଆଶା ନାହିଁ । କାରଖାନା ଓ କୃଷିଶିକ୍ଷା ପ୍ରତି ଅନ୍ତତଃ ହେଉ ପରିମାଣରେ ଲୋକଙ୍କର ଚେଷ୍ଟା ହେଲେ ପ୍ରକୃତ ଉପକାର ହେବ । ଅସ୍ମଦ୍ଦେଶୀୟମାନେ ବିଲାତରୁ ସେହି ବିଦ୍ୟାମାନ ଶିକ୍ଷା କରି ଆସି କୃଷି ଶିଳ୍ପାଦିର ବ୍ୟବସାୟରେ ଯେବେ ପ୍ରବୃତ୍ତ ହେବେ ତେବେ ଭାରତର ମଙ୍ଗଳ ହେବ ।

---

କେନ୍ଦ୍ରାପଡ଼ାରୁ ଜଣେ ବନ୍ଧୁ ଲେଖିଅଛନ୍ତି ତ ପ୍ରାୟ ମାସ ୨ ଏ ହେଲା ଏକଜଣ ବାବାଜୀ ଆସି ଏଠାରୁ ଅଳ୍ପଦୂର ଏକ ଗ୍ରାମରେ ଅବସ୍ଥାନ କରୁଅଛନ୍ତି । ବାବାଜୀଙ୍କୁ ବହୁ ଅସ୍ପୃଶ୍ୟ ବେଦ ବିଦ୍ୟା ଜଣା ଥିବାରୁ ପ୍ରତ୍ୟହ ଶତ ଶତ ଓ

Digitized by srujanika@gmail.com

Split by PDF Splitter



ବହୁଦୂରର ଶତ ୨ ଲୋକ ତାହାଙ୍କ ନିକଟରେ ଉପସ୍ଥିତ ହେଉଅଛନ୍ତି । ମାତ୍ର ତାହାଙ୍କଠାରୁ ମଧ୍ୟ ଅନେକ ରୋଗୀ ସେଠାକୁ ଯାଇଥିଲେ ମାତ୍ର କେହି ଆରୋଗ୍ୟ ହୋଇଥିବାର ଦେଖାଯାଏ ନାହିଁ । ସମସ୍ତ ରୋଗୀଙ୍କୁ ଏକା ପ୍ରକାର ଔଷଧ ସେବନର ବ୍ୟବସ୍ଥା ହେଉଅଛି ଓ ତାହା ଲଙ୍କାମରିଚ ବାଲିଅମାଛ ଓ ପିଆଜ ଅଟେ । ଏ ଦ୍ରବ୍ୟମାନ ବ୍ୟବହାରଦ୍ୱାରା କି ଗୁଣ ସାଧିତ ହୁଏ ତାହା ସ୍ପଷ୍ଟ କାହାରିକୁ କହି ଦେବାକୁ ହେବ ନାହିଁ । ବିଶେଷତଃ ଏକ ୨ ଜଣ [illegible] ଲଙ୍କା ବାଟି ସେବନ କରି ସହଜ ବ୍ୟାପାର ନୁହେଁ ବରଂ ଆଶ୍ଚର୍ଯ୍ୟର ବିଷୟ ଏହି କି ଅନେକ ଲୋକ ବାବାଜୀଙ୍କର ଔଷଧ ବିଧାନ ପାଳନ କରିବାରେ ଲେଶମାତ୍ର ତ୍ରୁଟି ନ କରି ଅତି ଆଦର ସହିତ ଲଙ୍କା ଗୋଟି ଚଂପାଏ ସେବନ କରୁଅଛନ୍ତି । ଅଧିକତର ଆଶ୍ଚର୍ଯ୍ୟ ଏହି କି ବାବାଜୀଙ୍କର ଏରୂପ ଚିକିତ୍ସାର ବ୍ୟବସ୍ଥା ରହିତ କରିବା ପକ୍ଷେ କୌଣସି ଉପାୟ ଅବଲମ୍ବିତ ହୋଇଥିବାର ଅଦ୍ୟାପି ଶୁଣିଲୁ ନାହିଁ । ବମ୍ବେର ଓ ପୁନା ନଗରମାନଙ୍କରେ ବ୍ୟୁବନିକ୍ ପ୍ଲେଗରେ ଲୋକଙ୍କର ମୃତ୍ୟୁ ଘଟିବାରେ କ୍ଷାନ୍ତ ନାହିଁ । ଲଙ୍କାମରିଚ ଓ ବାଲିଅମାଛ ଖାଇ କଟକବାସୀଙ୍କୁ ଏକ ନୂତନ ପ୍ଲେଗ ଆମଦାନି ହେବ ନାହିଁତ !

---

କଲିକତାର ଗ୍ରେଟଇଷ୍ଟର୍ଣ୍ଣ ଟ୍ରାନ୍ସଭାଲଯୁଦ୍ଧର ସାହାଯ୍ୟ ନିମନ୍ତେ ଚାନ୍ଦା ସଂଗ୍ରହ କରିବା ବିଷୟ ପାଠକମାନଙ୍କୁ ଜଣାଇଅଛୁଁ । ମୋଫସଲର ସବୁଠାରେ ଚାନ୍ଦା ସଂଗୃହୀତ ହେଉଅଛି ଏବଂ ନଗରରେ ଚାନ୍ଦା ସଂଗ୍ରହ ନିମନ୍ତେ ବାବୁ ଗୋକୁଳାନନ୍ଦ ଚୌଧୁରୀ ଓକିଲଙ୍କୁ ସଭା ଅନୁରୋଧ କରିବାରୁ ବାବୁ ମହୋଦୟ ଏଠାରେ ଚାନ୍ଦା ସଂଗ୍ରହ କରୁଅଛନ୍ତି । ମାତ୍ର ଅମ୍ଭେମାନେ ଦୁଃଖର ସହିତ ଅବଗତ ହେଲୁଁ ଯେ ଏପର୍ଯ୍ୟନ୍ତ ଅଳ୍ପ ଅଳ୍ପ ଚାନ୍ଦା ଉଠିଅଛି କି ଯାହା ଏ ନଗରର ଉପଯୁକ୍ତ କୌଣସିମତେ ନୁହେ । ଗୋକୁଳାନନ୍ଦ ବାବୁ ଓଡ଼ିଶା ଜମିଦାର ସଭାର ସମ୍ପାଦକ ହୋଇଥିବା ସ୍ଥଳେ ତାହାଙ୍କର ଟେକ ଏବଂ ସ୍ୱଦେଶର ସମ୍ମାନ ରକ୍ଷା କରିବା ସମସ୍ତଙ୍କର ବିଶେଷତଃ ଜମିଦାରମାନଙ୍କର କର୍ତ୍ତବ୍ୟ ଅଟେ ଏହା କହିବା ବାହୁଲ୍ୟ । ଅମ୍ଭେମାନେ ସ୍ୱୀକାର କରୁଁ ଯେ ନୂତନ ଖଜଣା ବୃଦ୍ଧି, ଅନ୍ୟାନ୍ୟ କର ଏବଂ ଘଟଣା ହେତୁ ଜମିଦାରଙ୍କର ଆୟ ଏକ ହେବାରୁ ବଦାନ୍ୟତାର ସାମର୍ଥ୍ୟ ପୂର୍ବପ୍ରାୟ ନାହିଁ ତଥାପି ପାରିବାରିକ ଶୁଶ୍ରୂଷା ନିମିତ୍ତରେ ଲୋକେ ସ୍ୱ ୨ ସମ୍ବଳ ରକ୍ଷା ନିମନ୍ତେ ବ୍ୟସ୍ତ ହେବାକୁ ଯେମନ୍ତ ଦାୟଗ୍ରସ୍ତ ସାଧାରଣ ହିତ ନିମନ୍ତେ ସେମନ୍ତ ଦାୟଗ୍ରସ୍ତ ଅଟନ୍ତି । ଭାରତର ଦୁର୍ଭିକ୍ଷ ଦୁଃଖରେ କାତର ହୋଇ ଯେତେବେଳେ ବିଲାତର ଲୋକମାନେ କୋଟି ୨ ଟଙ୍କା ଚାନ୍ଦା କରି ପଠାଇ ଦେଇଅଛନ୍ତି ସେତେବେଳେ ବିଲାତର ଦୁଃଖରେ ଅମ୍ଭେମାନେ ସାଧ୍ୟାନୁସାରେ ସହାନୁଭୂତି ନ ଦେଖାଇଲେ ମନୁଷ୍ୟପଦ ବାଚ୍ୟ ହୋଇ ପାରିବୁ କି ? ବିଶେଷତଃ ବିଲାତର ମହାରାଣୀ ଅମ୍ଭମାନଙ୍କର ସାମ୍ରାଜ୍ଞୀ ଅଟନ୍ତି । ତାହାଙ୍କର ଗୌରବ ରକ୍ଷା ନିମନ୍ତେ ଯେଉଁ ସୈନ୍ୟମାନେ ଟ୍ରାନ୍ସଭାଲଯୁଦ୍ଧରେ ହତ ଓ ଆହତ ହୋଇଅଛନ୍ତି ସେମାନଙ୍କର ଦୁଃଖୀ ପତ୍ନୀ ଓ ପୁତ୍ରାଦିର ସାହାଯ୍ୟାର୍ଥେ ଯେଉଁ ଚାନ୍ଦା ସଂଗୃହୀତ ହେଉଅଛି ତହିଁରେ ସାଧ୍ୟାନୁସାରେ ଅମ୍ଭେମାନେ ଯୋଗ ନ ଦେଲେ ଅମ୍ଭମାନଙ୍କର ରାଜଭକ୍ତି ଓ କୃତଜ୍ଞତା ପ୍ରତି କଳଙ୍କ ହେବ ।

---

## ଟ୍ରାନ୍ସଭାଲ ଯୁଦ୍ଧ ।

ତା ୬ ରଖ ତାରସମ୍ବାଦ । ରେନସ୍‌ବର୍ଗରୁ ଅତ୍ୟଧିକ ପଦାତିକ ସୈନ୍ୟ ପ୍ରେରିତ ହୋଇ ଯାଇଛନ୍ତି । ସେଠାରୁ କର୍ଣ୍ଣଲ ପ୍ଲୁମର୍ ଆକ୍ରମଣ କରିବେ । ଜେନେରଲ ହ୍ୱାଇଟଙ୍କ ଅବସ୍ଥା ଅତୀବ ମନ୍ଦ ହୋଇଅଛି । ବୁଅରଙ୍କ ପ୍ରେସିଡେଣ୍ଟ କ୍ରୁଗର ଲର୍ଡ଼ରବର୍ଟଙ୍କୁ ଲେଖିଥିଲେ ଯେ ଫ୍ରିଷ୍ଟେଟର ପ୍ରେସିଡେଣ୍ଟ ଷ୍ଟିନ୍ ଜଣାଇଅଛନ୍ତି ଯେ ବ୍ରିଟିଷ ସୈନ୍ୟ ଅନେକ ଗୋଲାଘର ପୋଡ଼ି ଦେଇ ଅଛନ୍ତି । ଲର୍ଡ଼ରବର୍ଟ ଏପରି ଦୋଷାରୋପ ମିଥ୍ୟା ଥିବାର ଉତ୍ତର ଦେଇ ବୁଅରମାନଙ୍କ ପ୍ରତି ଦୋଷ ଦେଇଅଛନ୍ତି ଯେ ସେମାନେ ସେମାନଙ୍କ ଦେଶରେ ଥିବା ବ୍ରିଟିଷ ପ୍ରଜାମାନେ ଯୁଦ୍ଧରେ ଯୋଗ ଦେବାକୁ ଅସ୍ୱୀକାର କରିବାରୁ ସେମାନଙ୍କୁ ଦେଶରୁ ତଡ଼ିଦେଇ ସେମାନଙ୍କର ଧନ ଦ୍ରବ୍ୟ ଅପହରଣ କରୁଅଛନ୍ତି ।

ବୁଅର ତାମ୍ବୁରୁ ସମ୍ବାଦ ଆସିଅଛି ଯେ ତା ୫ ରଖରେ ବ୍ରିଟିଷ ସୈନ୍ୟ ପକ୍ଷ ଓ ମୋଲେନଡ୍ରିଫ୍ଟଠାରେ ଟୁଗେଲାନଦୀ ପାର ହୋଇଥିଲେ । ପାର ସମୟରେ ଅଶେଷ ବାଧା ପ୍ରାପ୍ତ ହୋଇଥିଲେ । ଅନେକ କ୍ଷତି ସହି ସୁଦ୍ଧା ମୋଲେନଡ୍ରିଫ୍ଟ ଠାରେ ଗୋଟିଏ ସ୍ଥାନ ଅଧିକାର କରିଥିଲେ । ସେସ୍ଥାନରୁ ଲେଡିସ୍ମିଥ ଅତି ନିକଟ ଅଟେ ।

କୁଡୁଡୁବର୍ଗଠାରେ ଜେନେରଲ ମାକ୍‌ଡନଲ୍ଡ ଘୋରତର ଯୁଦ୍ଧରେ ବ୍ୟାପୃତଥିଲେ ଜ ୫୦ ଣ ହତ ଓ ଆହତ ହୋଇଅଛନ୍ତି । ନର୍ଭମାଥିନ ମଡାରନଦୀକୁ ଫେରି ଆସିବାର ଆଦେଶ ଦେଇ ଅଛନ୍ତି । ଲର୍ଡ଼ରବର୍ଟ କମ୍ବର୍ଲି ଉଦ୍ଧାର ନିମନ୍ତେ ଗମନ କରୁଅଛନ୍ତି ।

ତା ୯ ରଖ ତାର ସମ୍ବାଦ । ବୁଅରମାନେ ବେଶି ଗୋଳା ବର୍ଷଣ କରିବାରେ ବ୍ରିଟିଷସୈନ୍ୟ ସେମାନଙ୍କର ଅଧିକୃତ ସ୍ଥାନ ପରିତ୍ୟାଗ କରି ଟୁଗେଲା ପାର ହୋଇ ଫେରି ଆସିଥିଲେ । ଜେନେରଲ ବୁଲର ଜାଣଣ ଦର୍ଶାଇଅଛନ୍ତି ଯେ ବ୍ରାକଫଣ୍ଟେନ ପାହାଡ଼ ନିକଟରେ ଶତ୍ରୁମାନେ ଅଧିକ ବଳରେ ଅଛନ୍ତି, ଅନେକ ପ୍ରାଣୀଙ୍କ ପ୍ରାଣ ପ୍ରଦାନ ବ୍ୟତୀତ ଅଗ୍ରସର ହେବା ଅସମ୍ଭବ । ଶତ୍ରୁ ଦଳର ଗୋଳାବୃଷ୍ଟି ବ୍ରିଟିଷସୈନ୍ୟର ଅଗ୍ରସର ପଥରେ ବାଧାଜନକ ହୋଇଥିଲା ।

ଜେନେରଲ କ୍ଲେର ଅକର୍ମ୍ମଣ୍ୟ ହୋଇ ବିଲାତ ପ୍ରତ୍ୟାଗମନ କରୁଅଛନ୍ତି ।

ତା ୧୦ ରଖ ତାରସମ୍ବାଦ । ପ୍ରିଟୋରିୟାରେ ଜନରବ ଉଠିଅଛି ଯେ ଲେଡିସ୍ମିଥ ସୈନ୍ୟଦଳ ଫ୍ରିଷ୍ଟେଟ ଅଭିମୁଖେ ବାହାର ହୋଇ ଯିବାକୁ ଚେଷ୍ଟା କରୁଅଛନ୍ତି । କିନ୍ତୁ କୌଣସି ସରକାରୀ ସମ୍ବାଦ ଆସି ନାହିଁ ।

ତା ୧୧ ରଖ ତାର ସମ୍ବାଦ । କମ୍ବର୍ଲି ଠାରେ ବୁଅରମାନେ କ୍ରମାଗତ ଗୋଳା ବର୍ଷଣ କରୁଅଛନ୍ତି ତହିଁରେ ସ୍ତ୍ରୀ ବାଳକ ବାଳିକାମାନେ ଅଧିକ କଷ୍ଟ ସହ୍ୟ କରୁଅଛନ୍ତି ।

ଲର୍ଡ଼ ରବାର୍ଟ ମଡ଼ାର ନଦୀ ନିକଟରେ ପହୁଞ୍ଚିଅଛନ୍ତି ।

କମ୍ବର୍ଲି ଯୁଦ୍ଧ ତା ୭ ରଖରେ ଅଧିକ ଘୋରତର ହୋଇଅଛି । ବୁଅରମାନେ ତୋପ ନେଇ ମେଫ୍‌କିଙ୍ଗ ଦଗରୁ ଆସି ମିଳିତ ହୋଇଅଛନ୍ତି । ବୁଅରମାନେ ଜୁଲୁଲାଣ୍ଡ ଭିତରକୁ ଅଗ୍ରସର ହୋଇଅଛନ୍ତି । କଲେସ୍‌ବର୍ଗ ଓ ଫ୍ରିଷ୍ଟେଟର ପ୍ରାନ୍ତ ଦେଶରେ ଅଧିକ ବୁଅର ଜମା ହୋଇଅଛନ୍ତି ।

ଜେନେରଲ ବୁଲର ଟୁଗେଲା ନଦୀ ପାରି ହୋଇ ଫେରି ଆସିବା ପୂର୍ବରୁ ଶତ୍ରୁଙ୍କ ବଳ ବ୍ୟୋମଯାନଦ୍ୱାରା କଳନା କରାଇଥିଲେ । ବୁଅରମାନଙ୍କ ନିକଟରେ ଅନେକ ଗୁଡ଼ିଏ ତୋପ ଥିବାର ସେ ପୂର୍ବରୁ ଠିକ୍ କରି ପାରି ନ ଥିଲେ । କିନ୍ତୁ ଏଥର ପ୍ରତ୍ୟାଗମନ ସୁରକ୍ଷିତରେ ହୋଇଥିଲା । ଅନେକ କ୍ଷତି ହୋଇ ନାହିଁ, କେବଳ କେତେକ ସୈନ୍ୟ ଆଘାତ ପ୍ରାପ୍ତ ହୋଇଥିଲେ ।

---

Digitized by srujanika@gmail.com

## ବଙ୍ଗ ପ୍ରଦେଶର ନାଲ ବିବରଣ।

ନିମ୍ନଲିଖିତ ବିଷୟମାନ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ସନ ୧୮୯୮।୯୯ ସାଲର ନାଲ ବିବରଣ ବିବରଣରୁ ସଙ୍କଳିତ ହେଲା।

ବଙ୍ଗପ୍ରଦେଶରେ ଚାରୋଟି ବୃହତ ନାଲଶ୍ରେଣୀ ଅଛି ଯଥା ଓଡ଼ିଶା, ମେଦନୀପୁର, ଶୋଣ ଏବଂ ହିଜଲି ନାଲ ଶ୍ରେଣୀ। ଏ ସମସ୍ତ ନାଲ ନିର୍ମାଣରେ ସରକାରଙ୍କର ପ୍ରାୟ ୭ କୋଟି ଟଙ୍କା ବ୍ୟୟ ହୋଇଅଛି ନାଲର ପରିମାଣ ୭୪୮ ମାଇଲ ମଧ୍ୟରୁ ୪୫୫ ମାଇଲ ନାବ୍ୟ ଏବଂ ଅବଶିଷ୍ଟ କେବଳ କ୍ଷେତ୍ରକୁ ଜଳ ଯୋଗାଇବାର ଯୋଗ୍ୟ।

ପ୍ରତ୍ୟେକ ନାଲ ଶ୍ରେଣୀର ବ୍ୟୟ ନିମ୍ନେ ପ୍ରଦର୍ଶିତ ହେଲା ଯଥା

| | ଆୟ | ବ୍ୟୟ |
|---|---|---|
| ଓଡ଼ିଶାନାଲଶ୍ରେଣୀ | ଟ ୪,୭୬,୪୧୬ | ଟ ୪,୧୫,୨୧୦ |
| ମେଦନୀପୁର " | ଟ ୨,୨୮,୭୩୨ | ଟ ୨,୭୩,୯୮୦ |
| ଶୋଣ " | ଟ ୧୦,୭୯,୪୧୨ | ଟ ୭,୦୮,୨୪୫ |
| ହିଜଲି " | ଟ ୫୭୪,୩୦୭ | ଟ ୫୦,୯୨ |
| | ଟ ୧୮,୫୯,୯୪୨ | ଟ ୧୪,୭୨,୩୭୭ |

ସମସ୍ତ ନାଲର ଆୟ ବ୍ୟୟ ଏକତ୍ରେ ମିଶାଇ ଦେଖିବାରେ ଟ ୪,୧୨,୪୬୫ ଙ୍କା ଲାଭ ହୋଇଥିଲେହେଁ ଶେଷ ଦୁଇ ନାଲ ଶ୍ରେଣୀର ଅଧିକା ଲାଭ ହେତୁ ତାହା ଘଟିଅଛି କାରଣ ଅଦ୍ୟ ଲିଖିତ ଦୁଇ ଶ୍ରେଣୀରୁ ଓଡ଼ିଶା ଓ ମେଦନୀପୁର ନାଲ ଶ୍ରେଣୀ ନୁକସାନ [illegible] ପଡ଼ିଅଛି। ପୂର୍ବ ବର୍ଷ ଅର୍ଥାତ ସନ ୧୮୯୭।୯୮ ସାଲର ମୋଟ ଆୟ ଟ ୨୧,୭୨,୯୮୭ ଙ୍କା ଏବଂ ବ୍ୟୟ ଟ ୧୪,୩୭,୭୮୧ ଙ୍କା ହୋଇଥିବାରୁ ଟ ୭,୩୪,୬୦୯ ଙ୍କା ଲାଭ ହୋଇଥିଲା। ଏତେ ଲାଭ ନାଲର ସୃଷ୍ଟି ଦିନଠାରୁ କୌଣସି ବର୍ଷ ହୋଇ ନ ଥିଲା। ଅତଏବ ବର୍ତ୍ତମାନ ବର୍ଷର ଫଳ ନିତାନ୍ତ ସନ୍ତୋଷ ଜନକ ନୁହେଁ ଏବଂ ମୂଳଧନର ସୁଧ ଟ ୨୫,୯୩,୮୨୮ ଙ୍କା ବର୍ଣ୍ଣିତ ବର୍ଷ ନିମନ୍ତେ ଦେଣା ହେଉଥିବା ସ୍ଥଳେ ଏ ବର୍ଷର ଲାଭ କଟି ଯାଇ ୨୦ ଲକ୍ଷରୁ ଅଧିକ ଟଙ୍କା ନାଶ ଘଟି ହୋଇ ଅଛି। ବାର୍ଷିକ ଖରଚଠାରୁ ଆୟ ଅଧିକ ହେଉ ଅଛି ଏତେକ ଗୁରୁତର ବିଷୟ ଏବଂ ସମ୍ଭବତଃ ଆୟ ବୃଦ୍ଧି ହୋଇ ପାରେ ମାତ୍ର କୌଣସି କାଳରେ ନାଲ ଦ୍ୱାରା ମୂଳଧନର ସୁଧ ଉଠେ ନାହିଁ ବୋଲି ଗବର୍ଣ୍ଣମେଣ୍ଟ ଯାହା କହୁଅଛନ୍ତି ତାହା ଯଥାର୍ଥ ବୋଧ ହେଉଅଛି।

ଗତ ବର୍ଷଠାରୁ ବର୍ଣ୍ଣିତ ବର୍ଷର ଆୟ ଊଣା ପଡ଼ିବାର କାରଣ ଉଭୟ ଜଳକର ଏବଂ ନୌକର ଅଟେ। ଉଭୟ ବର୍ଷରେ ଯେଉଁ ନାଲରୁ ଯେତେ ଜମିରେ ଜଳ ମଡ଼ା ଯାଇଥିଲା ତହିଁର ବିବରଣ ନିମ୍ନେ ଲେଖା ଗଲା ଯଥା—

| | ସନ ୧୮୯୭।୯୮ | ସନ ୧୮୯୮।୯୯ |
|---|---|---|
| ଓଡ଼ିଶା | ମା ୧,୫୭,[illegible] ଏ | ମା ୧,୫୪,୮[illegible] ଏ |
| ମେଦନୀପୁର | ମା ୭୨,୩୬୭ ଏ | ମା ୭୧,୫୦୧ ଏ |
| ଶୋଣ | ମା ୪,୧୩,୫[illegible] ଏ | ମା ୪,୪୦,୭[illegible] ଏ |

ସେହିପରି ଦୁଇବର୍ଷରେ ଜଳକର ଓ ନୌକର ଆଦାୟ ହୋଇଥିଲା ଯଥା।—

| | ସନ ୧୮୯୭।୯୮ | ସନ ୧୮୯୮।୯୯ |
|---|---|---|
| ଓଡ଼ିଶା ନାଲଶ୍ରେଣୀ | ଟ ୧,୦୪,୦୫୫ | ଟ ୧,୦୩,୫୬୦ |
| ମେଦନୀପୁର " | ଟ ୧,୦୨,୧୮୪ | ଟ ୯୮,[illegible] |
| ହିଜଲି " | ଟ ୫୦,୭୫୫ | ଟ ୨୬,୬୫୯ |
| ଶୋଣ " | ଟ ୨୫,୧୫୨ | ଟ ୧୩,୧୪୯ |

ଓଡ଼ିଶା ନାଲର ଜଳକରେ ଊଣା ହେବାର କାରଣ ଏହି କି ଗତବର୍ଷ ଯେତେ ଜମିରେ ଜଳ ଦିଆ ଯାଇଥିଲା ଏବର୍ଷ ତାହା ହୋଇ ନାହିଁ। ମାତ୍ର ଶାରଦ ଫସଲ ଜମିର ପରିମାଣ ଉଭୟ ବର୍ଷରେ ସମାନ ଅଟେ। ମେଦନୀପୁର ନାଲ ଜମିବଢ଼ିରେ ଲାଗି ଥିବାରୁ ଅଳ୍ପଦିନ ତହିଁରୁ ଜଳ ଦିଆ ଯାଇ ପାରି ନ ଥିଲା। ଏହି ହେତୁରୁ ସେଠାରେ ଜଳକର ଊଣା ପଡ଼ିଲା। ବେଙ୍ଗଲ ନାଗପୁର ରେଲବାଟ ଅଂଶିକ ଖୋଲିବାରୁ ଉଭୟ ଓଡ଼ିଶା ଓ ମେଦନୀପୁର ନାଲର ନୌବ୍ୟବସାୟ ଊଣା ପଡ଼ିଲା ସୁତରାଂ ନୌକର ଊଣା ହୋଇଅଛି। ଗତ ବର୍ଷରୁ ନୌକର ଅତ୍ୟନ୍ତ ଊଣା ହେବାର କଥା ହିଜଲି ନାଲର ଆୟ ଗତବର୍ଷ ଅସାଧାରଣରୂପେ ଅଧିକ ହୋଇଥିଲା ସୁତରାଂ ଏବର୍ଷ ଊଣା ପଡ଼ିବା ଆଶ୍ଚର୍ଯ୍ୟ ନୁହେ। କେବଳ ଶୋଣ ନାଲ ସମ୍ବନ୍ଧରେ ଜଳକର ଓ ନୌକର ଉଭୟ ବୃଦ୍ଧି ହୋଇଅଛି। ବୃଷ୍ଟି ସମୟାନୁସାରେ ନ ହେବାରୁ ଜଳକର ବଢ଼ିଲା ଏବଂ ଗୟା ଓ ମୋଗଲସରାଇ ରେଲ ବାଟ ନିର୍ମାଣର ଉପକରଣମାନ ନୌକାଦ୍ୱାରା ନିଆ ହେବାରୁ ନୌକର ବୃଦ୍ଧି ହେଲା। ଏତେ ନୌକର ଏ ନାଲରୁ ପୂର୍ବେ କେବେ ଆଦାୟ ହୋଇ ନ ଥିଲା। କ୍ଷୁଦ୍ର ନାଲଶ୍ରେଣୀ ମଧ୍ୟରେ ଯେଉଁ ନାଲମାନଙ୍କଦ୍ୱାରା କଲିକତା ଓ ବଙ୍ଗଳାର ପୂର୍ବାଞ୍ଚଳର ଜିଲ୍ଲାମାନ ସଂଯୁକ୍ତ ହୋଇଅଛି ସେହି ନାଲଶ୍ରେଣୀ ପ୍ରଧାନ ଏବଂ ବର୍ଣ୍ଣିତ ବର୍ଷରେ ତହିଁର ନିଟ ଲାଭ ଏକଲକ୍ଷ ୨୮ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିଲା। ଅନ୍ୟ ନାଲମାନଙ୍କ ମଧ୍ୟରେ ଓଡ଼ିଶା କୋଷ୍ଟକେନାଲର ଗତ ପାଞ୍ଚ ବର୍ଷରେ ବାର୍ଷିକ ଆୟ ବ୍ୟୟଠାରୁ ଅଧିକ ହେଉଥିଲା ମାତ୍ର ବର୍ଣ୍ଣିତ ବର୍ଷରେ ଆୟ ଟ ୭୩,୦୫୪୯ ଙ୍କା ଏବଂ ବ୍ୟୟ ଟ ୮୭,୨୮୯ ଙ୍କା ସୁତରାଂ ଟ ୯୧୫୪୯ ଙ୍କା କ୍ଷତି ଘଟିଅଛି। କ୍ଷତିର କାରଣ ଅବଶ୍ୟ ବଙ୍ଗଳା ନାଗପୁର ରେଲବାଟ ଅଟେ। ରେଲବାଟର ସୁବିଧା ପାଇବାରୁ ଏ ବାଟରେ ଲୋକେ ଯିବା ଆସିବା କରୁ ନାହାନ୍ତି। ଏଣିକି ଏହି ନାଲ ଏବଂ ହାଇଲେବେଲ କେନାଲର ନୌକର ଅନେକ ପରିମାଣରେ ଊଣା ପଡ଼ିବ ଏବଂ କୋଷ୍ଟକେନାଲ ରଦ ହୋଇଯିବା ଅସମ୍ଭବ ନୁହେ।

ଜଳକର ଆଦାୟ କାର୍ଯ୍ୟ ସନ୍ତୋଷଜନକ ହୋଇଅଛି ଏବଂ ତହିଁ ନିମନ୍ତେ ଓଡ଼ିଶା ଜଳକର ଡେପୁଟୀ କଲେକ୍ଟର ବାବୁ ମାଧବଲାଲ ଏବଂ ଶୋଣ ଏକଜାଇ ଡେପୁଟୀ କଲେକ୍ଟର ମୌଲବି ସୟଦ ମହମ୍ମଦ ଜହିରୁଦ୍ଦୀନ ବିଶେଷ ପ୍ରଶଂସାଭାଜନ ହୋଇଅଛନ୍ତି।

---

## ପର୍ଯ୍ୟଟକଙ୍କ ପତ୍ର।

### ବାଲେଶ୍ୱର ପରିଦର୍ଶନ।

ଗତ ଡିସେମ୍ବର ମାସ ତା ୨୫ ଦିନରେ ଆମ୍ଭେମାନେ ବାଲେଶ୍ୱର ରେଲ ଷ୍ଟେସନରୁ ବାହାରି କ୍ରମଶଃ ନଗରାଭିମୁଖେ ଯାତ୍ରା କଲୁ। ପ୍ରଥମତଃ କୁଅଁରପାର ଓ ଝାଡ଼େଶ୍ୱରଦେବଙ୍କ ମନ୍ଦିର ଦେଖି ଅଦାଲତ ନିକଟରେ ଉପସ୍ଥିତ ହେଲୁ। ଆଲବର୍ଟ ଏଡୱାର୍ଡ ଅଟ୍ଟାଳିକା ପ୍ରଶସ୍ତ ପଡ଼ିଆ ମଧ୍ୟରେ ଶୋଭା ପାଉଅଛି। ନିକଟରେ କଲେକ୍ଟରଙ୍କ କଚେରି ମଧ୍ୟ ବସୁଛନ୍ତି, ଏମାନଙ୍କ [illegible] ମାନ ଏବଂ ସୋପାନାବଳୀ ଅତି ସୁନ୍ଦର। କଚେରି ସୁପ୍ରଶସ୍ତ ସଡ଼କର ଉଭୟ ପାର୍ଶ୍ୱରେ ବଡ଼ ବଟବୃକ୍ଷମାନ ଏବଂ ନାନାବିଧ ଅଟ୍ଟାଳିକା ପରିଦର୍ଶନ କରି କାଥଲିକ ଗିର୍ଜା ନିକଟରେ ଉପସ୍ଥିତ ହେଲୁ। ସେଦିନ ବଡ଼ଦିନ ଥିବାରୁ ଗିର୍ଜାଘର ପୁଷ୍ପ ତୋରଣରେ ସୁସଜ୍ଜିତ ହୋଇଥିଲା। ଗୃହ ମଧ୍ୟରେ ଖ୍ରୀଷ୍ଟିୟାନମାନେ ଉପାସନା କରୁଥିଲେ। ଏହି ଗୃହର ଗଠନ ପ୍ରଣାଳୀ ଅତି ଚମତ୍କାର, ଓଡ଼ିଶାରେ ଏପରି ସବୁ ଅନ୍ୟତ୍ର ଦେଖା ଯାଏ ନାହିଁ। ଅତି ସୁପ୍ରଶସ୍ତ ତ୍ରିତଲ ଅଟ୍ଟାଳିକା କେବଳ [illegible] ଉପରେ ଦଣ୍ଡାୟମାନ, [illegible] ମାତ୍ର [illegible] ନାହିଁ। ଏତ ପ୍ରଶସ୍ତ ଘର [illegible] ମଧ୍ୟରେ ସ୍ତମ୍ଭ ନାହିଁ। ଏହି ଅଲୌକିକ ଗିର୍ଜା [illegible] ଦେଖି ହୃଦୟ ହର୍ଷିତ ହେଲା। ଧନ୍ୟ [illegible] ଧନ୍ୟ ସେ [illegible] ଏହି କଥା [illegible] ଆମ୍ଭେମାନେ ଅଗ୍ରସର ହେଲୁ। ପଥ ମଧ୍ୟରେ

Split by PDF Splitter
Digitized by srujanika@gmail.com

ଥାଅନ୍ତା ତେବେ ଗୃହିମାନେ ଏହି ସାମାନ୍ୟ କର ଦେବାରେ ଭୀତ ହେବାରେ ଶାନ୍ତ ହୋଇ ଜାଣନ୍ତି ।

ରାଜପୁର ପୋଷ୍ଟ ଇନସ୍ପେକ୍ଟରଙ୍କୁ ଗଞ୍ଜାମ ପୋଷ୍ଟ ସୁପରିଣ୍ଟେଣ୍ଡେଣ୍ଟ ଅସ୍ଥାୟୀ ଭାବରେ ନିଯୁକ୍ତ ହୋଇଅଛି । କଣ୍ଟ୍ରାକ୍ଟ ବଦଳରେ ଏଥିରେ ନୂଆ ଲୋକ ।

ଧର୍ମଶାଳା ଥାନା ପଟଣା ଗାଁରେ ମାଇପା ମଣିପାଳ ଜଣେ ସେ ଘରେ ରୋଷେଇ ଘର ଚାଳିଘର ସେ ଗାଁର ଜଣେ ବ୍ରାହ୍ମଣ ଘରେ ଜଳ ଘରେ ବଡ଼ ଶୁଶି ସମେତ ଜଣେ ଯୁବତୀକୁ ଗୃହରୁ ବାହାର କରି ଘରକୁ ଖଣି ନେଇ ଗଲେ ତଳୁ ଦଉଡ଼ି ଓ ଡାଳ ଖଣ୍ଡ ଶୀଘ୍ର ଆଣି ଶାଗ ପଡ଼ିଆରେ ଗୋଟିଏ ଗଛ ଚାରିପାଖେ ପ୍ରାୟ ଘଣ୍ଟାଏ ମଧ୍ୟରେ ସେ ସଭାସ୍ଥଳ ଛାଡ଼ି ଦେଲେ ବର୍ତ୍ତମାନ ମାଲିକ ପକ୍ଷ ମୋକଦ୍ଦମା ଚଳାଇ ଅଛନ୍ତି ତା ୧୦ ତା ଜନୁଆରୀ ତାରିଖ ହୋଇ ମକଦ୍ଦମା ଦସ୍ତଖତ ହୋଇଅଛି ।

ଏହି କାଳ ଫି ୧୦୦ରେ କୋମ୍ପାନୀ କାଗଜ ଟ ୧୬ ର ସୁଦ ଦେଇ ୪ ର ଦ୍ରବ୍ୟ ଟ ୧୭ ର ଓ ମୂଳ ଟ ୧୨ ର ଭଡ଼ାରେ ମିଳୁଅଛି ।

## ପ୍ରସ୍ତୁ-ସମ୍ବାଦ

ଉଡ଼ିଷ୍ୟା ପ୍ରଦେଶ କଲେଜର ଇନସ୍ପେକ୍ଟର ଟେକ୍ନିକାଲ ସାହେବ ନାହାନ୍ତି ଗତ ତା ୭ ରୁ ଏଠାରେ ପହଞ୍ଚି ସ୍କୁଲ ଗୁଡ଼ିକ ପରୀକ୍ଷା କରି ତା ୧ ରୁ ଗଲେ ଶୁଣାଯାଉଅଛି । ସାହେବଙ୍କର ଲାଇଁ ଓ ପାଠଶାଳା ଶିକ୍ଷକ ପଣ୍ଡିତମାନେ ଆନନ୍ଦ ଦେଇଅଛନ୍ତି ।

ଗତ ତା ୧୪ ରିଖେ ବାବାଜୀ ବାବୁଙ୍କ ପୂଜା ପର୍ବ ପାଞ୍ଚଦିନ ଶ୍ରୀଜଗନ୍ନାଥ ଜାତ୍ରାରେ ଲୋକ ହେଉଅଛି । ଏହି ସମୟରେ ପ୍ରାୟ ୮ ୯ ଟି ନୂତନ ଗୃହ ବାନ୍ଧିବା ପାଇଁ ଏକ ବାର ହୋଇଥିଲା । ଏଥିରେ ଭଲ ହେବାର ସମ୍ଭାବନା ।

ସ୍କୁଲ ଉପାଧ୍ୟାୟ ପରୀକ୍ଷା ଗତ ସୋମବାରଠାରୁ ଆରମ୍ଭ ହୋଇଅଛି । ୮୦ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ, ଏଥିରୁ ୭ ଜଣ ରହିଅଛି । ପେନସନ୍ ପ୍ରାପ୍ତ ସବଜଜ ବାବୁ ଦେଶୀୟ ଶାସ୍ତ୍ରୀ ପାଠାଗାର କରୁଅଛନ୍ତି ।

ଅଦ୍ୟାବଧି ସେଣ୍ଟ ସ୍କୁଲ ୫ ୬ ୨ ରହିଅଛି ।

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ ପଦ୍ମଚରଣ ମହାନ୍ତି—ଭଦ୍ରମଣି ମହାନ୍ତିଙ୍କର ପରଲୋକ ଗମନ ପ୍ରସଙ୍ଗରେ ପଦ୍ୟରେ ଶୋକ ପ୍ରକାଶ କରୁଅଛନ୍ତି । ପ୍ରକାଶ କରିବାର ବିଶେଷ କାରଣ ଦେଖୁ ନାହୁଁ ।

ପ୍ରକୃତଭାଷୀ—ବିଷୟ ବିଷୟରେ ଆପଣ ଯେପରି ପତ୍ର ଲେଖିବା ଅନ୍ୟାୟ ଓ ତାହାର ପ୍ରଶ୍ରୟ ଆମ୍ଭେମାନେ ଦେଇ ନ ପାରୁଁ ।

ଶ୍ରୀ ଗୋପାଳଚନ୍ଦ୍ର ପଟ୍ଟନାୟକ—ହିନ୍ଦୋଳର ସ୍କୁଲ ଛାତ୍ର ଶ୍ରୀ ଗଙ୍ଗାଧର ପଟ୍ଟନାୟକ ମେଟ୍ରିକୁଲେଶନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏଥିମଧ୍ୟରେ ଚେଷ୍ଟା କାର୍ଯ୍ୟ କରୁ ନ ଥିବାରୁ ସେମାନଙ୍କ ଭଲମନ୍ଦ ବିଷୟରେ ପ୍ରଶଂସା ଲେଖି ଥିଲେ ।

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶୀଳ ଶ୍ରୀଯୁକ୍ତ ମାନ୍ୟବର ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

କୟୁନ୍ଦିକର ପୂର୍ବେ ଶ୍ରୀ ଝୋଟ ଓ ଅଷ୍ଟପୁର ଶାସନ ଶ୍ରୀମାନ୍ ବିଶ୍ୱନାଥ ମର୍ଦ୍ଦରାଜ ଦେବ ବାହାଦୂରଙ୍କ କବଳୁମାର ଜନ୍ମୋତ୍ସବରେ ଯେ ପ୍ରକାର ସମାରୋହ ହୋଇଥିଲା ତାହା ସଂକ୍ଷେପରେ ଅବଗତ କରୁଅଛୁ । କୁମାର ଜନ୍ମଦିନଠାରୁ ଅନେକ ଦିବସ ପର୍ଯ୍ୟନ୍ତ ଦୁଃଖୀ, ଦରିଦ୍ର ପ୍ରଭୃତିଙ୍କୁ ଦୈଷ୍ଟାନ୍ନ ଓ ନବବସ୍ତ୍ର ପ୍ରଦତ୍ତ ହେଲା । ନାନା ଦେଶୀୟ ବ୍ରାହ୍ମଣ ପଣ୍ଡିତମାନେ ଏକଷଷ୍ଠାହ ପର୍ଯ୍ୟନ୍ତ କୁମାରଙ୍କ ଶୁଭକାମନାରେ ନାନାବିଧ ସ୍ତୁତି ପାଠ ଓ କେବାର୍ଚ୍ଚନା କରୁଥିଲେ ।

ଅତଃପର ନାନାବିଧ ବିଦ୍ୟା ଚର୍ଚ୍ଚା ହୋଇଥିଲା । କାବ୍ୟଶାସ୍ତ୍ର, ଆୟୁର୍ବେଦ, ଜ୍ୟୋତିର୍ବେଦାଦି ଅଧ୍ୟୟନକାରୀଙ୍କର ମହାରାଜା ମହୋଦୟ ବ୍ରାହ୍ମଣ ପଣ୍ଡିତ, ଦରିଦ୍ର ଦୁଃଖିମାନଙ୍କୁ ପଟ୍ଟବସ୍ତ୍ର ଶାଲ ଟଙ୍କା ପ୍ରଭୃତି ବହୁପରିମାଣରେ ବିତରଣ କରିଥିଲେ, ବାଳକମାନଙ୍କୁ ଟଙ୍କା ପଇସା ଏବଂ ନାନାବିଧ ଖାଦ୍ୟ ଦ୍ରବ୍ୟ ଦେଇ ସନ୍ତୁଷ୍ଟ କରି ସେମାନଙ୍କର ଆନନ୍ଦଲହରୀ ବର୍ଦ୍ଧିତ କରାଇଲେ । ନାନାପ୍ରକାର ନୃତ୍ୟ ଗୀତାଦି ଆମୋଦ ପ୍ରମୋଦାନନ୍ତର ସଭା ଭଙ୍ଗ ହେଲା । ପରିଶେଷରେ ବକ୍ତବ୍ୟ ଏହି ଯେ ମହାରାଜାଙ୍କର ଏହି ସଦନୁଷ୍ଠାନ ଓ ବଦାନ୍ୟତାନୁସାରେ ପରମେଶ୍ୱର ମହାରାଜ କୁମାରଙ୍କ ସର୍ବାଙ୍ଗୀନ କୁଶଳ ବିଧାନ କରନ୍ତୁ । ଇତି ।

ଆପଣଙ୍କର ବଶମ୍ବଦ
ଶ୍ରୀ ଲୋକନାଥ ରଥ ଶର୍ମା,

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ମାଧବ ସାହୁ | କାଉଁରିଆ | ଟ ୩୯ |
| ମୁନ୍‌ସୀ ଓଲିଆର | କଟକ | ଟ ୧୯ |
| „ ମହେନ୍ଦ୍ର ଖାଁ | ଭୋବନପୁର | ଟ ୩୯ |
| ଶ୍ରୀ ବାବୁ ଶ୍ରୀଧର ସେନା | ପୁରୀ | ଟ ୨୯ |
| „ ମୟୂରଭଞ୍ଜ ମଜମହାଲ ଶ୍ରୀ ଲକ୍ଷ୍ମଣ ଦାସ | | ଟ ୩୯ |
| „ ଭବାନୀପଣ ନାୟକ ଇନସ୍ପେକ୍ଟର କୋଠିଶି | | ଟ ୬୯ |
| „ ବ୍ରଜକିଶୋର ଘଣ୍ଟା | ମହୁରୀବର୍ଗ | ଟ ୩୯ |
| „ ହରାନନ୍ଦ ମଙ୍ଗରାଜ | ବାଣପୁର | ଟ ୧୯ |
| „ ଜଗନ୍ନାଥ ସାହୁ | କଟକ | ଟ ୩୯ |
| „ ଭଗୀରଥ ମିଶ୍ର | ବାଲେଶ୍ୱରପୁର | ଟ ୩୯ |

## ବିଜ୍ଞାପନ ।

# ବର୍ତ୍ତମାନ ପହୁଞ୍ଚି ଅଛନ୍ତି ।

ଉପାଧ୍ୟାୟ ବସୁଙ୍କର ।

## ବଡ଼ ବଙ୍ଗଳା ସର୍କସ ଦଳ ।

କଟକ କଣ୍ଟୋନମେଣ୍ଟ ପରେଡ଼ପଡ଼ିଆରେ ତାମାସା ହେବ ।

ସକଳ ବାହକଙ୍କର ଘୋଡ଼ା ଓ ବାଘସହିତ ଯୁଦ୍ଧ, ସୁଶିକ୍ଷିତଘୋଡ଼ା, ଟଟୁଘୋଡ଼ା, ବାଘ, କୁକୁର, ମାଙ୍କଡ଼, ଷଣ୍ଢପ୍ରଭୃତିର ଭଲ ତାମାସା ହେବ । ଇଉରୋପରୁ କଣ୍ଠ ଖେଳୁଆଡ଼ମାନେ ଆସିଅଛନ୍ତି ଓ ସେମାନଙ୍କସଙ୍ଗରେ ଯୋଗ ଦେଇ ଖାଲି ପେଲ ଥିଲେ ସେମାନେ ଅନେକ ପ୍ରକାର ଉଲ୍ଲମ୍ଫନ ଦୌଡ଼ ମଲ୍ଲକ୍ରୀଡ଼ା ପ୍ରଭୃତି ଦେଖାଇବେ । ଅନେକ ନୂତନ ତାମାସା ହେବ ।

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧା ନିମନ୍ତେ ବଡ଼ ବଡ଼ ଅକ୍ଷରରେ ଏକରୁ ଠାରୁ ଶତକ ପର୍ଯ୍ୟନ୍ତ ପଣ୍ଡି ୨୫ ଖଣ୍ଡ, ଜୋଡ଼ଣ ଓ ବାଳକବୋଧକ ପୁସ୍ତକ ଗୋଟିଏ ଫର୍ଦ୍ଦରେ ଛପାହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ତାହାର ମୂଲ୍ୟ ଟ ୦ ୯୬

ଅତ୍ର ଢେଙ୍କାନାଳ ଗଡ଼ଜାତ ସର୍କାର ଖଞ୍ଜା ଲକ୍ଷେ ଏକ ହଜାର ଭରଣ ଅର୍ଥାତ୍ କିମ୍ବା ମ ୩୦୦ ବସ୍ତା ଧାନ ବିକ୍ରୟ ଅତି ଶୀଘ୍ର ଆବଶ୍ୟକ ହୋଇଥିବାରୁ, ଏତଦ୍ୱାରା ସର୍ବସାଧାରଣ ଧାନ ବ୍ୟବସାୟୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ କ ଗୋଟିରେ କେତେ ଧାନ ନିଆଯିବ ଭାବରେ ମଲାଇ ଦେବେ, ଶୀଘ୍ର ଉତ୍ତର ସମ୍ବଲଚପତ୍ର ଭରଣମାନ ପ୍ରଥମଶ୍ରେଣୀ ଜାମ୍ନ ସ୍ୱାକ୍ଷର ତାହାଙ୍କ ନିକଟ ପଠାଇବେ ।

Manager's office
Dhenkanal
The 19th Feby 1900

By order
M. Yusef.
Asst. Manager in-Ch-

## "ଉତ୍କଳ ସାହିତ୍ୟ" ।

ଉତ୍କଳ ଭାଷାରେ ଏକମାତ୍ର ମାସିକ ପତ୍ର— ବାର୍ଷିକ ମୂଲ୍ୟ ଦୁଇଟଙ୍କା ମାତ୍ର । ଉତ୍ତର କଣ୍ଠ ଚାଲି ଆସୁଅଛି । ଉତ୍କଳର ବହୁ ସୁଲେଖକ ଏଥିରେ ପ୍ରବନ୍ଧାଦି ଲେଖନ୍ତି । କେବଳ ଧର୍ମ ଜ୍ଞାନର ଅସୁବିଧା ବଶତଃ କେତେକ ମାସ ହେଲା ପତ୍ରିକା ପ୍ରକାଶରେ ଅତ୍ୟନ୍ତ ଅନିୟମ

Split by PDF Splitter
Digitized by srujanika@gmail.com

ପଡ଼ିଅଛୁ । ଏହି ଅସୁବିଧା ନିବାରଣ ନିମିତ୍ତ ବିଶେଷ ଚେଷ୍ଟା କରା ଯାଉଅଛି । ଉତ୍କଳର ହିତୈଷି ଓ ସାହିତ୍ୟାନୁରାଗୀ ବ୍ୟକ୍ତିମାନେ ସହାୟ ହେଲେ ପତ୍ରିକା ଖଣ୍ଡି ଚିରସ୍ଥାୟୀ ହେବ ଏବଂ ଅଚିରେ ଉନ୍ନତର ଓ ସୁନ୍ଦରତର ଆକାରରେ ପ୍ରକାଶିତ ହେବ ।] ଅଧିକ କିଛି କରିବାକୁ ହେବ ନାହିଁ:—

(୧) ପୁରାତନ ଗ୍ରାହକମାନେ ସମସ୍ତ ବାକି ଓ ୧୯୦୦ ସନର ଅଗ୍ରିମ ମୂଲ୍ୟ ସତ୍ୱର ପ୍ରେରଣ କରନ୍ତୁ;

(୨) ନୂତନ ଗ୍ରାହକମାନେ ଅଗ୍ରିମ ମୂଲ୍ୟ ସହିତ ନାମ ଧାମ ପ୍ରେରଣ କରନ୍ତୁ;

(୩) ଯେଉଁ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏକାଧିକ ବର୍ଷର ଅଗ୍ରିମ ମୂଲ୍ୟ ପ୍ରଦାନ କରି ପାରନ୍ତି ଏବଂ ଏହି ପତ୍ରିକାର ଅନୁଷ୍ଠାନରେ ସାଧ୍ୟାନୁସାରେ ଏକକାଳୀନ କିଛି ସାହାଯ୍ୟ ମଧ୍ୟ ପ୍ରଦାନ କରି ପାରନ୍ତି ।

ଆଗାମୀ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ମଧ୍ୟରେ ଏହିପରି ୫୦୦ ଗ୍ରାହକଙ୍କଠାରୁ ମୂଲ୍ୟ ହସ୍ତଗତ ହେଲେ ପ୍ରତ୍ୟେକଙ୍କୁ ଖଣ୍ଡିଏ ଲେଖାଏଁ ଓଡ଼ିଆ ଅନୁବାଦ 'ଶ୍ରୀମଦ୍ଭଗବଦ୍ଗୀତା' ପୁସ୍ତକ ଉପହାର ପ୍ରଦତ୍ତ ହେବ । ଆମ୍ଭେମାନେ ପ୍ରଥମ ୧୦୦୦ ଗ୍ରାହକଙ୍କୁ ଉକ୍ତ ଉପହାର ଦେବାକୁ ସଙ୍କଳ୍ପ କରିଅଛୁଁ ।

ଆମ୍ଭେମାନେ ସାହାଯ୍ୟ ସ୍ୱରୂପ ଯେଉଁ ଅର୍ଥ ପ୍ରାପ୍ତ ହେବୁଁ ପତ୍ରିକାରେ ତାହାର ପ୍ରାପ୍ତିସ୍ୱୀକାର କରିବୁଁ ଏବଂ ଅବସ୍ଥା ସ୍ୱଚ୍ଛଳ ହେଲେ ତାହା ମାତୃଭାଷାର ଅନ୍ୟାନ୍ୟ ଅଭାବ ମୋଚନରେ ବ୍ୟୟ କରିବୁଁ ।

ଆମ୍ଭମାନଙ୍କ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ;—

(୧) "ଉତ୍କଳ ସାହିତ୍ୟ" ର ଆକାର ଆଉ ଏକ ଫର୍ମା ବର୍ଦ୍ଧିତ ହେବ;

(୨) ଅପେକ୍ଷାକୃତ ଉତ୍କୃଷ୍ଟ କାଗଜରେ ଛପା ଯାଇ ହେବ;

(୩) ପ୍ରୟୋଜନାନୁସାରେ ପ୍ରବନ୍ଧାଦିରେ ଉତ୍କୃଷ୍ଟ ଚିତ୍ରମାନ ପ୍ରଦତ୍ତ ହେବ ଇତ୍ୟାଦି ।

ଏହି ସମସ୍ତ ପ୍ରସ୍ତାବର ସଫଳତା ଉତ୍କଳର ହିତୈଷି, ସାହିତ୍ୟାନୁରାଗୀ ଓ ସହୃଦୟ ବ୍ୟକ୍ତିମାନଙ୍କ ଉପରେ ନିର୍ଭର କରେ । ଉତ୍କଳ ପ୍ରଦେଶର ଶତଶତ ଅଭାବ ମଧ୍ୟରେ ମାସିକ ପତ୍ରର ଅଭାବ ଯେ କୋଟିଏ ପ୍ରଧାନ ଅଭାବ ଏହା ସମସ୍ତେ ସ୍ୱୀକାର କରିବେ । ସୁତରାଂ ଏଥିରେ ଆମ୍ଭେମାନେ ପ୍ରତ୍ୟେକ ସାହିତ୍ୟାନୁରାଗୀ ଉତ୍କଳ ସନ୍ତାନଙ୍କର ସାହାଯ୍ୟ ଓ ସହାନୁଭୂତି ପ୍ରତ୍ୟାଶା କରୁଅଛୁଁ ।

ଆନନ୍ଦ ଓ କୃତଜ୍ଞତାର ସହିତ ପ୍ରକାଶ କରୁଅଛୁଁ ଯେ ବଡ଼ପାଲ ନିବାସୀ ସୁଲେଖକ ଶ୍ରୀଯୁକ୍ତ ଗଙ୍ଗାଧର ମେହେର ମହାଶୟ ସ୍ୱପ୍ରଣୀତ "ମହିମା" ଓ "ଇନ୍ଦୁମତୀ" ନାମକ ପୁସ୍ତକ ଦ୍ୱୟରୁ ୧୦୦ ଖଣ୍ଡ ଲେଖାଏଁ ଏହି ଅଭିପ୍ରାୟରେ ଆମ୍ଭମାନଙ୍କ ହସ୍ତରେ ପ୍ରଦାନ କରିଅଛନ୍ତି ଯେ ଯେଉଁମାନେ ୧୯୦୦ ସନ ପାଇଁ ଉତ୍କଳ ସାହିତ୍ୟର ମୂଲ୍ୟ ପ୍ରଦାନ କରିବେ ସେମାନଙ୍କ ମଧ୍ୟରୁ ପ୍ରଥମ ଏକଶତ ଜଣଙ୍କୁ ଉକ୍ତ ପୁସ୍ତକଦ୍ୱୟ ପ୍ରଦତ୍ତ ହେବ ।

୭।୨।୯୦୦ } ଶ୍ରୀ ବିଶ୍ୱନାଥ କର
କଟକ } ଉତ୍କଳ-ସାହିତ୍ୟ-ସମ୍ପାଦକ

---

# NOTICE.

It is hereby notified that the Orissa Canals will be closed for examination and repairs during the periods specified below.

Taldandah Canal from 1st March to 23rd March 1900, both days inclusive.

Kendrapara Canal and Branches from 24th March to 5th May 1900, both days inclusive.

3rd February 1900. } K. H. STEPHEN
*Superintending Engineer*
Orissa Circle.

---

## ଅଳଙ୍କାରସାର ।

ବାମଣ୍ଡାର ଯୁବରାଜ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାରସାର" ନାମକ ପୁସ୍ତକ ଭାଷା ବିଷୟକ ଜ୍ଞାନ ବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ଲିଖିତ ହୋଇଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । 'ପୁସ୍ତକଖଣ୍ଡି ଅଭ୍ୟାସଯୋଗ୍ୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ଗ୍ରନ୍ଥକାରଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ରାଜଧାନୀରେ ଅଣାଗତ ସୁଲଭ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

---

ଶ୍ରୀଯୁତ ଟେଏନ୍ ସାହେବଙ୍କ

ଓଡ଼ିଆ

## ଫୌଜଦାରୀ ମ୍ୟାନୁଏଲ

ଫୌଜଦାରୀ କର୍ମଚାରୀ ଉକିଲଙ୍କୁ ଏହି ବହି ଖଣ୍ଡିଏ ଲେଖାଏଁ କିଣିବାପାଇଁ କଟକର ଶ୍ରୀଯୁତ ମାଜିଷ୍ଟ୍ରେଟ ସାହେବ ଟେବିଲ ଅଫିସ ଜାରି ୧୨ରୁ ମେମ୍ବରଙ୍କ ଉକ୍ତ ଆଦେଶ କରି ପରୁଆନା ଜାହିର କରିଅଛନ୍ତି ।

ଏଥିପାଇଁ ପଇସାକିସ୍ତା ପୋଷ୍ଟକାର୍ଡ଼ ଖଣ୍ଡିଏ ସୁଦ୍ଧା ଲେଖିବାକୁ ପଡ଼ିବ ନାହିଁ । ମାଜିଷ୍ଟ୍ରେଟ ସାହେବଙ୍କ ତାଲିକା ଅନୁସାରେ ଆମ୍ଭର ମନୁଷ୍ୟ ଯାଇ ବହି ଦେଇ ପଇସା ନେଇ ଆସିବ । ଦାମ ପଠାଇବାର ଝଙ୍ଗି ସୁଦ୍ଧା ପଡ଼ିବ ନାହିଁ । ତେବେ ବହି ନେବା ସଙ୍ଗେ ସଙ୍ଗେ ଦାମ ଦେବାକୁ ପଡ଼ିବ । ମେମ୍ବରମାନଙ୍କୁ ଅନୁରୋଧ ଯେ ଆମ୍ଭ ମନୁଷ୍ୟ ପହଞ୍ଚିଲା ମାତ୍ରକେ ବହି ନେଇ ଦାମ ଦେଇ ବିଦାୟ କରିଦେବେ ।

କଟକ ଓ ବାଲେଶ୍ୱରର ଥାନାମାନଙ୍କ ବ୍ୟବହାର ପାଇଁ ଗବର୍ଣ୍ଣମେଣ୍ଟ ଏହି ବହି କିଣିଅଛନ୍ତି ।

ଚୌକିଦାରମାନଙ୍କ ପାଇଁ ବାଲେଶ୍ୱର ମାଜିଷ୍ଟ୍ରେଟ ୨୫୦ ଓ ପୁରୀ ମାଜିଷ୍ଟ୍ରେଟ ୧୨୦୦ ଖଣ୍ଡ ନେଇଅଛନ୍ତି ।

ମଲାଟ ବନ୍ଧାଇ ବହିର ଦାମ ଟ ୧୧
କାଗଜ ବନ୍ଧାଇ ବହିର ଦାମ ଟ ୦।୵

ଟ ୦।୵ (ଚାରିଅଣା) ବହି ମଫସଲ ପଠାଯାଉଛି । ଯେଉଁମାନେ ନିଜେ ବହି କିଣିବେ ସେମାନେ ଦୋକାନରୁ ଖରିଦ କରିବେ ।

କଟକ } ଶ୍ରୀ ଗୋପାଳବଲ୍ଲଭ ଦାସ
ଓଡ଼ିଶା କମିଶନରଙ୍କ ପର୍ସୋନାଲ ଆସିଷ୍ଟାଣ୍ଟ ।

---

## ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଦୁଇଅଣା, ଜ୍ୱର ଚିକିତ୍ସା ତିନିଅଣା, ଗୋ ଚିକିତ୍ସା ୧ ମଲ୍ଲିକ ଏକଅଣା, ୨ ସୃଷ୍ଟିଗ ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, ବହୁମୂତ୍ର ରୋଗ ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିଥାନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ପତ୍ରାଦି ଉପଯୋଗ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ସମ୍ପୂର୍ଣ୍ଣ ସଂସ୍କରଣ ଏକଅଣାରେ ମିଳିବ । ସମସ୍ତ ଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବରୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

### ଉଦ୍‌ଯୋଗିସମିତିର ଭଣ୍ଡାର
### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ସହିତରେ ବିପରୀତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ଓ କ୍ଷତିଠାରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରାଯାଇଅଛି । ଦୋକାନରେ ରଖାଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରିବେ । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଅନ୍ୟ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ପ୍ରଧାନ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ କମ୍ବଳ, ଚନ୍ଦ୍ରକୋଣା, ଫରାସଡ଼ଙ୍ଗା, ଯାଜପୁରୀ ଓ ଶାନ୍ତିପୁରୀ ଧୂତି ଚଦର ଓ ଶାଢ଼ୀ; ହିନ୍ଦୁସ୍ଥାନର ତସର, ଗରଦ, ବାପ୍ତା; ନାନା ରକମର ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତିର କଳର ଟୁଇଲ ଚଦର ଲଂକ୍ଲଥ ଛିଟ ମୋଜା ଗେଞ୍ଜି, ଜାଙ୍ଗିଆ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ଇରେଜର, ବ୍ରସ, କଲିଚ, ଷ୍ଟିଲପେନ, ନିବ ପ୍ରଭୃତି, ସର୍ବପ୍ରକାର ଡ୍ରଇଂ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ବିବିଧ ସୁଗନ୍ଧତୈଳ ଓ ସୁଗନ୍ଧଦ୍ରବ୍ୟ; ବାଉଲି, ଅଙ୍ଗୁଠି, ଶାଖା ପ୍ରଭୃତି ସ୍ତ୍ରୀମାନଙ୍କର ବହୁବିଧ ପଥ୍ୟ, ନିଷ୍କର ଚିକଣ ଟଙ୍କାର ଛଡ଼, ପଗୁଆ ଓ ଫେଲଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏତଦ୍‌ଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛାକଲେ ମୂଲ୍ୟର କେତେକ ଅଂଶ ଜମା ଦେଲେ ସୁବନ୍ଦୋବସ୍ତରେ ଅଣାଇ ଦିଆଯିବ । କଟକ ଦେଓ୍ୱାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

### ନୂତନ ଆମଦାନୀ
### ନାନାବିଧ ଶୀତବସ୍ତ୍ର ।

## ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ସମ୍ଭ୍ରାନ୍ତ ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଆଠମଲ୍ଲିକ, ବସ୍ପଗଡ଼, ସରାଇକେଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ନିଜସ୍ୱ ସବାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଯୋଡ଼ି, ପଗଗା, କିଂଖାପ, ବାପ୍ତା ସଢ଼ୀ ଦୋପଟ୍ଟା, ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ଜରିର ଖଚିତ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଭଲରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । କଲିକତାରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ପୋଦ୍ଦାର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତାହାର ପାଠ ଜଣାଯାଇପାରିବ । ଆମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାନ୍ନାଲାଲ ଦ୍ୱାରକାନାଥ
କୁଞ୍ଜଗଲି ଫାଟକ ବନାରସ ସିଟି

---

ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ଅଇକାର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ଗ୍ରୀଣ୍ଡଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ଦ୍ରବ୍ୟର ପରିମାଣରେ କମିସନ୍ ଦିଆଯିବ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ମେନେଜର ।

## ନୂତନ ପୁସ୍ତକ ।
### ସଚିତ୍ର
## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୨।୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨। |
| ୨ ମଧ୍ୟ ପର୍ବ | ଟ ୨। |
| ୩ ସଭା ପର୍ବ | ଟ ୨। |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧॥ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ସୌପ୍ତିକ ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୲ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ସଟୀକ ଚୈତନ୍ୟ ଚରିତାମୃତ | ଟ ୨୲ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧। |
| [illegible] | ଟ ୦।୵ |
| ବଡ଼ ଷଟ୍‌ସିଂହାସନ | ଟ ୦ ୲ |
| ଶିବଚତୁର୍ଦ୍ଦଶୀ ବା ଶୈବଜାଗର | ଟ ୦ ୵ |
| ଉତ୍କଳସାହିତ୍ୟ ୨ୟ ଭାଗ | ଟ ୦ ୵୨ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅର୍ଦ୍ଧସ୍ତମ୍ଭକୁ ଟ ୨ ୧
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଦର ଟ ୦ ୫ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାରର ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମାଚାରପତ୍ରିକା

ସ୍ତ ୩୫ ଭାଗ | ତା ୨୪ ଶେ ମାହେ ଫେବ୍ରୁଆରୀ ସନ ୧୯୦୦ ମସିହା । ତା ୧୪ ଫାଲ୍ଗୁନ ସନ ୧୩୦୭ ସାଲ ଶନିବାର | ଅଗ୍ରିମ ଟ ୩୧
ସ୍ତ ୮ ସଂଖ୍ୟା | | ପଶ୍ଚାଦ୍ଦେୟ ଟ ୬୧


## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଓଡ଼ିଆ ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ଛାପାଇ କଟକ ପ୍ରିଣ୍ଟିଂକମ୍ପାନିଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦। |
| ଛୋଟ | ଟ ୦୯ |

ମୋଫସଲ ନିମନ୍ତେ ଡାକମାସୁଲ ଟ ୦/ ଯେଉଁମାନଙ୍କର ଭେଲ ଜମା ଷ୍ଟାମ୍ପଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ସରକାରୀ ରିପୋର୍ଟ ଅନୁସାରେ ଦୁର୍ଭିକ୍ଷ ସାହାଯ୍ୟ ପାଉଥିବା ବ୍ୟକ୍ତିଙ୍କ ସଂଖ୍ୟା ସମସ୍ତ ଭାରତରେ ଗତ ସପ୍ତାହରେ ୪୭ ଲକ୍ଷ ୭୭ ହଜାର ଥିଲା ଏ ସପ୍ତାହରେ ୫୧,୧୩ ହଜାର ହୋଇଅଛି । ଏଥି ବମ୍ବେଇ ପ୍ରଦେଶରେ ବୃଦ୍ଧି ଏକଲଖରୁ ଅଧିକ କେବଳ ବେରାର ଏବଂ ମଧ୍ୟପ୍ରଦେଶରେ କିଛି ଊଣା ପଡ଼ିଅଛି ।

---

ମଧୁପୁରର ମାଜିଷ୍ଟ୍ରେଟ ଲେଖିଅଛନ୍ତି ବମ୍ବେଇ ସହରର ବହୁତ ଗୋଟାଏ ସ୍ୱଚ୍ଛନ୍ଦଙ୍କ ସହିତ ବଦଳ ହେବାର କଥା ପଡ଼ିଥିବାର ଯେଉଁ ସମ୍ବାଦ ଗତ ମାସ ତା ୨୦ ରିଖର ପତ୍ରିକାରେ ପ୍ରକାଶିତ ହୋଇଥିଲା ତାହା ସମ୍ପୂର୍ଣ୍ଣ ଅମୂଳକ ଓ ସେ ସମ୍ବନ୍ଧ କଥା ଅଟେବି ହୋଇ ନାହିଁ ଆମ୍ଭମାନଙ୍କର ସମ୍ବାଦଦାତା ଜନରବ ଶୁଣାଇଥିଲେ ତାହାର ଭର ସେପରି ଲେଖିଥିବାରୁ ଆମ୍ଭେମାନେ ଦୁଃଖିତ ହେଲୁଁ । ଭରସା କରୁଁ ସେ ବିଷୟରେ ଆଉ କାହାର ଭ୍ରମ ହେବ ନାହିଁ ।

---

ବମ୍ବେଇର ନବ ଶାସନକର୍ତ୍ତା ଲର୍ଡ ନର୍ଥକୋଟ ଗତ ତା ୧୭ ରିଖରେ ବମ୍ବେଇରେ ପହଞ୍ଚିବାରୁ ତାହାଙ୍କର ଯଥୋଚିତ ସମ୍ମାନ ସହିତ ଅଭ୍ୟର୍ଥନା ହୋଇଅଛି । ପୁରୁଣା ଲାଟ ଲର୍ଡ ସାଣ୍ଡହର୍ଷ୍ଟ ବମ୍ବେଇ ଛାଡ଼ି ଚାଲିଗଲେ ଓ ଦେଶୀୟ ଭଦ୍ରଲୋକମାନେ ସମ୍ମାନ ସହିତ ବିଦାୟ ଦେବାରେ ତ୍ରୁଟି କରି ନାହାନ୍ତି ବରଂ ଅଧିକ ସମାଦର ଦେଖାଇଅଛନ୍ତି ଏବଂ ତାହାଙ୍କର କୃତ ଉତ୍ତମ ସ୍ତ୍ରୀ ପତ୍ନୀ ନିମନ୍ତେ ଉତ୍ସାହ ସହିତ ଉଦ୍ୟମ କରୁଅଛନ୍ତି । ଲାଟ ମହୋଦୟ ସ୍ୱୟଂ ଯେଉଁ ଗୌରବ ରକ୍ଷିଣ କରିଅଛନ୍ତି ତାହା ଯଥେଷ୍ଟ ନୁହେ କି ?

---

ସମ୍ବଲପୁର ଡିଷ୍ଟ୍ରିକ୍ଟରେ ପାଠ କଲୁଁ କି କଳାହାଣ୍ଡିରେ ଦୁର୍ଭିକ୍ଷ ହେଉଅଛି । ସେଠାରେ ଚାଉଳ କଟକ ଅପେକ୍ଷା ଦରଦାମ ହେଉଅଛି । ଗବର୍ଣ୍ମେଣ୍ଟ ପ୍ରଥମେ କେବେହି ଆନୁମାନି ସ୍ଥାପନ କରିଥିଲେ ସେ କେଉଁ ସ୍ଥଳରେ ୬୦୦ ହେଉଁ ଠାରେ ୮୦୦ ରୁ ୧୦୦୦ ଜଣ ଲୋକ ସାହାଯ୍ୟ ପାଉଥିଲେ । ବର୍ତ୍ତମାନ ରିଲିଫ କାର୍ଯ୍ୟ ପିଛୁ ବହୁ ଦଶ ଲୋକଙ୍କ ସଂଖ୍ୟା ଊଣା ପଡ଼ିଅଛି ସୋନପୁର ଓ ପାଟଣାରେ ଦୁର୍ଭିକ୍ଷର ପ୍ରକୋପ ଅଧିକ ଥିବାର ଶୁଣାଯାଏ । ବୁଢ଼ାରାଜା ଏବଂ ଫୁଲଝରରେ କରଯାଳ ପର ରିଲିଫ କାର୍ଯ୍ୟ ଆରମ୍ଭ ହୋଇଅଛି । ଏହି ପ୍ରଜାବତ୍ସଳତା ହେତୁ ପ୍ରଜାମାନେ ଇଂରାଜ ସରକାର ଅଶେଷ ଧନ୍ୟବାଦ ଦେଉଅଛନ୍ତି ଏବଂ ଚିରକାଳ ରାଜତ୍ୱ ରହିବାର ଏକାନ୍ତ କାମନା କରୁଅଛନ୍ତି ।

---

ଓଡ଼ିଆ ନବସମ୍ବାଦକ ଲେଖା ଅଛି ଯେ ବାଲେଶ୍ୱର ଷ୍ଟେସନଠାରେ ପ୍ରାୟ ୬୦ ହଜାର ବସ୍ତା ଚାଉଳ ପଡ଼ି ରହିଅଛି ରଇଲଗାଡ଼ି ଯୋଗାଇ ଦେଇ ପାରୁ ନାହିଁ । ମହାଜନମାନେ ଏହା ବିଷୟରେ ପଡ଼ି ଟେଲିଗ୍ରାଫ କରିବାରେ ଟ୍ରାଫିକ ମାନେଜର ସ୍ୱୟଂ ସେଠାକୁ ଆସି ବୋଝାଇର ବନ୍ଦୋବସ୍ତ କରିବାର ଆଶା ଦେଇ ଯାଇଅଛନ୍ତି । ଶୁଣିବାରେ ଅନ୍ୟାନ୍ୟ ଷ୍ଟେସନଠାରେ ମଧ୍ୟ ଅନେକ ମାଲ ଜମା ହୋଇ ରହିଅଛି । ମାଲ ବୋଝାଇର ସୁବିଧା କରିବା ପୂର୍ବେ ରେଲଷ୍ଟେସନ ମାଷ୍ଟରମାନେ ଏତେ ମାଲ କିପରି ଗ୍ରହଣ କଲେ ବୁଝି ଯାଉ ନାହିଁ । ବଳେ ଜାଣି ହାନି ଦେବା ଅନ୍ୟାୟ କାର୍ଯ୍ୟ । ଚାଉଳ ଓ ପଦାରେ ପଡ଼ି ରହିଲା ହେତୁ ମହାଜନମାନଙ୍କର କ୍ଷତି ହେଲେ ରେଲବେ କମ୍ପାନି ତାହା ପୂରଣ କରିବାକୁ ଦାୟୀ ନୁହନ୍ତି କି ?

---

Split by PDF Splitter

Digitized by srujanika@gmail.com

ଭାରତରେ ମହୀଶୂର ରାଜ୍ୟରେ ସ୍ୱର୍ଣ୍ଣ ପ୍ରାପ୍ତି ଅଧିକ ହୁଏ । ସେଠାରେ ଅନେକଗୁଡ଼ିଏ ଖଣି ଅଛି । ହାଇଦରାବାଦ ନିଜାମଙ୍କ ରାଜ୍ୟରେ ସ୍ୱର୍ଣ୍ଣ ଉତ୍ପନ୍ନ ହେଉଅଛି । ମାତ୍ର ତହିଁର ପରିମାଣ ଅଳ୍ପ । ସନ ୧୮୯୮ ସାଲରେ ମହୀଶୂରର ଖଣିମାନଙ୍କରୁ ପ୍ରାୟ ୫୩୬୭ ହଜାର ଏବଂ ହାଇଦରାବାଦର ଖଣିମାନଙ୍କରୁ ପ୍ରାୟ ୩୪ ହଜାର ଭରି ସୁନା ତୋଳା ହୋଇଥିଲା । ତହିଁର ମୂଲ୍ୟ ପ୍ରାୟ ହୋ ୨ । ୨୫ ଲକ୍ଷ ଟଙ୍କା ଅଟେ । ଅଷ୍ଟ୍ରେଲିଆରେ ନଦୀବାଲି ଧୋଇବାଦ୍ୱାରା ଯେଉଁ ସ୍ୱର୍ଣ୍ଣ ପ୍ରାପ୍ତ ହୁଅଇ ମାତ୍ର ତାହା ଅତି ସାମାନ୍ୟ । ପୂର୍ବେ ମହୀଶୂର ଓ ହାଇଦରାବାଦର ସ୍ୱର୍ଣ୍ଣ କମ୍ପାନୀମାନଙ୍କ ତାହାଙ୍କରେ ଲଣ୍ଡନ ନଗରକୁ ଯାଇ ସେଠାରେ ଶୁଦ୍ଧ ହୋଇ ଟଙ୍କା ମୋହର ପ୍ରସ୍ତୁତ ହେଉଥିଲା । ବର୍ତ୍ତମାନ ବମ୍ବେର ଟଙ୍କଶାଳରେ ଶୁଦ୍ଧ ହୋଇ ସ୍ୱର୍ଣ୍ଣମୁଦ୍ରା ପ୍ରସ୍ତୁତ ହେଉଅଛି । ଗତବର୍ଷ ତହିଁ ଦ୍ୱେ ବଂଟର ଅଧିକ ସୁନା ଟଙ୍କା ହୋଇ ଅଛି ପ୍ରକାଶ ଅଟେ ।

— — —

ଏ ଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ ଖୁଣ୍ଟର ପଡ଼ାର ସେଖ ଅଲିମୁଦ୍ଦିନ ନାମକରେ ଖଣ୍ଡିଏ ଗ୍ରେପ୍ତ ବନ୍ଧୁକ ହେବା ଅଭିଯୋଗରେ ସାଲେପୁର ଥାନାର ପୋଲିସ ବାଳକୃଷ୍ଣ ପୁଷ୍ଟିଙ୍କ ଚାଲାଣ ଦେଇଥିଲେ । ଏଠା ଜଏଣ୍ଟ ମାଜିଷ୍ଟ୍ରେଟ ସେ ମୋକଦ୍ଦମାର ବିଚାର କରି ଦେଖିଲେ ଯେ ଆସାମୀ କିହିନ୍ତୁ ଦେଇଲ ହାଃରେ ପ୍ରମାଣ୍ୟ ଦାଖ ନେଇରେ ଅନେକ ଲୋକଙ୍କ ସାକ୍ଷାତରେ ଦରଦାମ କରି ନେଇ ଥିଲାରୁ ଦେଖିଥିଲେ । ଅତଏବ ସେ ଷ୍ଟେସନ ମାଲ ଜାଣିଶୁଣି ନେବ ବଜାର ଷଡ଼ଯନ୍ତ୍ର ଅନେକଷ୍ଟ ନ ହେବାରୁ ତାହାକୁ ଖଲାସ ଦେଲେ ଏବଂ ସନ୍ଦେହରେ ଉଚିତ ମୂଲ୍ୟରେ କିଣି ଥିବାରୁ ଖଲଟି ଭାଙ୍ଗିବୁ ଦେଲେ । ପୋଲିସ କନେଷ୍ଟବଳ ଆସାମୀକୁ ତା ୨୫ ରଖ ଉଦ୍ଦୁମଦରେ ଥାନାକୁ ଧରି ନେଇ ତା ୨୬ ରଖ ଦିନ ପ ୧୦ ଘଣ୍ଟେ ଚାଲାଣ ଦେଇଥିବାର ପ୍ରକାଶ ପାଇବାରୁ ତାହା ଫୌଜଦାରୀ କାର୍ଯ୍ୟବିଧି ଆଇନ ଧା ୬୧ ଧାର ବିରୁଦ୍ଧକାର୍ଯ୍ୟ ହୋଇଥିବାର ହେତୁ କରି ବ୍ୟାପୃତିନ୍ ଜଏଣ୍ଟ ମାଜିଷ୍ଟ୍ରେଟ ମହୋଦୟ ପୋଲିସଠାରୁ କୈଫିୟତ ତଲବ କରି ଅଛନ୍ତି । ପୋଲିସ କର୍ମଚାରୀଙ୍କ ପ୍ରତି ବଡ଼ବଡ଼ ମାଜିଷ୍ଟ୍ରେଟମାନଙ୍କର ଏପରି ଦୃଷ୍ଟି ହେବାରୁ ହେଲେ ପୋଲିସ ଅତ୍ୟାଚାରର ଅନେକ ନିବାରଣ ହେବ ।

— —

ସମ୍ବଲପୁର ହିତୈଷିଣୀର ସମ୍ପାଦକ ଉକ୍ତ ନିମ୍ନ ଲିଖିତ ବିଷୟରେ ସର୍ବୋତ୍କୃଷ୍ଟ ପ୍ରବନ୍ଧ ଲେଖକଙ୍କୁ ତହିଁ ପାର୍ଶ୍ୱଲିଖିତ ପୁରସ୍କାର ଦେଉଅଛନ୍ତି ଯଥା—

୧—ପ୍ରଦର୍ଶନୀର ଉପକାରିତା—ନଗଦ ଟ ୧୦ଙ୍କା ବା ସେହି ମୂଲ୍ୟର ହୁଏ ପୁସ୍ତକ ।

୨—ବଦ୍ୟାଳୟ ଶାସନ:—ନଗଦ ଟ ୫ ଙ୍କା ଅଥବା ସେହି ମୂଲ୍ୟର ପୁସ୍ତକ ।

୩—ଉତ୍କଳ ସାହିତ୍ୟର ଉନ୍ନତିର ଉପାୟ:—ହାତବାକ୍ସ କାଳିଦାସ ଗ୍ରନ୍ଥାବଳୀ ।

୪—ବର୍ତ୍ତମାନ ସମୟରେ ସମାଜ ସଂସ୍କାର କରିବା ଉଚିତ କି ନା:—ସ୍ୱର୍ଗୀୟ ରାମମୋହନ ରାୟଙ୍କର ଜୀବନୀ ।

ଏହି ପ୍ରବନ୍ଧମାନ ଆସନ୍ତା ମାର୍ଚ୍ଚମାସ ତା ୩୧ ରଖ ଭିତରେ ସମ୍ପାଦକଙ୍କ ନିକଟକୁ ପଠାଇବାକୁ ହେବ । ପୁରସ୍କୃତ ପ୍ରବନ୍ଧମାନ ପୁରସ୍କାର ଦାତାମାନେ ଇଚ୍ଛାନୁରେ କୌଣସି ସମ୍ବାଦପତ୍ରରେ ପ୍ରକାଶ ଅଥବା ପୁସ୍ତକାକାରରେ ଛପାଇ ବିକ୍ରୟ ବା ବିତରଣ କରି ପାରିବେ । ବିଷୟରେ ଲଭ ହେଲେ ଅବଶ୍ୟ ଲେଖକ ପାଇବ । ଆମ୍ଭେମାନେ ଆଶା କରୁଁ ଏହି ଘୋଷଣା ଅନେକ ଲେଖକଙ୍କର ମନ ଆକର୍ଷଣ କରିବ । ପୁରସ୍କାରର ମାତ୍ରା ବଢ଼ାଇଥିଲେ ଅଧିକ ଭଲ ହୋଇଥାନ୍ତା ।

— — —

ଗତ ତା ୩ ରଖର ଉତ୍କଳଦୀପିକାରେ ପ୍ରକାଶିତ "ପୁଲିସ ଅତ୍ୟାଗ୍ରହ" ଶୀର୍ଷକ ପ୍ରବନ୍ଧ ସମ୍ବନ୍ଧେ ଆମ୍ଭେମାନେ ଏ ଜିଲ୍ଲାର ମାଜିଷ୍ଟ୍ରେଟଙ୍କର ମନୋଯୋଗ ଆକର୍ଷଣ କରିବାରେ ସେ ତହିଁର ଉତ୍ତର ଦେଇଗଲେ ଆମ୍ଭ ସମ୍ପାଦକର ପ୍ରବନ୍ଧ ପ୍ରତି ସେ ଦୃଷ୍ଟି ନିକ୍ଷେପ କରିବେ ନାହିଁ ଯାହାର ସୂଚନା ଥିବ ସେ ଦଳଶାସ୍ତ୍ରଦ୍ୱାରା ତାହା ଜଣାଇବା । ଆମ୍ଭମାନଙ୍କର ଭୟ ହେଉଅଛି ସେ ଉପର ଲିଖିତ ଉତ୍ତର ଲେଖିବା ବେଳେ ଜିଲ୍ଲା ମାଜିଷ୍ଟ୍ରେଟ ତାହାଙ୍କର ପ୍ରଧାନ କର୍ମ୍ମଚାରୀ ହୋଇଥିଲେ ସେହି ନାଲିସ କଲେ ଅଭିଯୋଗରେ ତହିଁର ବିଚାର କରିବା ସାମାନ୍ୟ କାର୍ଯ୍ୟ । ଏବଂ ତାହାଙ୍କ ଅନ୍ଦେଶରେ ତାହା କରିବା ଉଚିତ ତାହାଙ୍କର ଅଧୀନ ମାଜିଷ୍ଟ୍ରେଟମାନେ ରହିଅଛନ୍ତି । ତାହାଙ୍କର ପ୍ରାଧାନ୍ୟ ଏହିକ ବିଷୟ ମଧ୍ୟରେ ସେ ସ୍ୱରାଜ୍ୟ ଶାସନକର୍ତ୍ତାଙ୍କ ପ୍ରତିନିଧି ଅଟନ୍ତି ଏବଂ ସେଥିପାଇଁ ସମାଚାରପତ୍ର ପ୍ରତି ଗଭର୍ଣ୍ଣମେଣ୍ଟର ଆସ୍ଥା ଅଛି ସେଥିରେ ତାହାଙ୍କର ଉଚିତ

ଏହା କରିବା ମନେ କରିବା ? ବିଶେଷତଃ ପୁଲିସ ତାହାଙ୍କର ଅଧୀନସ୍ଥ ଗୋଟିଏ ମହକୁମା ଏବଂ ସେ ମହକୁମାର ସଚ୍ଚରିତ୍ରତା ଉପରେ ଲୋକଙ୍କର ସୁରକ୍ଷା ଏବଂ ଶାନ୍ତି ଅନେକ ପରିମାଣରେ ନିର୍ଭର କରେ । ସୁତରାଂ ତହିଁ ପ୍ରତି ଦୃଷ୍ଟି ରଖିବା ତାହାଙ୍କର ପ୍ରଥମ କାର୍ଯ୍ୟ ଏହା ବୋଲିବା ବାହୁଲ୍ୟ ।

— —

କଲିକତାର ଗୋଟିଏ ବେଞ୍ଚ ମାଜିଷ୍ଟ୍ରେଟମାନଙ୍କ ଇଜଲାସରେ ଗୋଟାଏ କମ୍ଭ ଗ୍ରେପ୍ତ ମୋକଦ୍ଦମା ପଡ଼ିଥିଲା । ଚୋର ବୋଲି ଯେଉଁ ଲୋକକୁ ପୁଲିସ ଚାଲାଣ ଦେଇଥିଲେ ସେ ଗୁଙ୍ଗା ଏବଂ କାଲ ଥିବାର ଜାଣିନା କରି ଶୁଣାଦେଲା ଯେମନ୍ତ ସେ କିଛି ଶୁଣି ନାହିଁ ବା କହିପାରୁ ନାହିଁ । ମାଜିଷ୍ଟ୍ରେଟମାନେ ବ୍ୟସ୍ତ ହୋଇ ମୋକଦ୍ଦମା ମୁଲତବି ରଖି ତାହାକୁ ଜେଲଖାନାକୁ ପଠାଇଦେଲେ । ଜେଲର ଡାକ୍ତର ତାହାକୁ ମୂକ ଓ ବଧୀର ଥିବାର ସାବ୍ୟସ୍ତ କଲେ ଓ ପୁଲିସ ଡାକ୍ତର ତହିଁରେ ଐକ୍ୟ ହେଲେ ମାତ୍ର କହିଲେ ଯେ କାଲ ଓ ଗୁଙ୍ଗା ଚିହ୍ନିବାର କୌଣସି ଡାକ୍ତରୀ ଉପାୟ ନାହିଁ । ଆସାମୀ ଦାଗୀ ଥିବାରୁ ଜେଲଖାନାରେ ଥିବାର ତାହାର ପୂର୍ବ ସଙ୍ଗୀମାନେ ସେ ଗୁଙ୍ଗା ବା କାଲ ନ ଥିବାର ସାକ୍ଷ୍ୟ ଦେଲେ । ପରିଶେଷରେ ମାଜିଷ୍ଟ୍ରେଟମାନେ ସନ୍ଦେହରେ ପଡ଼ି କାର୍ଯ୍ୟବିଧିର ଧା ୩୪୨ ଧାରାନୁସାରେ ମୋକଦ୍ଦମାର ନଥି ହାଇକୋର୍ଟକୁ ପଠାଇଦେଲେ ଏବଂ ହାଇକୋର୍ଟର ବିଚାରପତିମାନେ ପ୍ରମାଣ ଦୃଷ୍ଟେ ଆସାମୀ ବଧୀର ବା ମୂକ ନଥିବାର ସିଦ୍ଧାନ୍ତ କରି ତାହା ପ୍ରତି ଧା ୨ ସ କାରାବାସ ଏବଂ ୨୦ ବେତ୍ରାଘାତ ଦଣ୍ଡ ବିଧାନ କଲେ । ଚୋରଙ୍କର ବୁଦ୍ଧି ଅନୁଧାବନ ଏବଂ ତାହା କଳନା ସହଜ ବ୍ୟାପାର ନୁହେ ।

— —

କଲିକତାରେ ଗତତ ମାସ ପ୍ରଥମ ସପ୍ତାହରେ ଯେଉଁ କୃଷି ଓ ଶିଳ୍ପ ପ୍ରଦର୍ଶନୀ ହୋଇଥିଲା ତହିଁରେ ନାନା ଦ୍ରବ୍ୟ ମଧ୍ୟରେ ସାଉଥ ସୁବର୍ବନ ସ୍କୁଲର ବାବୁ କେଦାରନାଥ ଚକ୍ରବର୍ତ୍ତୀ ଗୋଟିଏ ପ୍ରିଣ୍ଟିଂ ପ୍ରେସ ଅର୍ଥାତ୍ ଅକ୍ଷର ଛପା କଳ ଦେଖାଇଥିଲେ । ସେହି କଳ ସେ ନିଜେ ପ୍ରସ୍ତୁତ କରି ଅଛନ୍ତି ଏବଂ ଗଭର୍ଣ୍ଣମେଣ୍ଟ ଛାପଖାନାର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ତାହା ପରୀକ୍ଷା କରି ଏହି ମର୍ମରେ ପ୍ରଶଂସାପତ୍ର ଦେଇଅଛନ୍ତି ସାଧାରଣ ବେଙ୍ଗବାଇ ହାତଯନ୍ତ୍ରରେ ଯେତିକି ଛପା ହୁଅଇ ଏ

Digitized by srujanika@gmail.com

କାଳରେ ତହିଁରୁ ଅଧିକ ଖୋଲା ନ ହେଲେହେଁ ଏହାର ମୂଲ୍ୟ ଅତ୍ୟନ୍ତ ଉଣା ଅର୍ଥାତ୍ ସାଧାରଣ ମୂଲ୍ୟର ଏକ ଚତୁର୍ଥାଂଶ ଅଟେ । ପତ୍ରିକାମାନେ ଏ ବିଷୟ ଦେଖି ଲେଖିଅଛନ୍ତି କି କେଦାର ବାବୁଙ୍କର ଛପାଇ କଲର ମୂଲ୍ୟ ଟ ୧୨୫୧ ଲାଗିଥିବା ଟ ୫୦୦୧ କାରୁ ଊଣା ମୂଲ୍ୟରେ ଯୋଗିବ ବଙ୍ଗଳା ଛପାଇ କଲ ମିଳିବା କଠିନ । ଦୁଃଖର ବିଷୟ ଯେ ଅର୍ଥାଭାବରୁ କେଦାର ବାବୁ ଏ କାର୍ଯ୍ୟ ଆରମ୍ଭ କରି ପାରୁ ନାହାନ୍ତି । ଏ କଥା ଶୁଣି କି ଅନ୍ନଦେଶୀୟମାନେ ଲଜ୍ଜିତ ହେବେ ନାହିଁ ? ଆମ୍ଭେମାନେ ଏକାନ୍ତ ଆଶା କରୁଁ ବଙ୍ଗଦେଶର ଧନାଢ୍ୟ ଓ ଉତ୍ସାହୀ ବ୍ୟକ୍ତିମାନେ କେଦାର ବାବୁଙ୍କର ସାଧୁ ଉଦ୍ୟମ ଶୀଘ୍ର ସଫଳ କରିବା ବିଷୟରେ ଯତ୍ନବାନ୍ ହେବେ । ସ୍ୱଦେଶରେ ଏତେ ସୁଲଭ ମୂଲ୍ୟରେ ଛପାକଲ ପ୍ରସ୍ତୁତ ହେଲେ କେହାର ଅଭାବ ଥିବୋ ହେବ ନାହିଁ ।

---

ଯାଜପୁର ରୋଡ଼ ଷ୍ଟେସନ ମାଷ୍ଟର ଯାଜପୁରର ଡୋଃ ସବ୍‌ଇନସ୍‌ପେକ୍ଟରଙ୍କୁ ଅପମାନ କରିବା ବିଷୟ ଗତ ସପ୍ତାହର ଯାଜପୁର ସମ୍ବାଦରେ ପାଠକମାନେ ପଢ଼ିଥିବେ । ଅମ୍ଭମାନଙ୍କର ସମ୍ବାଦଦାତା ତହିଁର ବିବରଣ ଏହିପରି ଲେଖିଅଛନ୍ତି ଯେ ଡୋଃ ସବଇନସପେକ୍ଟର କଟକ ଆସିବା କାରଣ ଟିକଟ କିଣିବା ହେବାବେଳେ ଷ୍ଟେସନ ମାଷ୍ଟରଙ୍କୁ ଟିକଟ ମାଗିବାରେ ସେ ଟିକଟ ନ ଦେଇ କ୍ରୋଧ ହୋଇ ରେଲବେ ଚପରାସିଙ୍କୁ ତାହାଙ୍କୁ ବାହାର କରିଦେବାର ଆଦେଶ ଦେଲେ । କ କାରଣରୁ ଏପରି କଲେ ସମ୍ବାଦଦାତା ଲେଖି ନାହାନ୍ତି । ଏହି ବ୍ୟାପାର ରେଲ ଭଦ୍ରଙ୍କ ମଧ୍ୟରେ ଦରଷା ହେବାରୁ ଷ୍ଟେସନ ମାଷ୍ଟର ବୋଃ ସବଇନସପେକ୍ଟରଙ୍କୁ ଅପମାନ କରି ଅଧିକାଳ ଷ୍ଟେସନର ଏକ କୋଠରୀରେ ଅଟକ ରଖିଲେ । କେତେକ ଭଦ୍ରଲୋକଙ୍କ ଅନୁରୋଧରେ ସେ ମୁକ୍ତିଲାଭ କରି କଟକକୁ ରେଲରେ ଆସି ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କଠାରେ ସମସ୍ତ ବିଷୟ ପ୍ରକାଶ କରନ୍ତେ ସାହେବ ମହୋଦୟ ରେଲବେ ପୁଲିସ ଇନସ୍‌ପେକ୍ଟରଙ୍କୁ ଏ ବିଷୟ ତଦନ୍ତ କରିବା କାରଣ ଆଦେଶ ଦେଲେ । କଥିତ ଶୁଣିଲୁ ତଦନ୍ତରେ ବୋଃ ଇନସପେକ୍ଟରଙ୍କ ଦୋଷାରୋପ ପ୍ରମାଣ ହୋଇ ନାହିଁ । ଫଳ ଜଣା ଯାଇ ନାହିଁ । ଅମ୍ଭମାନଙ୍କ ବିବେଚନାରେ କିନ୍ତୁ ସୁବିଚାର ପାଇବା କାରଣ ଫଉଜଦାରୀରେ ନାଲିସ କରିବା ବୋଃ ଇନସ୍‌ପେକ୍ଟରଙ୍କର ଉଚିତ ଅଟେ । ଘଟଣା ପ୍ରକୃତ ହେଲେ କମ୍ପାନୀ ଶାସନରେ କିଛିତ ପ୍ରତିକାର ହେବ ନାହିଁ ।

---

## ଟ୍ରାନସ୍‌ଭାଲ ଯୁଦ୍ଧ ।

ତା ୧୪ ରଖ ତାର ସମ୍ବାଦ । ୮ ମ ବଗଡ଼ ଅର୍ଥାତ୍ ୧୨୦୦୦ ସୈନ୍ୟ ଦକ୍ଷିଣଆଫ୍ରିକାକୁ ଯିବାନିମନ୍ତେ ପ୍ରସ୍ତୁତ ହେବାର ଆଦେଶ ଶୀଘ୍ର ହୋଇଅଛନ୍ତି ।

ତା ୧୫ ରଖର ତାରସମ୍ବାଦ । ଜେନେରଲ ଫ୍ରେଞ୍ଚ କ୍ଲିପଡ୍ରିଫ୍ଟଠାରେ ନଦୀର ନଦୀ ପାର ହୋଇ ମା ୨୫ ମାଇଲ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ଓ ଉତ୍ତର ଦିଗରେ ପାହାଡ଼ ଅଧିକାର କରିଥିଲେ । ଏଥିରେ ଅତି ଅଳ୍ପ ବାଧା ଓ କ୍ଷତି ହୋଇଥିଲା ।

ମେଫକିଙ୍ଗର ଅବସ୍ଥା ଉତ୍ତମ ଓ ସେଠାରେ ଯଥେଷ୍ଟ ଖାଦ୍ୟ ଅଛି ।

ତା ୧୬ ରଖ ତାର ସମ୍ବାଦ । ସରକାର ସମ୍ବାଦ ଆସିଅଛି ଯେ କିମ୍ବର୍ଲି ଉଦ୍ଧାର ହୋଇଅଛି । ଜେନେରଲ ଫ୍ରେଞ୍ଚ ତା ୧୫ ରଖ ସନ୍ଧ୍ୟା ସମୟରେ ସେଠାରେ ପହୁଞ୍ଚି ଥିଲେ । ବୁଅରମାନେ ବେଗରେ ପଛକୁ ହଟି ଯାଇ ଓ ପୂର୍ବତନ ସ୍ଥାନ ସବୁ ଅଧିକାର ଏବଂ ଗୋଳା ବୃଷ୍ଟି କରୁଥିଲେ ।

ଲର୍ଡ଼ ରବର୍ଟ୍ସ ଯେ ଜକବ୍‌ଡାଲଠାରୁ ଲେଖିଅଛନ୍ତି ଯେ ଜେନେରଲ ଫ୍ରେଞ୍ଚ ଆଲେକ୍‌ଜଣ୍ଡରସ୍ ଫଣ୍ଟେନଠାରୁ କିମ୍ବର୍ଲିର ଦକ୍ଷିଣ ତରଫରୁ ଶତ୍ରୁମାନଙ୍କୁ ତଡ଼ି ଦେଇଅଛନ୍ତି ଓ ସେହି ସ୍ଥାନମାନ ଅଧିକାର କରୁଅଛନ୍ତି ଓ ଶତ୍ରୁର ଅନେକ ଯୁଦ୍ଧ ସାମଗ୍ରୀ ଖାଦ୍ୟ ଦ୍ରବ୍ୟ ମାତ୍ର କରି ଅଛନ୍ତି ଯେ ଜକବ୍‌ଡାଲ ଅଧିକାର କରିବା ସମୟରେ ବୁଅରଙ୍କ ସହିତ ଅନେକ ଗୁଡ଼ାଏ ସାମାନ୍ୟ ଯୁଦ୍ଧ ହୋଇଥିଲା ।

ତା ୧୭ ରଖ ତାର ସମ୍ବାଦ । ବୁଅରମାନେ ରେନ୍‌ସବର୍ଗ ଅଧିକାର କରୁଅଛନ୍ତି ଜେନେରଲ କେଲିକେନ ୨୮ ଗୋଟି ଯୁଦ୍ଧ ସାମଗ୍ରୀର ଗାଡ଼ି ଓ ଅନେକ ଘୋଡ଼ା ଅଧିକାର କଲେ ।

ତା ୧୮ ରଖ ତାର ସମ୍ବାଦ । ଜେନେରଲ ଫ୍ରେଞ୍ଚ ମେଜର ଜେନେରଲ ପଦକୁ ଓ କେକୱିଚ କର୍ଣ୍ଣେଲ ପଦକୁ ଉନ୍ନତ ପାଇଲେ । ଏହା ସେମାନଙ୍କର କିମ୍ବରଲି ଉଦ୍ଧାର କରିବାର ପୁରସ୍କାର ଅଟେ ।

ଜେନେରଲ ଫ୍ରେଞ୍ଚ ଲର୍ଡ ରବର୍ଟଙ୍କ କୌଶଳ ଅନୁସାରେ କାର୍ଯ୍ୟ କରି ଅତ୍ୟନ୍ତ ବିକ୍ରମ ସହିତ ଶତ୍ରୁର ବ୍ୟୂହ ଭେଦ କରି କିମ୍ବରଲିରେ ପ୍ରବେଶ କଲେ ଏବଂ ସେ ସ୍ଥାନ ରକ୍ଷାର ବନ୍ଦୋବସ୍ତ କରି ମାଗରଫଣ୍ଟେନରେ ଶତ୍ରୁର ଛାଉଣିଠାରେ ଉପସ୍ଥିତ ହେଲେ । ବୁଅର ସେନା ଦଳବଦ୍ଧ ହୋଇ ଏବଂ ପଳାୟନ ଗଥିବା ଅବାହାର ମୁକ୍ତ ହେବା ଭିନ୍ନ ଉପାୟ ଦେଖିଲେ ନାହିଁ ।

ତା ୧୯ ରଖ — ଲୁଇଟନେଣ୍ଟଙ୍କ ଜେନେରଲ କ୍ରନ୍‌ଜି ଏକହଜାର ଶକଟ ସହିତ ପଛଘୁଞ୍ଚା ଦେଇଥିଲେ । କିମ୍ବରଲି ଉଦ୍ଧାର ହେବାରୁ ଲେଡିସ୍ମିଥରେ ବଡ଼ ଆନନ୍ଦ ହୋଇଗଲା ଏବଂ ସେ ସ୍ଥାନ ଉଦ୍ଧାରର ଅଧିକ ବିଳମ୍ବ ନାହିଁ । ଇଂରାଜଙ୍କର ଏହି ଜୟ ବାର୍ତ୍ତାରେ ଇଂଲଣ୍ଡରେ ଭାରି ଉତ୍ସବ ଲାଗିଅଛି ଏବଂ ସମସ୍ତେ ରଙ୍ଗମତ୍ତ ହୋଇଗଲଛନ୍ତି ।

ତା ୨୦ ରଖ — ଜେନେରଲ କ୍ରନ୍‌ଜି ଚତୁର୍ଦିଗରୁ ବେଷ୍ଟିତ ହୋଇ ମହା ବିପଦରେ ପଡ଼ିଅଛନ୍ତି ।

ଜେନେରଲ ଦାଉପ୍ରାଡ଼ିଙ୍କ ଶିବିରରେ ବୁଅରମାନେ ତ୍ରସ୍ତବ୍ୟସ୍ତ ହୋଇ ପଳାଇଥିଲେ । ସେମାନଙ୍କର ଅନେକ କ୍ଷତି ହୋଇଅଛି ଓ ଅନେକ ଯୁଦ୍ଧ ସାମଗ୍ରୀ ଓ ଖାଦ୍ୟଦ୍ରବ୍ୟ ଇଂରାଜମାନେ ଅଧିକାର କରୁଅଛନ୍ତି ।

ଏଥିରୁ ପାଠକମାନେ ଦେଖିବେ ଯେ ଯୁଦ୍ଧର ବ୍ୟାପ୍ତି ଇଂରାଜଙ୍କ ଅନୁକୂଳରେ ବହିବାର ଆରମ୍ଭ ହୋଇଅଛି । ବୁଅରମାନେ ଆଉ ଥୟ ହୋଇ ପାରିବେ ନାହିଁ ।

---

## ଦୁର୍ଭିକ୍ଷସାହାଯ୍ୟ ସଭା ।

ଏ ବର୍ଷ ଭାରତରେ ଯେଉଁ ମହାଦୁର୍ଭିକ୍ଷ ଉପସ୍ଥିତ ହୋଇ ଲୋକଙ୍କୁ ଆପଣାର ବିଷମ ଦୃଷ୍ଟି କରୁଅଛି ତହିଁ ସମ୍ବନ୍ଧରେ ଜନସାଧାରଣଙ୍କର କର୍ତ୍ତବ୍ୟ ସ୍ଥିର କରିବା କାରଣ କଲିକତା ଏବଂ ଉଦକ୍ତଃପାଳ ଲୋକଙ୍କର ଏକ ବିରାଟ ସଭା ଗତ ଦୂର ଶୁକ୍ରବାର ଅପରାହ୍ନରେ କଲିକତା ଟାଉନ ହଲରେ ହୋଇଥିଲା । ମହାମାନ୍ୟ ଗବର୍ଣ୍ଣର ଜେନେରଲ ଓ ତାହାଙ୍କ ସହଧର୍ମିଣୀ ସହିତ ଅନେକ ସମ୍ଭ୍ରାନ୍ତ ଇଉରୋପୀୟ ରମଣୀ, ଲେଫ୍ଟେନେଣ୍ଟ ଗବର୍ଣ୍ଣର ହାଇକୋର୍ଟର ପ୍ରଧାନ ବିଚାରପତି ପ୍ରଭୃତି ଅନେକ ଉଚ୍ଚପଦସ୍ଥ କର୍ମଚାରୀ ଏବଂ ଇଉରୋପୀୟ ଓ ଦେଶୀୟ ବେସରକାରୀ ମହାସଭା ରାଜା ଓ ଅନ୍ୟାନ୍ୟ ଭଦ୍ରଲୋକମାନେ ଏକେ

Digitized by srujanika@gmail.com

Split by PDF Splitter

ସମବେତ ହୋଇଥିଲେ ଯେ ଦାର୍ଜ ପେସ୍ୱଲର
ସ୍ଥାନ କି ଥିଲା । ମହାରାଜା ସର ଯତୀନ୍ଦ୍ର-
ମୋହନ ଠାକୁରଙ୍କ ପ୍ରସ୍ତାବ ଏବଂ ମାନ୍ୟବର
ସ୍ମିଥ ସାହେବଙ୍କ ଅନୁମୋଦନକ୍ରମେ ମହାମାନ୍ୟ
ଗବର୍ଣ୍ଣର ଜେନେରଲ ବାହାଦୁର ସଭାପତିର ଆସନ
ଗ୍ରହଣ କରି ସଭାର ଉଦ୍ଦେଶ୍ୟ ଏହିପରି ବୁଝାଇ
ଦେଲେ କି ଏଥର ଯେମନ୍ତ ଦୁର୍ଭିକ୍ଷ ଭାରତର
କେତେକ ଅଂଶରେ ପଡ଼ିଅଛି ତାହା ପୂର୍ବର
ଅନେକ ଦୁର୍ଭିକ୍ଷକୁ ବଳି ଯାଇଅଛି । ୪ ୫ ପ୍ରାୟ
ପୂର୍ବେ ଦୁର୍ଭିକ୍ଷପୀଡ଼ିତଙ୍କ ସଂଖ୍ୟା ୩୨୫ ଲକ୍ଷ ଥିଲା
ବର୍ତ୍ତମାନ ୫୨୫ ଲକ୍ଷରୁ ଅଧିକ ହୋଇଅଛି ଏବଂ
ଭୟ ହେଉଅଛି ଯେ ଆସନ୍ତା ଗ୍ରୀଷ୍ମକାଳ ପର୍ଯ୍ୟନ୍ତ
ଅଚିରେ ବୃଦ୍ଧି ହେବ । ବମ୍ବେରୁ ରିପୋର୍ଟ ଆସି-
ଅଛି କି ଏପର୍ଯ୍ୟନ୍ତ ଯେଉଁ ଶ୍ରେଣୀର ଲୋକମାନେ
ଭଲ ଥିଲେ ସେମାନେ ଅଚଳ ହେଲେଣି
ଏବଂ ପଞ୍ଜାବରୁ ସମ୍ବାଦ ପାଇଅଛୁଁ ଯେ ଏ କଷ୍ଟ
ସେ ଅଞ୍ଚଳରେ ଯେମନ୍ତ ପ୍ରବଳ ହୋଇଅଛି
ସେମନ୍ତ କେବେ ହୋଇ ନ ଥିଲା । ମଧ୍ୟ ପ୍ରଦେ-
ଶରେ ବର୍ତ୍ତମାନ ପ୍ରାୟ ୧୫ ଲକ୍ଷ ସାହାଯ୍ୟ ପାଉ-
ଅଛନ୍ତି ମାତ୍ର ସେଠାର ପ୍ରଧାନ କମିଶନର ଅନୁ-
ମାନ କରନ୍ତି କି ଅନ୍ତିମ ଜୁନ ମାସ ପର୍ଯ୍ୟନ୍ତ
୨୦ ଲକ୍ଷ ହୋଇପାରେ । ଅତଏବ ଏ ଦୁର୍ଭିକ୍ଷ
ଅନୁପମ ଅଟେ ଏବଂ ଆମ୍ଭେ ଯଥାର୍ଥ କହୁଅଛୁଁ ଯେ
ସାହାଯ୍ୟର ସୁବନ୍ଦୋବସ୍ତରେ ମୃତ୍ୟୁ ଘଟଣା ଯଥା-
ସାଧ୍ୟ ନିବାରଣ ହୋଇଅଛି ଅର୍ଥାତ୍ କଷ୍ଟ ସମ-
ୟରେ ଦୁର୍ବଳତା ହେତୁ ଯେତେ ମୃତ୍ୟୁ ହୁଏ
ତହିଁରୁ ଅଧିକ ହୋଇ ନାହିଁ । ଅତଏବ ମୃତ୍ୟୁ
ନିବାରିବା ଭାର ସରକାର ସ୍ୱହସ୍ତରେ ଗ୍ରହଣ
କରିଅଛନ୍ତି ତହିଁ ନିମନ୍ତେ ଯେତେ ବ୍ୟୟ ହେବ
ସରକାର ତାହା କରିବେ । ସରକାରଙ୍କର ବ୍ୟୟ
ଲାଘବ ନିମନ୍ତେ ଏକ ପଇସା ଆପଣମାନଙ୍କୁ
ଆମ୍ଭେ ମାଗୁ ନାହୁଁ, ଏବଂ ଆପଣମାନେ ଯେତେ-
ଦେଲେ ଆମ୍ଭର ସରକାରୀ ଦାୟିତ୍ୱ ଊଣା ହେବ
ନାହିଁ ମାତ୍ର ଆମ୍ଭର କହିବା ଏହିକି ଯେ ସର-
କାର ଯେତେ କରନ୍ତୁ ପଛକେ ସାଧାରଣ
ଲୋକଙ୍କ ସାହାଯ୍ୟର ବିଶେଷ ପ୍ରୟୋଜନ ଅଛି
କି ଯହିଁ ପାଇଁ ସରକାରୀ ଟଙ୍କା ବ୍ୟୟ ହେବା
ଉଚିତ ନୁହେ । ଯଥା ସାହାଯ୍ୟ କାର୍ଯ୍ୟରେ ନିଯୁକ୍ତ
ଥିବା ଲୋକଙ୍କୁ ଶୀତ ବର୍ଷାରୁ ରକ୍ଷା ନିମନ୍ତେ
ବସ୍ତ୍ର କମ୍ବଳାଦି ଅନାଥ ପିଲାଙ୍କୁ ଦୁଧ ସାଗୁ
ଇତ୍ୟାଦି ଏବଂ ପୀଡ଼ିତ ଲୋକଙ୍କୁ ଔଷଧାଦି
ଯୋଗାଇବା, ଆଉ ଯେଉଁ ଜାତିର ଲୋକମାନେ
ବିଶେଷତଃ ସ୍ତ୍ରୀମାନେ ଅନାହାରରେ ମଲେ
ଭିକ୍ଷା କାର୍ଯ୍ୟ କରିବା ନିମନ୍ତେ ପଦାକୁ ବାହା-
ରିବେ ନାହିଁ କିମ୍ବା କାର୍ଯ୍ୟ କରିବେ ନାହିଁ
ସେମାନଙ୍କୁ ରକ୍ଷା କରିବା ଏବଂ ଦୁର୍ଭିକ୍ଷରେ
ଯେଉଁମାନେ ସର୍ବସ୍ୱାନ୍ତ ହୋଇଅଛନ୍ତି ଦୁର୍ଭିକ୍ଷାନ୍ତେ
ସେମାନଙ୍କ ସ୍ୱ ସ୍ୱ ବ୍ୟବସାୟର ଉପକରଣ ପ୍ରଦାନ
କରିବା ଏବଂ ଅନାଥ ପିଲାଙ୍କୁ ବଡ଼ ହେବା
ପର୍ଯ୍ୟନ୍ତ ପାଳିବା ଏବଂ କୃଷକ ପଶୁମାନଙ୍କୁ ଦାନା
ଯୋଗାଇବା ଇତ୍ୟାଦି । ଏହି ସମସ୍ତ ପ୍ରକାର
ସାହାଯ୍ୟ ନିମନ୍ତେ ଭାରତରେ ଟଙ୍କା ସଂଗୃହୀତ
ହେବାର ଆମ୍ଭେ ଚାହୁଁଅଛୁ ଏବଂ ଏଠାରେ ଅଦ୍ୟ
ତହିଁର ଅନୁଷ୍ଠାନ ହେଲା । ଯେତେ ଟଙ୍କା
ଭାରତରେ ଏବଂ ବିଲାତରେ ପ୍ରାପ୍ତ ହେବ ସେ-
ସମସ୍ତ ଏହିସବୁ କାର୍ଯ୍ୟରେ ଲାଗିବ । ଆପଣ-
ମାନେ କହି ପାରନ୍ତି କି ବଙ୍ଗ ପ୍ରଦେଶରେ
ଦୁର୍ଭିକ୍ଷ ପଡ଼ି ନାହିଁ କଲିକତା ବା ବଙ୍ଗଳାର
ଲୋକମାନେ କାହିଁକି ଟଙ୍କା ଦେବେ ମାତ୍ର
ଆପଣମାନଙ୍କର ବୁଝିବା ଉଚିତ କି ଯହିଁରେ
ଭାରତର ସମ୍ପର୍କ ତହିଁରେ ପ୍ରତ୍ୟେକ ପ୍ରଦେଶ ଓ
ଜିଲ୍ଲାର ସମ୍ପର୍କ ଅଛି । ବିଶେଷତଃ ଏ ବର୍ଷ ସେ-
ସବୁ ପ୍ରଦେଶରେ ବୃଷ୍ଟି ନ ହେବା ସ୍ଥଳେ ବଙ୍ଗ-
ଳାରେ ପ୍ରଚୁର ବୃଷ୍ଟି ହୋଇ ଉତ୍ତମ ଫସଲ
ଲାଭ ହୋଇଅଛି ଏବଂ ତାହା ଦୁର୍ଭିକ୍ଷପୀଡ଼ିତ
ସ୍ଥାନମାନଙ୍କୁ ରପ୍ତାନି ହେବା ଯୋଗୁଁ ଏ ପ୍ରଦେ-
ଶର ଲୋକମାନେ ଅଧିକ ଲାଭବାନ୍ ହେଉ-
ଅଛନ୍ତି । ଏହା ଛଡ଼ା ଏମନ୍ତ ଅନେକ ଘଟଣା
ଅଛି କି ଯହିଁରେ ଧନବାନ୍ ବ୍ୟକ୍ତିମାନେ ଆପଣା୨
ଅଧିକ ଧନ ଗରିବ ଲୋକଙ୍କ ଦୁଃଖନାଶ ନିମନ୍ତେ
ଅଧିକ ଉପଯୁକ୍ତ ରୂପେ ବ୍ୟୟ କରିବେ ?
ଅନେକ ଦରିଦ୍ର ଲୋକ ଅନାହାର କ୍ଲେଶ ପାଉ-
ଥିବା ସ୍ଥଳେ କେହି ସଙ୍ଗତିପନ୍ନ ଲୋକର ନିଶ୍ଚିନ୍ତ
ହେବା ସମ୍ଭବ ନୁହେ ! ଯଦ୍ୟପି ଟଙ୍କା ଦେବାକୁ
କାହାର ସନ୍ଦେହ ହୁଏ ତେବେ ତାହାଙ୍କୁ ନେ-
ଇବେ ଟିକଟ ଦେବାକୁ ଆମ୍ଭେ ପ୍ରସ୍ତୁତ ଅଛୁଁ ।
ସେ ଥରେ ଦୁର୍ଭିକ୍ଷ ପୀଡ଼ିତ ସ୍ଥାନ ବୁଲି ଦେଖି
ଆସିଲେ ତାହାଙ୍କର ମନ ମାନିବ । ଏଥିଉ-
ତ୍ତାରୁ ସେ ଅନେକ ସହଜ ପ୍ରକାଶ କଲେ କି
ନିମ୍ନ ଲିଖିତ ମହୋଦୟମାନେ ସଭା ଆହ୍ୱାନ
ପୂର୍ବରୁ ଆପଣା୨ ନାମ ପାର୍ଶ୍ୱ ଲିଖିତ ଟଙ୍କା
ଦେବାକୁ ସ୍ୱୀକାର କରିଅଛନ୍ତି । ଯଥା—
ଶ୍ରୀମତୀ ଭାଇସରେଣୀ ଦେହବଣ, ମହାରାଜ
ଦରଭଙ୍ଗା ଦେଢ଼ଲକ୍ଷ, ହାଥୁଆର ମହାରାଣୀ
ଏକଲକ୍ଷ, ବ୍ରିଟିଶ ଇଣ୍ଡିଆ ଷ୍ଟିମନେଭିଗେସନ
କମ୍ପାନୀ ୮୦ ହଜାର, ଢାକାର ନବାବ ୫୦
ହଜାର, ସ୍ୱୟଂ ଗବର୍ଣ୍ଣର ଜେନେରଲ ୧୦ ହଜାର
ରାଲିବ୍ରଦରସ କମ୍ପାନୀ ୩୦ ହଜାର, ଆଲେନ
କମ୍ପାନୀ, ଅପକାର କମ୍ପାନୀ ଓ ଗ୍ରେହାମ କମ୍ପାନୀ
୧୦ ହଜାର ଲେଖାଏଁ, ଷ୍ଟାମଫୋର୍ଡ କମ୍ପାନୀ-
ଟାର୍ଣ୍ଣର କମ୍ପାନୀ, ହ୍ୱାଇଟ ୱେଲେଓଲ
କମ୍ପାନୀ, ଜେନେରଲ ଷ୍ଟିମନେଭିଗେସନ କମ୍ପାନୀ
ବର୍ଣ୍ଣମାସୁଇ କମ୍ପାନୀ, ସ୍ପଇର କମ୍ପାନୀ, କୋଇ-
କମ୍ପାନୀ ୫ ହଜାର ଲେଖାଏଁ ଟଙ୍କା ଦେବା
ହେଉଅଛନ୍ତି । ମୋଟ ପାଞ୍ଚଲକ୍ଷରୁ ଅଧିକ ହେବ ।

ଏଥି ଉତ୍ତାରୁ ଦୁର୍ଭିକ୍ଷ ସାହାଯ୍ୟ ନିମନ୍ତେ ସର୍ବ-
ସାଧାରଣଙ୍କଠାରୁ ଟଙ୍କା ସଂଗ୍ରହ କରି ଗୋଟିଏ
ପାଣ୍ଠି ସ୍ଥାପନ କରିବା, ସେହି ପାଣ୍ଠିର ଧନ ସେ-
ପରି ସନ ୧୮୯୭ ସାଲରେ ବ୍ୟୟ ହୋଇଥିଲା
ସେହିପରି ବ୍ୟୟ କରିବା ଏବଂ ଟଙ୍କା ସଂଗ୍ରହ
ଏବଂ ବ୍ୟୟର ବ୍ୟବସ୍ଥା ନିମନ୍ତେ କଲିକତାରେ
ଗୋଟିଏ ସଦର ସଭା ଏବଂ ପ୍ରତ୍ୟେକ ଜିଲ୍ଲାରେ
ଶାଖା ସଭାମାନ ହେବା ଓ ସଦର ସଭାର ସଭା-
ପତି ମାନ୍ୟବର ପ୍ରଧାନ ବିଚାରପତି ମାକଲିନ
ସାହେବ ହେବାର ଧାର୍ଯ୍ୟ ହୋଇ ସଭାପତିଙ୍କ
ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ ହେଲା ।

ଉପର ଲିଖିତ ବିବରଣରୁ ଦେଖାଯାଏ ଯେ
ସଭା ସଫଳ ହୋଇଅଛି ଏବଂ ବଙ୍ଗ ପ୍ରଦେଶର
ଧନାଢ୍ୟ ମହୋଦୟମାନେ ଯେପରି ମୁକ୍ତହସ୍ତତା
ଦେଖାଇ ଅଛନ୍ତି ତାହା ଅତ୍ୟନ୍ତ ପ୍ରଶଂସନୀୟ
ଅଟେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି
ସେମାନଙ୍କର ଆଦର୍ଶକୁ ଅନୁସରି ଏ ପ୍ରଦେଶର
ସର୍ବସାଧାରଣ ସମାଜରୂପ ସହାନୁଭୂତି ଦେଖାଇ
ଦୁର୍ଭିକ୍ଷ ପୀଡ଼ିତ ବ୍ୟକ୍ତିଙ୍କର ପ୍ରାଣ ରକ୍ଷା ନିମନ୍ତେ
ଯେ ଯାହାର ଶକ୍ତି ଅନୁସାରେ ଦାନ କରିବେ
ସେମାନଙ୍କଠାରୁ [illegible] ନାହିଁ
ନେଇ ମହାମାନ୍ୟ ଗବର୍ଣ୍ଣର ଜେନେରଲ ଯାହା
ବ୍ୟକ୍ତ କରିଅଛନ୍ତି ତହିଁରେ ଅଣୁମାତ୍ର ସନ୍ଦେହ
ନାହିଁ । ଅନ୍ନଦାନ ମହାଦାନ ଏହା ଅନୁଦେଶୀ-
ଙ୍କୁ ସ୍ମରଣ କରାଇ ଦେବା ଅଧିକ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଓଡ଼ିଶାର କମିଶନର ବି, ଏଚ୍, ମାକ୍ରିନ ସାହେବ [illegible]
[illegible] ହେଲେ ।

ତିରୁହତର କଲେକ୍ଟର ମାଜିଷ୍ଟ୍ରେଟ ଜି, ଏ, [illegible]
ସାହେବ ଓଡ଼ିଶାର ଏକ୍ଟିଂ କମିଶନର ଏବଂ [illegible]
[illegible] ହେଲେ ।

କଟକର ଏକ୍ଟିଂ ମାଜିଷ୍ଟ୍ରେଟ କଲେକ୍ଟର [illegible], ଏଲ[illegible]
[illegible] ସାହେବ ସେହି ପଦରେ ବାହାଲ ହେଲେ ।

Digitized by srujanika@gmail.com

Split by PDF Splitter



[illegible]

ଶୃଗାଳ ପଢ଼ିଆକୁ ନେଇ ଯାଉଥିଲେ ସେଠାରେ କହାର ଲଗଣ ଲେଖି ଫେରାଇ ଆଣିଲେ । ମାତ୍ର ... ମରିଗଲା ।

## ପଶ୍ଚିମ-ସମ୍ବାଦ

ଗତ ତା ୧୭ ଉଣେ ... [illegible]

[illegible]

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀ ଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟଙ୍କୁ ସମୀପେଷୁ ।—

ମହାଶୟ!

ଆମ୍ଭ ... ଯୁବରାଜ ଶ୍ରୀ ଯୁକ୍ତ ... ପୀତାମ୍ବର- ଦେବ ... ମାସ ତା ... ରିଖରେ ... ସଜରେ ଅଭିଷିକ୍ତ ହୋଇ ... ମହାରାଜ ... ରାଜ ବିଦ୍ରୋହି ପ୍ରଜାମାନଙ୍କୁ ... ଦ୍ୱାରା ... ଥିଲେ ସେମାନେ ... ଉପସ୍ଥିତ ହେବାର ... ଏବଂ ବାବୁ ... ପାଇକଗଣଙ୍କ ସହିତ ... ଥିବାରୁ ସେ ... ଥିଲେ ସେ ପୂର୍ବକର ମର୍ଯ୍ୟାଦା ... ସଭାରେ ଉପସ୍ଥିତ ହେବାର ... ଛନ୍ତି । କୋଠମେନେଜର ବାବୁ ... ନାଥ ...

Digitized by srujanika@gmail.com

ଦେବଙ୍କ ସ୍ମୃତି ଅମଳ କଳାର ସଫଳ ସ୍ତୁତି ଅର୍ପଣ କରିଥିବାରୁ ପରମ ଉଦାର ଯଶବନ୍ତ ମହୋଦୟ ସ୍ୱତଃରୁ ଉକ୍ତ ସମସ୍ତ କାର୍ଯ୍ୟ ନିର୍ବାହ କରୁଅଛନ୍ତି ସ୍ୱର୍ଗୀୟ ମହାରାଜାଙ୍କ ଆଦ୍ୟ ଶ୍ରାଦ୍ଧ କାର୍ଯ୍ୟ ଅତି ଉତ୍ତମରୂପରେ ସମ୍ପନ୍ନ ହୋଇଅଛି । ଦ୍ୱିତୀୟ ଦିନଠାରୁ ନାନାଦେଶୀୟ ବ୍ରାହ୍ମଣମାନେ ନିମନ୍ତ୍ରିତ ହୋଇ ଭୋଜନ କରୁଥିଲେ ଏକାଦଶାହ ଦିନ ପ୍ରାୟ ଦଶହଜାରରୁ ଊର୍ଦ୍ଧ୍ୱ ବ୍ରାହ୍ମଣ ଉତ୍ତମରୂପ ଭୋଜନ କରାଇ ଯାଇ ଅନେକରେ ପ୍ରସ୍ଥାନ କଲେ । ନବ ମହାରାଜାଙ୍କର ଏପରି ଧର୍ମରକ୍ଷା କ୍ଷମାଶୀଳ ଓ ଦୟାଶୀଳତା ଦେଖି ଆମ୍ଭେ ପ୍ରଜାବର୍ଗ ଶାନ୍ତି ଶସ୍ୟ ଅନନ୍ତ ଲାଭ କରୁଅଛୁଁ ଈଶ୍ୱରଙ୍କ ଠାରେ ରାଜା ବାହାଦୁର ଦୀର୍ଘ ଜୀବୀ ହୋଇ ଆମ୍ଭମାନଙ୍କୁ ପ୍ରତିପାଳନ କରିବାର ପ୍ରାର୍ଥନା ସର୍ବଦା କରୁଅଛୁଁ ।

୧୭।୨।୧୯୦୦ } ବଶମ୍ବଦ
। କ । ଅଳ } ଶ୍ରୀ ଚିନ୍ତାମଣି ଦାସ

———

ମହାଶୟ !

ଅଦ୍ୟ କଟକ ଉତ୍କଳସାହିତ୍ୟ ସମାଲୋଚନୀ ସଭାର ଊନତ୍ରିଂଶ ସାପ୍ତାହିକ ଅଧିବେଶନରେ ମାନ୍ୟବର ଓଡ଼ିଶାର କମିଶନର ସାହେବ ବାହାଦୁର; କଷ୍ଟା ଅଞ୍ଚଳର ଶ୍ରୀଯୁକ୍ତ ଡେପୋଟୀ କମିଶନର ସାହେବ; ଡିଷ୍ଟ୍ରିକ୍ଟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ; ଡେପୋଟୀ କଲେକ୍ଟର; ଆମ୍ଭମାନଙ୍କର କଟେଜ; ସ୍ଥାନୀୟ ମେଜେଷ୍ଟ୍ରେଟ; ସ୍ଥାନୀୟ ସାମନ୍ତଗଣ ଓ ଭଦ୍ରଲୋକ ପ୍ରଭୃତି ନ ୫୭ ଜଣ ସଭ୍ୟ ସଭାସ୍ଥଳରେ ଉପସ୍ଥିତ ଥିଲେ । ମାନ୍ୟବର କମିଶନର ସାହେବ ବାହାଦୁର ଅନୁଗ୍ରହପୂର୍ବକ ସାହିତ୍ୟ ସମ୍ବନ୍ଧରେ ବକ୍ତୃତା କରି ଓଡ଼ିଆଭାଷା ପ୍ରତି ପ୍ରଗାଢ଼ ଅନୁରାଗ ଦେଖାଇଥିବା ବିଷୟେ ପ୍ରଶଂସିତ ରାଜା ମହୋଦୟ କୃତଜ୍ଞତା ପ୍ରକାଶ କରି ସଭାପତି ହେବାକୁ ଅନୁରୋଧ କରିବାରେ ସେ ତହିଁରେ ସମ୍ମତ ହୋଇ ସଭାପତିର ଆସନ ଗ୍ରହଣ କଲେ । ତାହାଙ୍କ ଆଦେଶମତେ ସମ୍ପାଦକ ଗତ ଅଧିବେଶନ ବିବରଣ ପାଠ କଲା ଉତ୍ତାରୁ ପରମ ପୂଜନୀୟ ସୁପରିଣ୍ଟେଣ୍ଡେଣ୍ଟ ଡେପୋଟୀ ଉପାଧ୍ୟାୟ ଜମାଦାର ଏବଂ ମାନ୍ୟବର କମିଶନର ସାହେବ ବାହାଦୁରଙ୍କ ଶୁଭାଗମନ ସମ୍ବନ୍ଧେ ରଚିତ କବିତାମାନ ପଠିତ ହେବାର ସ୍ୱରୂପ ସାହେବ ମହୋଦୟଙ୍କୁ ପ୍ରଦତ୍ତ ହେଲା ପରେ ଅନ୍ୟାନ୍ୟ ରଚନା ପାଠ ଏବଂ ବାକ୍ୟାଳାପ ଉତ୍ତାରୁ ସଭାପତି ମହୋଦୟ ଇଂରାଜୀଭାଷାରେ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁର ସାର ମର୍ମ ଏ ନିମ୍ନେ ପ୍ରକଟିତ ହେଲା ।

“ଆମ୍ଭେ ଇଂରେଜୀଭାଷାରେ ଯାହା କହି ବ୍ୟକ୍ତ କରିବୁଁ ତହିଁର ଅଭିପ୍ରାୟ ତୁମ୍ଭମାନଙ୍କର ମେଜେଷ୍ଟ୍ରେଟ ବାବୁ ଓଡ଼ିଆରେ ବୁଝାଇଦେବେ ଆମ୍ଭେ ପ୍ରଶଂସିତ ରାଜା ସାହେବଙ୍କ ଅନୁରୋଧ କ୍ରମେ ଏହି ସାହିତ୍ୟସଭାର ସଭାପତି ଆସନ ଗ୍ରହଣ କରି ଅତି ସହଜରେ ଅତ୍ୟନ୍ତ ଆନନ୍ଦ ଭୋଗ କରୁଅଛୁଁ । ଆମ୍ଭେ ନାନାସ୍ଥାନ ଭ୍ରମଣ କରି କେବଳ ଜାତି ଭାଷା ଦେଖିଅଛୁଁ କିନ୍ତୁ ଏ ସ୍ଥାନରେ ପ୍ରଶଂସିତ ରାଜା ସାହେବଙ୍କ ଦ୍ୱାରା ଏବଂ ଉଦ୍ୟମରୁ ଓଡ଼ିଆ ସାହିତ୍ୟର ଉନ୍ନତି ନିମନ୍ତେ ସ୍ଥାପିତ ହୋଇଥିବା ସଭାରେ ମାନସିକ ଉନ୍ନତି ଲବ୍ଧ ଆମୋଦ ଉପଭୋଗ କରି ଅତ୍ୟନ୍ତ ପ୍ରୀତ ହେଲୁଁ । ଆପଣମାନେ ପରମପୂଜନୀୟା ; ରାଜରାଜେଶ୍ୱରୀ ଭିକ୍ଟୋରିଆଙ୍କ ଜୟ କାମନାରେ ଏବଂ ଆମ୍ଭ ନାମରେ ଭକ୍ତିର ଉପହାର ସ୍ୱରୂପ ଦେଇଥିବା କବିତାମାନ ପ୍ରକାଶ କରି ଅତ୍ୟନ୍ତ ସନ୍ତୋଷ ଅଛୁଁ । ସେସବୁ କବିତାର ଭାବ ଇଂରେଜୀରେ ଅନୁବାଦ କରାଇ ନେବାକୁ ଇଚ୍ଛା କରୁଅଛୁଁ । ଇଂରେଜମାନଙ୍କର ଅପେକ୍ଷା ଯୁଦ୍ଧରେ ସମ୍ପ୍ରତି ଇଂଲଣ୍ଡ ଯେପରି ଜୟକାମନା କରୁଅଛି ତାଳଚେର ରାଜା ଓ ପ୍ରଜା ସେପରି ଜୟକାମନା କରୁଥିବା ବଡ଼ ଆନନ୍ଦର ବିଷୟ ଅଟେ । ମାନ୍ଦ୍ରାଜ, ମହୀଶୂର ପ୍ରଭୃତି ରାଜ୍ୟମାନଙ୍କ ସହିତ ଯେପରି ରାଜଭକ୍ତି ଦେଖାଇଅଛନ୍ତି ତାଳଚେର ତହିଁରୁ ଊଣା ନୁହେଁ । ଆମ୍ଭେ ଏକ ସପ୍ତାହକାଳ ତାଳଚେର ରାଜ୍ୟ ମଧ୍ୟରେ ଅତି ବାହାର କରି ଦେଖିଲୁଁ ପ୍ରଶଂସିତ ରାଜା ସାହେବ ମୃଗୟା, କ୍ରିକେଟ, ଫୁଟବଲ ପ୍ରଭୃତି ବିବିଧ ପ୍ରକାର ଖେଳ ଓ ସାହିତ୍ୟଚର୍ଚ୍ଚା ଆଦି କାର୍ଯ୍ୟରେ ଯେପରି ପରିଶ୍ରମ ସହ ମାନସ ନିଧାନ କରୁଅଛନ୍ତି; ରାଜ୍ୟ ଶାସନ କାର୍ଯ୍ୟରେ ସେପରି ମଧ୍ୟ ମନୋଯୋଗୀ ହେବେ । ରାଜା ସାହେବ ଭଲ କାର୍ଯ୍ୟ କରୁଅଛନ୍ତି ସେ ମଧ୍ୟ ଶାସନ କାର୍ଯ୍ୟରେ ଅତ୍ୟନ୍ତ ପ୍ରଶଂସ୍ୟ ହେବେ । ଅଧିକନ୍ତୁ ଏତଦ୍ବର୍ଷ ବାଦ ସେ ଆପଣମାନଙ୍କର ରାଜ୍ୟର ଜ୍ଞାନଶାଳୀ ଥାଇବେ । ଆମ୍ଭେ ଆଶା କରୁଁ; ଆପଣମାନେ ଓ ରାଜପରିବାରମାନେ ରାଜାଙ୍କ ଶାସନ କାର୍ଯ୍ୟକୁ ସାହାଯ୍ୟ ଦେବେ ଏବଂ ମନ୍ଦ ଲୋକମାନେ ଯେପରି ରାଜାଙ୍କ ନିକଟରେ ପ୍ରବେଶ କରି ନ ପାରନ୍ତି ।

ଦୁଃଖର ବିଷୟ ଏହି ଯେ ରାଜା ସାହେବ ଯିବା ସମୟକୁ ଆମ୍ଭେ ବଦଳି ହୋଇ ଯାଉଥିବୁଁ କିନ୍ତୁ ବଦଳି ହେଲେ ସୁଦ୍ଧା ସମସ୍ତ ଓଡ଼ିଶ୍ୟରୁ ଯେପରି ଉନ୍ନତି କାହିଁ ବିଶେଷତଃ ତାଳଚେରକୁ ଯେପରି ସ୍ମରଣ ରଖିବୁଁ ।”

ମାନ୍ୟବର ସାହେବ ବାହାଦୁରଙ୍କ ଉପରୋକ୍ତ ଲେଖିତ ମଧୁମୟ; ଉପଦେଶଗର୍ଭିତ ବକ୍ତୃତା ଶେଷ ହେଲା ଉତ୍ତାରୁ ଅନନ୍ତର ସଭା ନିୟମକ୍ରମେ ମହୋଦୟଙ୍କୁ ଆନ୍ତରିକ ଭକ୍ତିର ସହିତ ଧନ୍ୟବାଦ ଦେଇ ସଭା ଭଙ୍ଗ ହେଲା । ଇତି ।

ତାଳଚେର } ବଶମ୍ବଦ
୧୧।୨।୧୯୦୦ } ଶ୍ରୀ ଭଗୀରଥୀ ମିଶ୍ର
ସଃ ସମ୍ପାଦକ

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ବାଞ୍ଛାନିଧି ମହାନ୍ତି | ଅଠଗଡ଼ | ୫୧( |
| „ „ ହେମ ଚନ୍ଦ୍ର ଦାସ | ନୟାଗଡ଼,ଗୁଜରା | ୫୫୯ |
| „ „ ଗୋଲକଚନ୍ଦ୍ର ବୋଷ | ନୀଳଗିରି | ୫୩( |
| „ „ ବୈକୁଣ୍ଠନାଥ ଶତପଥୀ କନଷ୍ଟବଲ ଜଗତସିଂହପୁର | | ୫୩ |
| „ „ ଏସ୍, ଟି ନାରାୟଣ ରେଡ଼ି ଷ୍ଟେସନ୍ ମାଷ୍ଟର | ଗଞ୍ଜାମ | ୫୩୯ |
| „ „ ଚନ୍ଦ୍ରମଣି ମହାପାତ୍ର | କେନ୍ଦ୍ରାପଡ଼ା | ୫୩୯ |
| „ „ ମଧୁସୂଦନ ଦାସ ଫତେପୁର ସ୍କୁଲ,ଜୁଗୁଆଲଡ଼ିଆ | | ୫୩ |
| „ „ ଏଚ୍,ଆର,ନାଏଡ଼ୁ, କାନୁଙ୍ଗୋ ଗଞ୍ଜାମ | | ୫୩୬ |
| „ „ ଚନ୍ଦ୍ରମଣି ସାମନ୍ତ | ଭଦ୍ରକ | |
| „ ବିଷ୍ଣୁ ବ୍ରତ ବରିଷ୍ଠା | | ୫ |
| „ „ ମହନ୍ତ ଗୋବିନ୍ଦ ଦାସ ଉମାକାନ୍ତ ଦାସ ଲୁଣିଆପଡ଼ା | | ୫ |
| ଶ୍ରୀ ଶ୍ରୀ ଠାକୁରାଣୀ | ପଦ୍ମଞ୍ଚ | ୫୧୦ |

ବିଜ୍ଞାପନ ।

ଥରେ ପଢ଼ିବେ କି ?

ଉତ୍କଳ କୋହିନୁର କବିବର ସ୍ୱର୍ଗୀୟ ରାଧାନାଥ ରାୟ ବାହାଦୁର ମହୋଦୟଙ୍କ ଛବି, କଟକ ପ୍ରିଣ୍ଟିଂ କମ୍ପାନୀରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ଏବଂ ମୋର ନିକଟରେ ପ୍ରତ୍ୟେକ ଦୁଇଅଣା ମୂଲ୍ୟରେ ବିକ୍ରୀତ ହେଉଅଛି ।

ଶ୍ରୀ ଅର୍ତ୍ତତ୍ରାଣ ଶତପଥୀ
ସେକେଣ୍ଡ ମାଷ୍ଟର ଟ୍ରେନିଂ ସ୍କୁଲ
କଟକ ।

**WANTED.**

An Experienced Head master for the Biroja M. E. School Jajpur at Rs. 20. P. M. Apply to the undersigned before the 10th proximo.

NABA K. DAS.

14—2—1900

*Secretary*

Split by PDF Splitter
Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

ଏ ରାଜ୍ୟର ସମସ୍ତ ଅବଗତ ସ୍ଥ ଅର୍ଥାତ୍ ଅଫିସ୍, ସ୍କୁଲ, ଥାନା ଓ ଡାକ୍ତରଖାନାମାନ ଓ ବନ୍ଦୋବସ୍ତ ଦ୍ରବ୍ୟମାନ ଅଗାମୀ ମାର୍ଚ୍ଚ ମାସ ତା ୧୨, ୧୩ ଓ ୧୪ ଦିନମାନଙ୍କରେ ଅଛି ଗଲ ଯାହାର ଇଞ୍ଜିନିୟରଙ୍କର ମୁକାବିଲାରେ ଡକାଯିବ ଇଚ୍ଛାଧାରୀମାନେ ନିରୂପିତ ତାରିଖରେ ପୂର୍ବାହ୍ନ ସ ୧୧ ଘ ସମୟରେ ଉପସ୍ଥିତ ହୋଇ ଡାକ ଡକି ପାରିବେ ।

Manager's office, Dhenkanal, The 20th February 1900 } M Yusuf, *Asst. Manager In-ch.*

---

"Wanted a sixth master for the Khorda H. E. School on a salary of Rs. 15 per month. Preference will be given to an F. S. or F. A. plucked Hindu candidate, who will stick to the post for two years and will live in the hostel as a remunerated Manager of the Public Mess. Applications with copies of testimonials will be received by the undersigned up to the 3rd March 1900.

17—2—1900

A. Garrett
Secretary.

---

## WANTED

A Head Master for the Kanpur Metcalfe Middle English school at Sungra on a salary of Rs 20 per mensem. None need apply who has not passed at least the Entrance Examination. Preference will be given to the candidate who had Sanskrit for his second language. Apply to the undersigned upto 15th of March next.

Cuttack 23-2-1900 } Syed Ekram Rasool, *Secretary*

---

## NOTICE.

CUTTACK DISTRICT BOARD.

TENDERS are hereby invited for the execution of the following works on the Taldunda Canal bank road between the bridges Nos. 2 and 3:—

Earthwork, Turfing and Metalling, the probable cost of which is Rs. 4000.

Abstract of estimate can be seen by intending Tenders in the District Engineer's office.

Tenders on Form No. 2 accompanied by the prescribed earnest money to be submitted in sealed covers addressed to the undersigned before noon of 1st March 1900.

Date of commencement of work, 10th March 1900

Date of completion, 15th August 1900.

General specification of Works, Orissa Circle, will be in force.

The Chairman does not bind himself to accept the lowest or any tender.

CUTTACK DISTRICT ENGINEER'S OFFICE, *The 20th February 1900.* } *Sd.* T. W. DE GRUYTHER, *Offg. District Engineer, Cuttack.*

---

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧା ନିମନ୍ତେ ବଡ଼ ବଡ଼ ଅକ୍ଷରରେ ଏକଶତରୁ ଷଡ଼ଶତପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡ, କୋଇଲି ଓ କମଳଲୋଚନ ସୁନ୍ଦର ସୁନ୍ଦର ଚିତ୍ରସହିତ ଚୌଷଟି ପୃଷ୍ଠାରେ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ବହିର ମୂଲ୍ୟ ୫ ° ୯

---

ଅତ୍ର ଢେଙ୍କାନାଳ ଷ୍ଟେଟର ସର୍ବାଙ୍ଗ ଫର୍ଦ୍ଦ ଉପଲକ୍ଷେ ଏକ ହଜାର ହରଣ ଅର୍ଥାତ୍ ବଟେ ୩ ୮୦୦ ହଣ ଧାନ କବୁକସ ଅତି ଶୀଘ୍ର ଅବଶ୍ୟକ ହୋଇଥିବାରୁ, ଏତଦ୍ୱାରା ସର୍ବସାଧାରଣ ଧାନ ବିକ୍ରେତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଏ ବିଷୟରେ କେତେ ଧାନ କେଉଁ ଦରରେ ମପାଇ ଦେବେ, ସେଥିର ବିବରଣ ସମ୍ବଳିତ ଦରଖାସ୍ତ ଶୀଘ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟ ପଠାଇବେ ।

Manager's office, Dhenkanal, The 19th Feby 1900 } By order M. Yusuf. Asst. Manager in-Ch.

---

## NOTICE.

It is hereby notified that the Orissa Canals will be closed for examination and repairs during the periods specified below.

Taldandah Canal from 1st March to 23rd March 1900, both days inclusive.

Kendrapara Canal and Branches from 24th March to 5th May 1900, both days inclusive.

3rd February 1900. } K. H. STEPHEN, *Superintending Engineer* Orissa Circle.

---

## ଅଲଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଲଙ୍କାରସାର" ନାମକ ପୁସ୍ତକ ଭାଷା ଅଲଙ୍କାର ଶିକ୍ଷାର୍ଥୀ ଯେ କୌଣସି ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ ଭାଷାରେ ଉଦାହରଣ ସହିତ ରଚିତ ହୋଇଥିବାରୁ ପାଠକମାନେ ଅଳ୍ପ ଆୟାସ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅଳ୍ପାୟତନ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଗାଉଁ ସ୍ୱଳ୍ପ ମୂଲ୍ୟ ଦୁଇ ଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକ ଅଣା ମାତ୍ର ।

---

## ପ୍ରୟୋଜନୀୟ ପୁସ୍ତକ ।

ପାଣବାଉଳ ଟୀକା ଦୁଇଅଣା, ଜ୍ୱର ଚିକିତ୍ସା ତିନିଅଣା, ଗୋ ଚିକିତ୍ସା ୧ ମହାଭାରତ ଏକଅଣା, ୬ ସୂତ୍ର ଦୁଇଅଣା, ବସନ୍ତ ଚିକିତ୍ସା ଏକଅଣା, ବହୁମୂତ୍ର ଚିକିତ୍ସା ଛଅପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା ଜାଣିଥାନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ପତ୍ରଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ସମ୍ମତ ସଂସ୍କରଣ ଏକଅଣାରେ ଦେବ । ସର୍ବଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବୁ ସୁଲଭ ପାଠ୍ୟ ହୋଇଅଛି ।

Digitized by srujanika@gmail.com

# ବିଜ୍ଞାପନ ।

## ଉପଯୋଗି ସମସ୍ତର ଭଣ୍ଡାର

### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ରକ୍ଷିଲେ ବାଣିଜ୍ୟ ସିଦ୍ଧ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରିଲେ, ଏହି ଉଦ୍ଦେଶ୍ୟ ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ସୁବିଧା, କଷ୍ଟ ସମୟରେ ଅବତରଣ ବନ୍ଦର ଭଣ୍ଡାର ଗୃହଠାରୁ କ୍ରେତାମାନଙ୍କ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରାଯାଇଅଛି । ଦୋକାନରେ ରଖା ଯାଉଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଅନ୍ୟ କାହାରି ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ସେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ପ୍ରଧାନ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ଚନ୍ଦ୍ରକ, ଚନ୍ଦ୍ରକୋଣା, ଫରାସଡ଼ାଙ୍ଗା, ଯାଜପୁର ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ୀ; ଇଂଲଣ୍ଡ ସ୍ଥାନର ଚଦର, ଗରଦ, ବସ୍ତ୍ର; ଢାକା ଇତ୍ୟାଦି ପଶମି ଲୁଗା; କୋମ୍ପାନି, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତି ସ୍ଥାନର କଲର ତିଆରି ଚଦର ଲଂକ୍ଲଥ ଛିଟ ମୋଜା ଗେଞ୍ଜି ଟୋପି ଓ ସାମୁଦ୍ରିକ ପ୍ରଭୃତି; ସବୁପ୍ରକାର ନାଦାନି ଓ ଶାଦା କାଗଜ, ଚିଠିର କାଗଜ, ଲେଫାଫା, ଦୁଆତ, କାଳି, କଲମ, ପେନସିଲ, ରବର, ତୁଳି, ନିବ, ସ୍ଲେଟପେନ, ନିବ ପ୍ରଭୃତି, ସବୁପ୍ରକାର ଲେଖା ଦ୍ରବ୍ୟାଦି । ସବୁପ୍ରକାର ଔଷଧ, ବିଲାତି ସୁଗନ୍ଧି ତୈଲ ଓ ସୁଗନ୍ଧି ପାଉଡର, ସାବୁନ, ଅଗୁରୁ, ଧୂପ ପ୍ରଭୃତି ପ୍ରେସିଡେନ୍ସିର ବହୁବିଧ ପଥ୍ୟ, ବଟକର ସକ୍ତା ଦିଗର ବାଣ୍ଡ, ଫଲୁଅ ଓ ଖେଳଣା, ସୁନା ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏତଦ୍ଭିନ୍ନ ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛା କଲେ ମୂଲ୍ୟର କେତେକାଂଶ ଜମା ଦେଲେ ସ୍ୱଳ୍ପମୂଲ୍ୟରେ ଆଣିଦିଆଯାଏ । କଟକ ଦେଉଁଦୁଳି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

## ନୂତନ ଆମଦାନୀ

## ନାନାବିଧ ଶୀତବସ୍ତ୍ର ।

## ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଗ୍ରାହକର ଇଚ୍ଛାନୁସାରେ ରଜା ଜମିଦାରମାନଙ୍କୁ ବହୁସ୍ଥାନରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର, ଅଠମଲ୍ଲିକ, ଗଡ଼ଜାତ, ସରାଇକେଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ଉକ୍ତ ସ୍ଥାନରେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ସାଢ଼ୀ, ଧୋତି ଯୋଡ଼ି, ଚେଲେଗା, ଦୋଶାଲ, ବାପ୍ତା ସଙ୍ଗୀ ଦୋପଟ୍ଟା ମଖମଲ, ଶିରରେ ବାନ୍ଧିବାର ପଗଡ଼ି, ରୁମାଲ, ଶାଲ ଏବଂ ନାନା ପ୍ରକାର ଜରିର କାମ ଅଙ୍ଗରଖା ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । କାଶୀରେ ବିଶେଷ ଜାଲିଆତି ଥିବାରୁ କେଣେ ଓଡ଼ିଆ ମୋହରର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଉତ୍ତର ମାତ୍ର ଲଫାଫାଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଭଲ ହେବ । ଭେଲ୍ୟୁପେଏବଲ ପାର୍ଶଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଣ୍ଡୁଲାଲ ଭୋଳାନାଥ
କୃଷ୍ଣଚନ୍ଦ୍ର ଫାଟକ ବନାରସ ସିଟି

---

ଜନ୍ତ୍ରାନ୍ସ, ଅପରପ୍ରାଇମେରୀ, ଲୋୟର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରକୃତ ପରିମାଣରେ କମିଶନ ଦିଆଯାଏ । ନାନାପ୍ରକାର କାଗଜ, ପେନସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ମେନେଜର ।

## ନୂତନ ପୁସ୍ତକ ।

### ସଟୀକ

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକସାଙ୍ଗରେ ଟ ୧୨॥୵ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଛି ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨॥ |
| ୨ ସଭା ପର୍ବ | ଟ ୨॥ |
| ୩ ଅରଣ୍ୟ ପର୍ବ | ଟ ୨॥ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍ୟୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୧ |
| ୯ କର୍ଣ୍ଣ ପର୍ବ | ଟ ୦।୰ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ନାରୀ ବା ସୌପ୍ତିକ ପର୍ବ | ଟ ୦।୵ |
| ୧୩।୧୪ ଦାନ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦॥ |
| ୧୭ ମୂଷଳୀ ପର୍ବ | ଟ ୦।୰ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ସଟୀକ ଚୈତନ୍ୟ ଚରିତାମୃତ | ଟ ୨॥ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦ | ଟ ୧୧ |
| ଗାଣ୍ଡିବାସ୍ତ୍ର ଅଭିନ | ଟ ୦।୵ |
| ବର୍ଣ୍ଣଶୀତାଦି | ଟ ୦॥ |
| କ୍ଷେତ୍ରତତ୍ତ୍ୱସାର ବା ଚୈତନ୍ୟ ଜୀବନ | ଟ ୦ ୰ |
| ଦକ୍ଷବାଣିଜ୍ୟ ୨ୟ ଭାଗ | ଟ ୦ ୰୨ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ୰ |
| ଅର୍ଦ୍ଧସ୍ତମ୍ଭ | ଟ ୨ ୧ |
| ଦୃଷ୍ଟି ଏକ ସ୍ତମ୍ଭକୁ | ଟ ୩ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ଦର ଟ ୦ ॥ ଠାରୁ ଊଣା ହେବ ନାହିଁ ।
ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।
ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।
ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା କଟକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୩୫ ଭାଗ | ୯ ସଂଖ୍ୟା

ତା ୩ ରଖ ମାହେ ମାର୍ଚ୍ଚ ସନ ୧୯୦୦ ମସିହା । ମୃ । ତା ୨୧ ଇ ଫାଲ୍ଗୁନ ସନ ୧୩୦୭ ସାଲ ଶନିବାର

ଅଗ୍ରୀମ ଟ ୨୧
ପଶ୍ଚାଦ୍ଦେୟ ଟ ୬୧

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବପରି କଟକ ପ୍ରିଣ୍ଟିଂକମ୍ପାନିଦ୍ଵାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦। |
| ଛୋଟ | ଟ ୦୧୬ |

ମୋଫସଲ ନିମନ୍ତେ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ ବା ଷ୍ଟିମରଦ୍ଵାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଗତ କାଲି ଆସାମ ଭ୍ରମଣ ନିମନ୍ତେ ଯାତ୍ରା କଲେ। ସେ ଡିବ୍ରୁଗଡ଼, ତେଜପୁର ଏବଂ ଗୌହାଟି ସନ୍ଦର୍ଶନ କରି ଚଳିତମାସ ତା ୧୫ ରିଖରେ କଲିକତାକୁ ଫେରିଆସିବେ । ପ୍ରସ୍ଥାନ ଓ ପ୍ରତ୍ୟାଗମନ ଉଭୟ ଅପ୍ରକାଶ୍ୟଭାବରେ ହେବ ।

---

ଦୁର୍ଭିକ୍ଷସାହାଯ୍ୟ ପାଇବା ବ୍ୟକ୍ତିଙ୍କ ସଂଖ୍ୟା ଗତ ସପ୍ତାହରେ ୫୦½ ଲକ୍ଷ ଥିଲା। ଏସପ୍ତାହରେ ୫୬½ ଲକ୍ଷ ହୋଇଅଛି । ଦୁର୍ଭିକ୍ଷ ପୀଡ଼ିତ ସକଳପ୍ରଦେଶରେ ବୃଦ୍ଧି ଘଟିଅଛି ମାତ୍ର ବମ୍ବେଇରେ ସର୍ବାପେକ୍ଷା ଅଧିକ ଅର୍ଥାତ୍ ୮୦ ହଜାରରୁ ଅଧିକ ବଢ଼ିଅଛି । ମଧ୍ୟ ପ୍ରଦେଶରେ ପୂର୍ବ ୨।୩ ସପ୍ତାହ କିଛି ଊଣା ପଡ଼ିଥିଲା । ପୁଣି ବଢ଼ିବାର ଆରମ୍ଭ ହୋଇଅଛି ।

---

ମାନ୍ୟବର ଲେଫ୍ଟେନାଣ୍ଟ ଗବର୍ଣ୍ଣର ଘୋଷଣା ଦେଇ ଅଛନ୍ତି କି କଟକ, ପୁରୀ, ବାଲେଶ୍ୱର, ମୋଜଫର ପୁର ଏବଂ ଚମ୍ପାରଣ ଜିଲ୍ଲାମାନଙ୍କର ସମସ୍ତ ଜମିର ସରକାରୀ ସରଭେ ଅନୁସାରେ ନକ୍ସା ଓ ସତ୍ଵଲିପି ପ୍ରସ୍ତୁତ ହୋଇଥିବାରୁ ସେହି ସରଭେ ଅନୁସାରେ ପ୍ରସ୍ତୁତ ହୋଇଥିବା ନକସାମାନ ତହିଁ ଲିଖିତ ଚୌହଦୀ ସନ ୧୮୭୭ ସାଲର ରେଜିଷ୍ଟ୍ରେସୀ ଆଇନର ଧା ୨୧ ରା ଅନୁସାରେ ସମସ୍ତ ଘର ଏବଂ ଜମିର ବର୍ଣ୍ଣନାରେ ବ୍ୟବହାର କରିବାକୁ ହେବ । କେବଳ ସହର ମଧ୍ୟରେ ଥିବା ଘର ସ୍ଥଳ ଏହା ଖଟିବ ନାହିଁ ।

---

ବଡ଼ ଆନନ୍ଦର ବିଷୟ ଯେ ଦୁର୍ଭିକ୍ଷ ସାହାଯ୍ୟ ପାଣ୍ଠି ଚଳିଲ ବଢ଼ୁଅଛି। କଲିକତାର ଦେଢ଼ ୨ଲକ୍ଷ ଟଙ୍କାରୁ ବଡ଼ଗଲାଣି ଏବଂ ବିଲାତମାନ୍ସନହାଉସର ଦେଢ଼ ଏକଲକ୍ଷ ପାଉଣ୍ଡ ଅର୍ଥାତ୍ ପନ୍ଦରଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେବାର ସମ୍ବାଦ ଆସିଅଛି । ଏହାଛଡ଼ା ବିଲାତର ମାଞ୍ଚେଷ୍ଟର ନଗରରେ ଆଉ ଗୋଟିଏ ପାଣ୍ଠି ପ୍ରସ୍ତୁତ ହେଉଅଛି । ବିଲାତରୁ ଏଥିମଧ୍ୟରେ ୯ ଲକ୍ଷ ଟଙ୍କା କଲିକତାର କାର୍ଯ୍ୟ ନିର୍ବାହକ କମିଟିଙ୍କ ନିକଟକୁ ଆସିଅଛି। କମିଟି ମଧ୍ୟ ସାହାଯ୍ୟ ଦାନର ପ୍ରଥମ କିସ୍ତି ସ୍ୱରୂପ ବମ୍ବେଇକୁ ଅର୍ଦ୍ଧଲକ୍ଷ ଟଙ୍କା ପ୍ରେରଣ କରିଅଛନ୍ତି ।

---

ମାନ୍ୟବର ଲେଫ୍ଟେନାଣ୍ଟ ବାହାଦୁର ଆସନ୍ତା ବୁଧବାର ସକାଳବେଳେ 'ଗାଇଡ଼' ନାମକ ସରକାରୀ ଜାହାଜରେ କଲିକତାରୁ ପୁରୀ ଜିଲ୍ଲାକୁ ଯାତ୍ରା କରିବେ ଏବଂ ତହିଁ ଉତ୍ତାରୁ ସୋମବାର ଦିନ କଲିକତାକୁ ଫେରି ଆସିବେ । ମାନ୍ୟବର ମହୋଦୟଙ୍କର ଏହି ଭ୍ରମଣ ଗୋପନୀୟ ଭାବରେ ଓ ସୁତରାଂ ତାହାଙ୍କ ଗହଣରେ ସରକାରୀ କର୍ମଚାରୀମାନଙ୍କର ଉପସ୍ଥିତ ରହିବାର ପ୍ରୟୋଜନ ନାହିଁ । ପୁରୀ ଜିଲ୍ଲାର କେଉଁ ସ୍ଥାନ ଭ୍ରମଣ କରିବେ ବା କେଉଁଠାରେ କେତେ ଦିନ ରହିବେ କିଛି ଜଣା ନାହିଁ ।

---

ଗତ ମଙ୍ଗଳବାର ଦିନ ଶିବରାତ୍ରୀ ଉପଲକ୍ଷରେ ଏଠା ହନ୍ତହଡ଼ି ଘାଟଠାରେ ମହାଦେବଙ୍କ ମନ୍ଦିରରେ ବିଶେଷ ସମାରୋହ ହୋଇଥିଲା । ଶ୍ରୀମାନ୍ ବାବୁ ଶଶିଭୂଷଣ ରାୟଙ୍କ ଉଦ୍‌ଯୋଗରେ ସେଠାରେ ନାନାପ୍ରକାର ରୋସନାଇ, କୃଷ୍ଣଲୀଳା ନାଚ ଓ ସତ୍ୟନାରାୟଣଙ୍କର ପାଲା ହୋଇଥିଲା । ପ୍ରାତଃକାଳରେ ପ୍ରାୟ ୫୦୦ ଣ କଙ୍ଗାଳଙ୍କୁ ଅନ୍ନ ବ୍ୟଞ୍ଜନାଦି ଭୋଜନ କରାଇ ପଇସାଏ ଲେଖାଏ ଦିଆଯାଇଥିଲେ । ବଉଦଉସ୍ତବ ନାମକ

Digitized by srujanika@gmail.com

Split by PDF Splitter 66



ପ୍ରସ୍ତୁତ ଯଥା କରାଇ ସମସ୍ତଶ୍ରେଣୀର ଲୋକଙ୍କ ବିତରଣ କରିଥିଲେ । ଏଥିପାଇଁ ଧର୍ମାର୍ଥରେ ବ୍ୟୟ କରିବା ମହତ୍ତ୍ୱଗୁଣର ପରିଚାୟକ ଅଟେ ।

---

କଲିକତାର ଶ୍ରୀଯୁକ୍ତ ରମେଶଚନ୍ଦ୍ର ଦତ୍ତ ଯେ କି ଏକସମୟରେ ଓଡ଼ିଶାର କମିସନର ହୋଇଥିଲେ ସେ ପେନସନ ନେଇ ବର୍ତ୍ତମାନ ଏକପ୍ରକାର ବିଲାତବାସୀ ହୋଇଅଛନ୍ତି । ଜାତୀୟ ମହାସମିତିର ଗତ ଅଧିବେଶନ ଉପଲକ୍ଷରେ ଗତ ଡିସମ୍ବରମାସରେ ଭାରତକୁ ଆସି ସମ୍ପ୍ରତି ପୁଣି ବିଲାତକୁ ଯାଉଥିବାରୁ ଗତ ପୂର୍ବ ଶୁକ୍ରବାର ତାହାଙ୍କୁ ସମ୍ମାନ ସହିତ ବିଦାୟ ଦେବା କାରଣ କଲିକତାର ଟାଉନହଲରେ ଗୋଟିଏ ବୃହତ୍ ସଭା ହୋଇଥିଲା । ସେ ଉପଲକ୍ଷରେ ଯେଉଁ ଅଭିନନ୍ଦନ ପତ୍ର ପଠିତ ହୋଇଥିଲା ତହିଁର ଉତ୍ତରରେ ସେ ଗୋଟିଏ ସଦୁପଦେଶ ପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ । ସେ ଭାରତବାସିଙ୍କର ଆଶା ଓ ଅଭାବ ବିଲାତର ଜନସାଧାରଣଙ୍କୁ ଜଣାଇ ଅମ୍ଭମାନଙ୍କର ପରମ ଉପକାର କରୁଅଛନ୍ତି ।

---

କଲିକତାରେ ପ୍ଲେଗରୋଗ ପ୍ରାୟ ଦୁଇବର୍ଷ ହେଲା ଶୁଣା ଯାଉଥିଲେହେଁ ଅଳ୍ପ ଲୋକଙ୍କ ଆକ୍ରମଣ କରୁଥିଲା ଅର୍ଥାତ୍ ଦୈନିକ ମୃତ୍ୟୁ ସଂଖ୍ୟା ଏକ ଦଶକକୁ ଲଙ୍ଘି ନଥିଲା । ଗତ କେତେକ ସପ୍ତାହରୁ ଦୈନିକ ମୃତ୍ୟୁ ତହିଁର ପାଞ୍ଚଗୁଣ ଅର୍ଥାତ୍ ୫୦ରୁ ଅଧିକ ହେଉଅଛି । କଥାତ ପ୍ଲେଗ ରୋଗ ସେଠାରେ ପ୍ରକୃତରେ ବୃଦ୍ଧି ହେଉଅଛି ବୋଲି ଅନେକ ଲୋକ ବିଶ୍ୱାସ କରୁ ନାହାନ୍ତି ଏବଂ ତାହା ନିତାନ୍ତ ଅଯୌକ୍ତିକ ନୁହେ । ଏକ ସମ୍ବାଦପତ୍ରରେ ଲେଖାଅଛି କି ରାଜା ନବକୃଷ୍ଣ ବଜାରର ଜଣେ ବଡ଼ଲୋକ ଘରେ ଅନେକ କାଳରୁ ପୀଡ଼ିତ ଥିବା ଜଣେ ଯୁବା ସେ ଦିନ ମରି ଗଲା । ବିଶ୍ୱାସୀ ଡାକ୍ତରମାନେ ତାହାର ଚିକିତ୍ସା କରୁଥିଲେ । ମୃତ୍ୟୁର ପରଦିନ ହଠାତ୍ ପ୍ଲେଗ ମହଲ୍ଲାର କୁଲିମାନେ ଆସି ମାଲିକଙ୍କ ମନା ନ ମାନି ଶବ ପରିଷ୍କାର କରିନେଇ ଗଲେ । ସେ ବ୍ୟକ୍ତି କି ରୋଗରେ ମଲା ତାହାର ଚିକିତ୍ସା କରୁଥିବା ଡାକ୍ତରମାନଙ୍କୁ ପୃଚ୍ଛା ନ ପଚାରି ପ୍ଲେଗ ହୋଇ ଥିବାର ସ୍ଥିର କଲେ । ଏପରି ସ୍ଥଳେ ତାହିଁକି ଲୋକଙ୍କର ଅବିଶ୍ୱାସ ନ ହେବ ।

---

ଜୟପୁର ମହାରାଜ କଲେଜର ଅଧ୍ୟକ୍ଷ ଏବଂ ସେହି ରାଜ୍ୟର ଶିକ୍ଷା ବିଭାଗର ଡାଇରେକ୍ଟର ଶ୍ରୀଯୁକ୍ତ କାଳୀପଦ ବାନର୍ଜ୍ଜୀ ସେହି ରାଜ୍ୟର ଗତବର୍ଷର ଶିକ୍ଷା ବିଭାଗର କାର୍ଯ୍ୟର ବାର୍ଷିକ ବିବରଣ ପ୍ରକାଶ କରିଅଛନ୍ତି । ସେ ରାଜ୍ୟରେ ୨୨ ପ୍ରାଥମିକ ବିଦ୍ୟାଳୟ ୧୧ ମଧ୍ୟ ବିଦ୍ୟାଳୟ, ତିନୋଟି କଲେଜ ଅଛି ଏବଂ ଗୋଟିଏ ସୁନ୍ଦର ଶିଳ୍ପ ବିଦ୍ୟାଳୟ ଅଛି । ଏହା ଛଡ଼ା କେତେଗୁଡ଼ିଏ ବାଳିକା ବିଦ୍ୟାଳୟ ଅଛି । ଗତବର୍ଷ ଏ ସମସ୍ତ ବିଦ୍ୟାଳୟରେ ସର୍ବସୁଦ୍ଧା ୨୬୩୧ ପିଲା ପଢୁଥିଲେ ଏବଂ ଦରବାରର ବ୍ୟୟ ପ୍ରାୟ ଏକଲକ୍ଷ ଟଙ୍କା ହୋଇଥିଲା । ତହିଁ ମଧ୍ୟରେ ଏହା କଲେଜମାନଙ୍କର ବ୍ୟୟ ୪୦ ହଜାର ଏବଂ ଶିଳ୍ପ ବିଦ୍ୟାଳୟର ବ୍ୟୟ ୧୦ ହଜାର ଟଙ୍କା ଅଟେ । ସ୍କୁଲରେ ପଢ଼ିବା ବୟସର ପିଲାମାନଙ୍କ ଶତକଡ଼ା ଯେତେପିଲା ଜୟପୁର ରାଜ୍ୟରେ ପଢୁଅଛନ୍ତି ତାହା ସମୀପବର୍ତ୍ତୀ ଇଂରାଜ ରାଜ୍ୟର ଶତକଡ଼ାରୁ ଅଧିକ ଅଟେ । କଲିକତା ବିଶ୍ୱବିଦ୍ୟାଳୟର ଗତ ଏମ, ଏ, ପରୀକ୍ଷାରେ ଜୟପୁର ମହାରାଜ କଲେଜର ଜଣେ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଏହା ପ୍ରେସିଡେନ୍ସି କଲେଜ ଛଡ଼ା ବଙ୍ଗଳାର ଅନ୍ୟ ସମସ୍ତ କଲେଜକୁ ଡେଇଁ ଯାଇଥିଲା । ଏପରି ସେହି କଲେଜିଏଟସ୍କୁଲର ଜଣେ ଏଲାହାବାଦ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ସର୍ବୋଚ୍ଚ ସ୍ଥାନ ପାଇଥିଲା । ଏ ସମସ୍ତ ଶୁଭଫଳ ବାନର୍ଜ୍ଜୀ ମହାଶୟଙ୍କର ଗୌରବର ବିଷୟ ଏହା ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ହେବ ।

---

ଗତ ପୂର୍ବ ଶନିବାର କଲିକତା ବିଶ୍ୱବିଦ୍ୟାଳୟର ବାର୍ଷିକ ଉପାଧି ବିତରଣ ସଭା ହୋଇଥିଲା । ମହାମାନ୍ୟ ଗବର୍ଣ୍ଣର ଜେନରଲ ବାହାଦୁର ବିଶ୍ୱବିଦ୍ୟାଳୟର ଚାନସେଲର ବା ଅଧିପତି ଅଟନ୍ତି ସେ ଦିନର ସଭାରେ ସେ ଉପସ୍ଥିତ ହୋଇ ସଭାପତିର କାର୍ଯ୍ୟ ନିର୍ବାହ କରିଥିଲେ । ପୂର୍ବ ଗବର୍ଣ୍ଣର ଜେନରଲମାନେ କେବଳ ସାଧାରଣ କଳା ରେସମର ଗାଉନ ( ପୋଷାକ ବିଶେଷ ) ପରିଧାନ କରି ଏହି ବାର୍ଷିକ ସଭାରେ ଉପସ୍ଥିତ ହେଉଥିଲେ ମାତ୍ର ସମସ୍ତେ ସେପରି ଗାଉନ ପିନ୍ଧିବାର ନିୟମ ଥିବାରୁ ସଭାପତିଙ୍କ ପରିଚ୍ଛଦର ବିଶେଷତ୍ୱ କିଛି ନ ଥିଲା । ଲର୍ଡ କର୍ଜନ ଦୁଇହଜାର ଟଙ୍କା ବ୍ୟୟ କରି ଗୋଟିଏ ସୁନା ଜରି ଝଲମଲ ପୋଷାକ ପ୍ରସ୍ତୁତ କରାଇ ତାହା ପିନ୍ଧି ସଭାକୁ ଶୁଭାଗମନ କରିଥିଲେ ଏବଂ ତାହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଲର୍ଡ କର୍ଜନ ଯେତେକାଳ ଭାରତରେ ରହିବେ ସମ୍ଭବତଃ ଏହି ମୂଲ୍ୟବାନ୍ ପରିଚ୍ଛଦ ପିନ୍ଧିବେ ଏବଂ ତାହାଙ୍କ ପଶ୍ଚାଦ୍ବର୍ତ୍ତୀ ସଭାପତିମାନଙ୍କ ବ୍ୟବହାର ନିମନ୍ତେ ତାହା ରହି ଯିବ । ଲାଟ ମହୋଦୟ ନିକଟରେ ଅନେକ ଦେଶୀୟ ରାଜ୍ୟ ଭ୍ରମଣ କରି ରାଜାମାନଙ୍କର ସୁବର୍ଣ୍ଣ ଖଚିତ ପରିଚ୍ଛଦ ସନ୍ଦର୍ଶନ କରି ଆସିଲା ଉତ୍ତାରୁ ସ୍ୱୟଂ ସେପ୍ରକାର ଛନ୍ଦ ବ୍ୟବହାର କରିବାଦ୍ୱାରା ସେମାନଙ୍କ ରୁଚିର ଅନୁମୋଦନ ଏବଂ ଗୌଣଭାବରେ ଏ ଦେଶର ସେହି ବ୍ୟବସାୟର ଉତ୍ସାହ ପ୍ରଦାନ କରୁଅଛନ୍ତି । ସୁଖର ବିଷୟ ଅଟେ ।

---

ଆସନ୍ତା ସୋମବାର କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକାପରୀକ୍ଷା ଆରମ୍ଭ ହେବ । ଓଡ଼ିଶାର ଭିନ୍ନ ୨ ସ୍କୁଲରୁ ଯେତେ ଛାତ୍ର ପରୀକ୍ଷାରେ ଉପସ୍ଥିତ ହେବେ ତାହା ନିମ୍ନେ ପ୍ରଦତ୍ତ ହେଲା ।

| | |
|---|---|
| ପୁରୀ ଜିଲାସ୍କୁଲ | ଜ ୨ ଣ |
| ଭଦ୍ରଖହାଇ ଇଂ ସ୍କୁଲ | ଜ ୨ ଣ |
| କଟକ ମିସନ " | ଜ ୧୫ ଣ |
| ଢେଙ୍କାନାଳ " | ଜ ୨ ଣ |
| ବାଲେଶ୍ୱରଜିଲା ସ୍କୁଲ | ଜ ୯ ଣ |
| " ଖ୍ରୀଷ୍ଟୀୟାନ ହାଇସ୍କୁଲ | ଜ ୪ ଣ |
| କଟକରେଭେନ୍ସା କଲେଜପୃଷ୍ଠ ସ୍କୁଲ | ଜ ୨୯ ଣ |
| ମୟୂରଭଞ୍ଜ ହାଇ ଇଂ | ଜ ୨ ଣ |
| କେନ୍ଦ୍ରାପଡ଼ା " | ଜ ୮ ଣ |
| ଯାଜପୁର " | ଜ ୫ ଣ |
| କଟକ ପ୍ୟାରୀମୋହନ ଏକାଡେମି | ଜ ୯ ଣ |
| ଖୋର୍ଦ୍ଧା ହାଇ ଇଂ ସ୍କୁଲ | ଜ ୪ ଣ |
| ଲକ୍ଷ୍ମଣନାଥ " | ଜ ୨ ଣ |
| ବାହାର ଛାତ୍ର | ଜ ୨୬ ଣ |
| ମୋଟ | ଜ ୧୧୯ ଣ |

ଜୟପୁର ଜିଲ୍ଲା ଅନ୍ତର୍ଗତ ଗଡ଼ପାଲ ରାଜାଙ୍କର ୨ୟ କୁମାର ଏଠାରେ ପ୍ରବେଶିକା ପରୀକ୍ଷା ଦେବା କାରଣ ଗତ କାଲି ପ୍ରାତଃକାଳରେ ଉପସ୍ଥିତ ହୋଇଅଛନ୍ତି ।

ଏଠା ରେଭେନ୍ସା କଲେଜର ଏଫ୍ ଏ ପରୀକ୍ଷାରେ ଜ ୩୩ ଣ ଓ ବି ଏ ପରୀକ୍ଷାରେ ଜ ୨୨ ଣ ଛାତ୍ର ଉପସ୍ଥିତ ହେବେ ।

—*—

ପୋଷ୍ଟ ଗ୍ରାଜୁଏଟ ବୃତ୍ତି ନାମରେ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ତିନୋଟି ବୃତ୍ତି ସ୍ଥାପନ କରିଅଛନ୍ତି ପ୍ରତ୍ୟେକ ବୃତ୍ତିର ମାସିକ ମୂଲ୍ୟ ଟ ୧୦୦ ଙ୍କ ଏବଂ ଭୋଗ କରିବାର କାଳ ବ ୩ ର୍ଷ । ଯେଉଁମାନେ କଲିକତା ବିଶ୍ୱ ବିଦ୍ୟାଳୟର ଏମ, ଏ, ଏମ୍, ଡି; ଡି, ଏଲ୍; ଡି, ଏସ୍, ସି, ଅଥବା ଏମ୍ ଡି, ର ଉପାଧି ପାଇଅଛନ୍ତି ସେହିମାନେ କେବଳ ଏହି ବୃତ୍ତିର ଅଧିକାରୀ ହେବେ । ବିଶ୍ୱ ବିଦ୍ୟାଳୟର ଉଚ୍ଚ ପରୀକ୍ଷା ପାସ କଲା ଉତ୍ତାରୁ ଛାତ୍ର-

Digitized by srujanika@gmail.com

ମାନଙ୍କ ପ୍ରସାର ନିବାନ୍ଧି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥାପକଙ୍କ ନିଯୁକ୍ତ ହୁଅନ୍ତି, ସାହିତ୍ୟ ବା ବିଜ୍ଞାନର ମୌଳିକ ତତ୍ତ୍ୱାନୁସନ୍ଧାନ କରିବାକୁ ଯାହାର ପ୍ରବୃତ୍ତି ଥିଲେ ମଧ୍ୟ ପେଟ ଦାୟରେ ତାହାଙ୍କୁ ବିରତ ହୁଅନ୍ତି । ସେମାନଙ୍କୁ ସେପରି ତତ୍ତ୍ୱାନୁସନ୍ଧାନର ସୁଯୋଗ ଦେବା ଏହି ବୃତ୍ତିର ଅଭିପ୍ରାୟ ଅଟେ । ଛବୋଟି ବୃତ୍ତି ମଧ୍ୟରୁ ଦଶୋଟି ବିଜ୍ଞାନ ଏବଂ ଗୋଟିଏ ସାହିତ୍ୟର ଅନୁସନ୍ଧାନ ନିମନ୍ତେ ଦିଆ ହୋଇଅଛି । ବୃତ୍ତିଧାରୀମାନେ ଶିକ୍ଷା ବିଭାଗର ଅଧୀନରେ ରହିବେ ଏବଂ କି ଅନୁସନ୍ଧାନରେ ନିଯୁକ୍ତ ଅଛନ୍ତି ତାହା ଦେଖାଇବେ । ପ୍ରତି ଛଅ ମାସରେ ଏକଥରରେ ଛଅ ମାସର ଟଙ୍କା ପାଇବେ ଏବଂ ପ୍ରତିବର୍ଷ କାର୍ଯ୍ୟର ହିସାବ ଦେଖାଇ ନ ପାରିଲେ ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛାମତେ ଟଙ୍କା ବନ୍ଦ ହୋଇ ପାରିବ । ଅନ୍ୟାନ୍ୟ ବିଷୟମାନ ଯାହାଙ୍କର ଜାଣିବାର ଇଚ୍ଛା ଗତ ତା ୧୪ ରଖର କଲିକତା ଗେଜେଟରୁ ଜାଣି ପାରିବେ । ଏହି ଶିକ୍ଷା ନିମନ୍ତେ ଆମ୍ଭମାନେ ବଙ୍ଗେଶ୍ୱର ମାନ୍ୟବର ସରଜାନ ଉଡ୍‌ବର୍ଣ୍ଣଙ୍କୁ ଆନ୍ତରିକ ଧନ୍ୟବାଦ ଦେଇ ଏକାନ୍ତ କାମନା କରୁଅଛୁ କି ଯେଉଁ ସଦାଭିପ୍ରାୟରେ ଏଥିର ସୃଷ୍ଟି କରିଅଛନ୍ତି ତାହା ଶୀଘ୍ର ସଫଳ ହେବ ଏବଂ ଅତଃପର ଗବର୍ଣ୍ଣମେଣ୍ଟ ବୃତ୍ତିର ସଂଖ୍ୟା ଏବଂ ମୂଲ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ ହେବେ ।

---

ଏଠା କଲେକ୍ଟରୀ ମହାଫିଜଖାନାର ହେଡ ତଲବ ସମ୍ବନ୍ଧୀୟ ଫଉଜଦାରୀ ମୋକଦ୍ଦମାରେ ଏକ୍‌ଟିଂ ମହାଫିଜ ମହମ୍ମଦ ହାସିମ ଏବଂ ତାହାର ଲୋକ ବଣ୍ଡଚରଣ ମହାନ୍ତି ଦଣ୍ଡ ପାଇଥିବାର ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇ ଥିଲୁ । ଏମାନେ ଜଜସାହେବଙ୍କ ଠାରେ ଅପିଲ କରି ନିଷ୍ପତ୍ତି ହେବାପର୍ଯ୍ୟନ୍ତ ଜାମିନରେ ଖଲାସ ପାଇବାର ପ୍ରାର୍ଥନା କରିଥିଲେ । ସାହେବ ମହୋଦୟ ସେ ପ୍ରାର୍ଥନା ଅଗ୍ରାହ୍ୟକରି ଶୀଘ୍ର ସେମାନଙ୍କର ଅପିଲ ବିଚାରପୂର୍ବକ ଗତ ସୋମବାର ନିମ୍ନ ଅଦାଲତର ହୁକୁମ ରଦକରି ଉଭୟ ଆସାମିଙ୍କୁ ଖଲାସ ଦେଲେ । ସାହେବ ମହୋଦୟଙ୍କର ରାୟର ମର୍ମ ଏହିକି ମହାଫିଜଖାନାର ମାଲିକ କଲେକ୍ଟରସାହେବ ଅଟନ୍ତି । ବଣ୍ଡଚରଣ ତାହାଙ୍କୁ ଦସ୍ତ ପ୍ରଦର୍ଶନ କମ୍ମା ବରଖ୍ତ କରିବା ଅଭିପ୍ରାୟରେ ମହାଫିଜଖାନା ମଧ୍ୟରେ ଅନଧିକାର ପ୍ରବେଶ କରିବାର ବୋଲିଯାଇ ନପାରେ ଅଥବା କେଉଁ ଅପରାଧ କରିବା ଅଭିପ୍ରାୟରେ ସେ ତାହା କରିଥିଲେ ନିମ୍ନ ଅଦାଲତଙ୍କର କାଗଜରେ ପ୍ରକାଶ ହୋଇନାହିଁ । ସୁତରାଂ ସେ ଅନଧିକାର ପ୍ରବେଶ କରିଥିଲେହେଁ ତାହାଙ୍କରେ ଦଣ୍ଡନୀୟ ଅନଧିକାର ପ୍ରବେଶ ଅପରାଧ ଘଟନା ହେଉନାହିଁ ଏବଂ ଆଦୌ ଅପରାଧ ନହେବା ସ୍ଥଳେ ତାହାଙ୍କର ସହାଯ୍ୟତା ନିମନ୍ତେ ମହାଫିଜ ଅପରାଧୀ ହୋଇ ନପାରେ । ଅତଏବ ଜଜସାହେବ ସେମାନଙ୍କୁ ଖଲାସଦେଲେ । ମାତ୍ର ଜଜସାହେବ ତାହାଙ୍କ ସଙ୍ଗେ କହୁଅଛନ୍ତି କି ବଣ୍ଡଚରଣ ହେଡ ନକଲ ନେବାର ଏବଂ ଅନ୍ୟ ମୁହାଲପ୍ରତି ବିଶ୍ୱାସ ଭଙ୍ଗକାର ଅପରାଧ ଘଟିପାରେ । କଲେକ୍ଟର ସାହେବ ଇଚ୍ଛା କଲେ ସେଥିରେ ମୋକଦ୍ଦମା ଚଳାଇ ପାରିବେ । ଫଳତଃ ଆସାମିମାନେ ଉପସ୍ଥିତ ଦଣ୍ଡରୁ ମୁକ୍ତି ପାଇଲେ ମାତ୍ର ସମସ୍ତ ଦାୟରୁ ରକ୍ଷା ପାଇଲେ ନାହିଁ । ଏଥି ଉତ୍ତାରୁ କଲେକ୍ଟର ସାହେବ କି ବିଚାର କରିବେ ତାହା ଯଥା ସମୟରେ ପ୍ରକାଶ ପାଇବ ।

---

## ଟ୍ରାନ୍‌ସଭାଲଯୁଦ୍ଧ ।

ତା ୨୧ ରଖ ତାରସମ୍ବାଦ । ଜେନେରଲ ହାର୍ଟ ସାମାନ୍ୟ ଯୁଦ୍ଧ କରି କଲେନ୍‌ସୋ ଅଧିକାର କଲେ । ଜେନରଲ ହାର୍ଟଙ୍କ ଅଗ୍ରଗାମୀ ସୈନ୍ୟ ଟ୍ରୁବେଲ୍ସ ପାର ହୋଇଅଛନ୍ତି । ଶତ୍ରୁମାନେ ପଶ୍ଚାଦପଦ ହେଉଅଛନ୍ତି । ଲର୍ଡ ରବର୍ଟଙ୍କ ପ୍ରାର୍ଥନାନୁଯାୟୀ ଯୁଦ୍ଧସ୍ଥଳକୁ ଅନୂନ ୫୦ ଜଣ ବିଶେଷ କର୍ମ୍ମଚାରୀ ପ୍ରେରିତ ହେବେ ।

ଜେନେରଲ କ୍ରୋଞ୍ଜେ ମେଗର୍ସଫଣ୍ଟେନ ପରିତ୍ୟାଗ କରିବା ସମୟରେ ସଙ୍ଗରେ ପାଞ୍ଚ ସହସ୍ର ସୈନ୍ୟ, ଖଣ୍ଡିଏ ତୋପଖାନ ଓ ଯୁଦ୍ଧ ସାମଗ୍ରୀ ନେଇଥିଲେ; ଅବଶିଷ୍ଟ ସୈନ୍ୟମାନଙ୍କୁ ସ୍ୱାଧୀନ ଭାବରେ ପଳାଇବା ନିମନ୍ତେ ଆଦେଶ ଦେଇ ଥିଲେ । ଜେନେରଲ କ୍ରୋଞ୍ଜେଙ୍କ ପଶ୍ଚାଦ୍‌ଭାଗର ସୈନ୍ୟସମୂହ ପଳାୟନ କରିବାକୁ ସକ୍ଷମ ହୋଇ ଥିଲେ ଅଧିକାଂଶ ସୈନ୍ୟ ମଡାର ନଦୀ ପାର ହୋଇ ପାରିଥିଲେ । କ୍ରୋଞ୍ଜେଙ୍କୁ ଅଟକ କରିବା ନିମନ୍ତେ ବ୍ରିଟିସ ସୈନ୍ୟ କିଲମ୍‌ରେ ପହୁଞ୍ଚିଥିଲେ ।

ପାରଡେବର୍ଗ ଓ କୁଡୁସରାଣ୍ଡ ମଧ୍ୟସ୍ଥିତ କୋଡା ଲଜ ସ୍ଥାନମାନ ବୁଅରମାନେ ଅଧିକାର କରିଅଛନ୍ତି । ବ୍ରିଟିସଙ୍କ ୫୦ ଜଣ ବନ୍ଦି ହୋଇଥିଲେ ।

ତା ୨୨ ରଖ ତାରସମ୍ବାଦ । ବ୍ରିଟିସ ସୈନ୍ୟସମୂହ ପାହାଡସବୁ ଅଧିକାର କରିଅଛନ୍ତି । ସେଠାରୁ ଲେଡିସ୍ମିଥ ଦେଖା ଯାଉଅଛି । ତା ୨୧ ରଖ ସନ୍ଧ୍ୟାରେ ଜେନେରଲ କ୍ରୋଞ୍ଜେ ଚତୁର୍ଦ୍ଦିଗେ ବେଷ୍ଟିତ ହୋଇଥିଲେ ଏବଂ ଦୁଇଦିବସ ଘୋରତର ଯୁଦ୍ଧ ହୋଇଥିଲା । ତୃତୀୟ ଦିବସରେ ନ ୮୦୦ ଣ ହସ୍ତର ବଚ୍ଛଯଣ ଅବସର ମାଗିଲେ ମାତ୍ର ଲର୍ଡ କିଚନାର ତାହା ଅଗ୍ରାହ୍ୟ କରି ଆତ୍ମସମର୍ପଣ ଅଥବା ଶେଷ ପର୍ଯ୍ୟନ୍ତ ଯୁଦ୍ଧ କରିବାକୁ କହିଥିଲେ । କ୍ରୋଞ୍ଜେ ବର୍ତ୍ତମାନ ମଡାର ନଦୀ ମଧ୍ୟରେ ଅବସ୍ଥିତ; ତାଙ୍କୁ ଇଂରେଜମାନେ ଚତୁର୍ଦ୍ଦିଗରେ ବେଷ୍ଟନ କରିଅଛନ୍ତି ଓ ତାଙ୍କ ସଙ୍ଗରେ ୮୦୦୦ ସୈନ୍ୟ ଅଛନ୍ତି । କ୍ରୋଞ୍ଜେ ହରବରରେ ପଡି ସୁଦ୍ଧା ଦୁଃସାହସପୂର୍ବକ ଯୁଦ୍ଧ କରୁଅଛନ୍ତି ।

ତା ୨୩ ରଖ ତାରସମ୍ବାଦ । ବ୍ରିଟିସ କର୍ଣ୍ଣେଲ ନ୍ୟାଲ ସମ୍ମୁଖସ୍ଥ ଫୋର୍ଟ ଉଇଲିକୁ ଅଧିକାର କରିଅଛନ୍ତି ।

ମେଗର୍ସ୍ ଫଣ୍ଟେନସ୍ଥ କ୍ରୋଞ୍ଜେଙ୍କ ଅଧୀନ ବୁଅରମାନେ ପ୍ରାୟ ମରଣାପନ୍ନ । ଲର୍ଡ ରବର୍ଟଙ୍କ ସୈନ୍ୟସମୂହ କ୍ରମଶଃ ବୃଦ୍ଧି ହେଉଅଛି । ଜେନେରଲ ଫ୍ରେଞ୍ଚ ପୂର୍ବାଦଳକୁ ଗମନ କରୁଅଛନ୍ତି । କ୍ରୋଞ୍ଜେ ବୁଅରଦଳକୁ ଯୋଡିବା ନିମନ୍ତେ ୨୪ ଘଣ୍ଟା ସମୟ ମାଗିଥିଲେ; କିନ୍ତୁ ପ୍ରାର୍ଥନା ଅଗ୍ରାହ୍ୟ ହେଲା କ୍ରୋଞ୍ଜେ ମହା ହରବରରେ ପଡି ଅବଶେଷରେ ଲର୍ଡ ରବର୍ଟଙ୍କ ନିକଟରେ ସସୈନ୍ୟରେ ଆତ୍ମସମର୍ପଣ କଲେ । ଏ ଶୁଭସମ୍ବାଦ ସର୍ବତ୍ରରେ ପ୍ରଚାରିତ ହୋଇଅଛି ଓ ଲର୍ଡ ରବର୍ଟ ଏଥି ନିମନ୍ତେ ଚତୁର୍ଦ୍ଦିଗରେ ଧନ୍ୟବାଦ ପ୍ରାପ୍ତ ହୋଇଛନ୍ତି । ଆଶା ହୁଏ ବୁଅରଯୁଦ୍ଧ ଅତିଶୀଘ୍ର ସମାପ୍ତ ହେବ ।

---

## ପାଠ୍ୟପୁସ୍ତକ ନିର୍ବାଚନ କଥା ।

ପାଠ୍ୟପୁସ୍ତକ ନିର୍ବାଚନ ସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଯେଉଁ ଗତ ସନ ୧୮୮୧ ସାଲରେ ଅବଧାରଣ କରିଥିଲେ ଏବଂ ଯାହା ତାହାଙ୍କ ଦ୍ୱାରାକୁ ବହିଥିବା ଶିକ୍ଷା ସମିତିର ବିବେଚନାରେ ଯୁକ୍ତିସଙ୍ଗତ ହେବାରୁ ସମିତ ସ୍ଥିର କରିଥିଲେ ତାହା ଭାରତର କେଉଁ ପ୍ରଦେଶରେ କପ୍ରକାରେ କାର୍ଯ୍ୟରେ ପରିଣତ ହୋଇଅଛି ଏ ବିଷୟ ଜାଣିବା କାରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କଠାରୁ ରିପୋର୍ଟ ତଲବ କରିଥିଲେ । ସେସମସ୍ତ ରିପୋର୍ଟରୁ ପ୍ରକାଶ ପାଇଥିଲା ଯେ ପାଠ୍ୟପୁସ୍ତକ ନିର୍ବାଚନ ସୂତ୍ର ଭାରତର ନାନା ପ୍ରଦେଶରେ ନାନାପ୍ରକାର ଏବଂ ପ୍ରାୟ ତହିଁ ଐକ୍ୟତା ନାହିଁ ଏବଂ ଗବର୍ଣ୍ଣମେଣ୍ଟଙ୍କର ଅବଧାରିତ ମୂଳ ନୀତି ଏତେ ବଦଳି ଯାଇଅଛି ଯେ ନାମମାତ୍ର ରହିଅଛି । ଅତଏବ ମହାମାନ୍ୟ ଗବର୍ଣ୍ଣରଜେନେରଲ ବାହାଦୁରଙ୍କର ଆଦେଶ

Split by PDF Splitter



ମତେ ସେ ବିଷୟରେ ଏକ ନିର୍ଦ୍ଧାରଣ ଲିପିବଦ୍ଧ ହୋଇ ଇଣ୍ଡିଆ ଗେଜେଟ ଯୋଗେ ପ୍ରଚାରିତ ହୋଇଅଛି ଏବଂ ତହିଁରେ ଯେଉଁ ନିୟମରେ ଏଣିକି କାର୍ଯ୍ୟ ଚଳାଇବା କାରଣ ପ୍ରାଦେଶିକ ଶାସନକର୍ତ୍ତାମାନଙ୍କୁ ଉପଦେଶ ଦିଆଯାଇଅଛି ତାହା ସଂକ୍ଷେପରେ ନିମ୍ନେ ପ୍ରକାଶ କରୁଅଛୁ । ଯଥା—

ପାଠ୍ୟପୁସ୍ତକ କମିଟି ଯାହାକାହାଠାରୁ କୌଣସି ପୁସ୍ତକ ପାଇଲେ ତାହା ବିଦ୍ୟାଳୟ ପାଠ୍ୟର ଯୋଗ୍ୟ କି ନା ବିଚାର କରିବେ ନାହିଁ କେବଳ ଯେଉଁ ପୁସ୍ତକ ଶିକ୍ଷାବିଭାଗର ଡିରେକ୍ଟର ପ୍ରଥମେ ନିଜେ ଦେଖି ଉପଯୁକ୍ତ ବିବେଚନା କରି କମିଟିର ମତ ନେବାର ଆବଶ୍ୟକ ବୁଝିବେ କମିଟି ନିକଟକୁ ତାହା ପଠାଇ ଦେଲେ କମିଟି ତହିଁ ସମ୍ବନ୍ଧରେ ମତ ଦେବେ । ଏପରି ହେଲେ କମିଟିକୁ ଗ୍ରନ୍ଥକାରମାନେ ବିରକ୍ତ କରିବେ ନାହିଁ ଏବଂ କମିଟିର କାର୍ଯ୍ୟ ଲାଘବ ହେବ । କଲିକତା କମିଟିରେ ବର୍ତ୍ତମାନ ପ୍ରାୟ ୨୫।୩୦ ଜଣ ମେମ୍ବର ରହିବା ସୁବିଧାଜନକ ନୁହେ । ପ୍ରତ୍ୟେକ ପ୍ରଦେଶରେ ଗୋଟିଏ ଲେଖାଏଁ ନୂତନ କମିଟି ନିଯୁକ୍ତ ହେବ ଏବଂ ଶିକ୍ଷାବିଭାଗର ଡିରେକ୍ଟର ତହିଁର ସଭାପତି ହେବେ । ମେମ୍ବରଙ୍କ ସଂଖ୍ୟା ସଭାପତି ଛଡ଼ା ୧୦ ଜଣରୁ ଅଧିକ ହେବା ଉଚିତ ନୁହେ । ଯେଉଁ ପ୍ରଦେଶରେ ଏକାଧିକ ଦେଶୀୟ ଭାଷା ପ୍ରଚଳିତ ଥିବ ସେଠାରେ ପ୍ରତ୍ୟେକ ଦେଶୀୟ ଭାଷା ନିମନ୍ତେ ଗୋଟିଏ ଲେଖାଏଁ ଶାଖା କମିଟି ମନୋନୀତ ହେବ ଏବଂ କୌଣସି ସବକମିଟିର ସଭ୍ୟ ସଂଖ୍ୟା ସଭାପତି ସହିତ ୬ ଜଣରୁ ଅଧିକ ହେବ ନାହିଁ । ବର୍ତ୍ତମାନ ଯେଉଁମାନେ କମିଟିରେ ଅଛନ୍ତି ସେ ଅବଶ୍ୟ ରହିବେ ମାତ୍ର ପଦଶୂନ୍ୟ ହେଲେ ତେବେ ଉପରଲିଖିତ ସଂଖ୍ୟାର ଅତିରିକ୍ତ ପଦରେ ନୂତନ ଲୋକ ନିଯୁକ୍ତ ହେବେ ନାହିଁ । କମିଟିର ସଭ୍ୟ ଶ୍ରେଣୀରେ ସ୍ୱାଧୀନ ଅର୍ଥାତ୍ ବେସରକାରୀ ବ୍ୟକ୍ତିଙ୍କ ରହିବା ବାଞ୍ଛନୀୟ ମାତ୍ର ଦୃଷ୍ଟି ରଖିବାକୁ ହେବ ଯେପରି ବେସରକାରୀ ମେମ୍ବରମାନଙ୍କର ଅନୁପାତ ସରକାରୀ ମେମ୍ବରମାନଙ୍କଠାରୁ ଅନୁଚିତ ରୂପେ ବୃଦ୍ଧି ହେବ ନାହିଁ ଏବଂ [illegible] ସମ୍ପ୍ରଦାୟର ପ୍ରତିନିଧିମାନେ ତହିଁରେ ସ୍ଥାନ ପାଇବେ । ଗବର୍ଣ୍ଣମେଣ୍ଟଙ୍କର ମୂଳ ଅଭିପ୍ରାୟ ଏହି କି ଯେ ସମସ୍ତ ସ୍କୁଲର ଶିକ୍ଷା ନିମନ୍ତେ ସରକାର ସାକ୍ଷାତ ବା ପ୍ରକାରାନ୍ତରରେ ଦାୟୀ ଯହିଁରେ ଏପରି ପୁସ୍ତକ ପଠିତ ହେବ କି ଯହି ବିରୁଦ୍ଧରେ କୌଣସି ଆପତ୍ତି ହୋଇ ପାରିବ ନାହିଁ । ସରକାର ଏହି ଅଧିକାର ତଳେ ମାତ୍ର ପରିତ୍ୟାଗ କରିବେ ନାହିଁ ଅତଏବ ପାଠ୍ୟପୁସ୍ତକ କମିଟିରେ ସରକାରଙ୍କର ପକ୍ଷ ପ୍ରବଳ ରହିବା ଆବଶ୍ୟକ । ଏପର୍ଯ୍ୟନ୍ତ ସାହାଯ୍ୟପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟର କାର୍ଯ୍ୟାଧ୍ୟକ୍ଷମାନେ ସରକାରୀ ପାଠ୍ୟପୁସ୍ତକ ତାଲିକାରେ ନିତାନ୍ତ ଅବଦ୍ଧ ରହିବାକୁ ବାଧ୍ୟ ନ ଥିଲେ । ଏଣିକି ସାହାଯ୍ୟପ୍ରାପ୍ତ ବିଦ୍ୟାଳୟମାନଙ୍କରେ ସରକାରୀ ପାଠ୍ୟପୁସ୍ତକ ତାଲିକା ଛଡ଼ା ଅନ୍ୟ କୌଣସି ପୁସ୍ତକ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ବିଶେଷ ଅନୁମତି ଭିନ୍ନ ଗୃହୀତ ପାରିବ ନାହିଁ । ବେସରକାରୀ ବିଦ୍ୟାଳୟର ଅଧିକାରୀମାନେ ସରକାରୀ ତାଲିକାଭୁକ୍ତ ପାଠ୍ୟପୁସ୍ତକମାନ ନ ପଢ଼ାଇଲେ ସେ ବିଦ୍ୟାଳୟର ଛାତ୍ରମାନେ ସରକାରୀ ପରୀକ୍ଷାରେ ଉପସ୍ଥିତ ହୋଇ ପାରିବେ ନାହିଁ । ଏହି ଆଦେଶାନୁସାରେ ପ୍ରାଦେଶିକ ଗବର୍ଣ୍ଣମେଣ୍ଟମାନେ ନିୟମାବଳୀ ପ୍ରସ୍ତୁତ କରିବେ ଏବଂ ତାହା କିପରି କାର୍ଯ୍ୟରେ ପରିଣତ ହୋଇଅଛି ଶିକ୍ଷାବିଭାଗର ଡିରେକ୍ଟରମାନେ ବାର୍ଷିକ ରିପୋର୍ଟରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବେ ।

ଏଥିରୁ ପାଠକମାନେ ଦେଖିବେ ଯେ ଏଣିକି ସରକାରଙ୍କର ଇଚ୍ଛା ବିରୁଦ୍ଧରେ କୌଣସି ପୁସ୍ତକ କୌଣସି ବିଦ୍ୟାଳୟରେ ପଠିତ ହେବ କିମ୍ବା ପାଠ୍ୟପୁସ୍ତକ ତାଲିକାଭୁକ୍ତ ହୋଇ ପାରିବ ନାହିଁ ଏବଂ ପାଠ୍ୟପୁସ୍ତକ ନିର୍ବାଚନ ବିଷୟରେ ଗବର୍ଣ୍ଣମେଣ୍ଟଙ୍କର ମତ ପ୍ରବଳ ହେବ । ଆମ୍ଭେମାନେ ଆଶା କରୁଁ ଏହି ଆଦେଶାନୁସାରେ ଯେଉଁ ନିୟମାବଳୀ ପ୍ରସ୍ତୁତ ହେବ ତହିଁରେ ସାହାଯ୍ୟପ୍ରାପ୍ତ ଏବଂ ବେସରକାରୀ ବିଦ୍ୟାଳୟର ଅଧ୍ୟକ୍ଷମାନେ ଅସନ୍ତୁଷ୍ଟ ହେବାର କୌଣସି କାରଣ ଘଟିବ ନାହିଁ ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ଭାରତୀୟ ଗବର୍ଣ୍ଣମେଣ୍ଟର ପ୍ରଧାନ ସେକ୍ରେଟରୀ ମାନ୍ୟବର ବୋଲ୍‌ଟନ ସାହେବ ମା ୧ ବ ଛୁଟି ପାଇଲେ ଏବଂ ପାଟନାର କମିଶନର ଶ୍ରୀଯୁକ୍ତ ଜେ, ଏ, ବୋରଡିଲନ ସାହେବ ଏକଟିଂ ପ୍ରଧାନ ସେକ୍ରେଟରୀ ହେଲେ ।

ମୁଜଫରପୁରର [illegible] ଶ୍ରୀଯୁକ୍ତ [illegible] କାଳେକ୍ଟରଙ୍କ ଦପ୍ତର ହୋଇ ସେ [illegible] ପାଇଲେ ।

ଏ ସପ୍ତାହରେ ସୁଦ୍ଧା ଏ ନଗରରେ ବର୍ଷା ହୋଇ ନାହିଁ ଏବଂ ମେଘ ଭର୍ତ୍ତି କରି ପଡ଼ ରଖା ଯାଇଅଛି । ଶୀତ କ୍ରମେ ହ୍ରାସ ହେଉଅଛି ।

ମେଡ଼ସଭିର ଖାଁଦୋ ଲକ୍ଷ୍ମୀ ବୃଦ୍ଧି ହୋଇଅଛି ।

ଏ ସପ୍ତାହରେ ଅନେକ ଦଳରଙ୍କୁ ପଢ଼ିବାକୁ ଗ୍ରାମ ପ୍ରତି ଜନ କାର୍ଯ୍ୟ ବାହଣାର ଗୋଳମାଳ ପୁଣି ଅଛି ।

ଗତ ଶନିବାର ଅପରାହ୍ନରେ ଅତଠ ହୁଗଳ ସଭା ଏ ନଗରରେ ଉପସ୍ଥିତ ହୋଇ ଗୁଳର ସ୍ୱର ଲେ ଅନୁଷ୍ଠାନ କରିଅଛନ୍ତି ।

ଓଡ଼ିଶା କମିଶନର ସାହେବଙ୍କର ନୂତନ ପର୍ଣ୍ଣରାଲ ଅଶିଷ୍ଟାଣ୍ଟ ବାବୁ ଗୋପାଳ ଚନ୍ଦ୍ର ଉଡ଼ ମୋମବାର କାର୍ଯ୍ୟ ଭାର ଗ୍ରହଣ କଲେ ।

କଟକ ନଗରରେ ଅତିରିକ୍ତ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ ବାବୁ ବ୍ରଜମୋହନ [illegible] ସବଡିଭିଜନରେ ଯାଇଅଛନ୍ତି । ଅନିଶ୍ଚିତ ଅବସ୍ଥାରେ [illegible] କାହାରର ବାବ୍‌ସା କାହିଁ ଏ କଥାରେ [illegible] ହୋଇ କହୁଅଛୁ ।

—ଅମ୍ଭେମାନେ ଅନଭିଜ୍ଞତ ଅବଗତ ହେଲୁ ଯେ ଓଡ଼ିଶା ଗଭର୍ଣ୍ଣର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ମାଇକ୍ରେନ ସାହେବ ଗତ ଶୀତ ଋତୁରେ [illegible] ଜଙ୍ଗଲର ଅଞ୍ଚଳ ଅତ୍ୟାଧିକ ଭ୍ରମଣ କରିଥିଲେ, ଜଙ୍ଗଲରୁ ସାମାନ୍ୟ କାଠ କାଟିଁଣ ଉଠାଇ ବହି ମାସୁଲରେ ନିଜ ଘରକୁ ନେବାର [illegible] ଦରଖାସ୍ତ ଦେଇ ଅଛନ୍ତି ।

ଶ୍ରୀମାନ ଶ୍ରୀହରି ମନ୍ଦୋଦରୀ ଅଶ୍ୱ ପାର୍ଶ୍ୱ ଏ ୧୩ ତାରିଖରେ ଏଠାରୁ ଯାଇ ବଡ଼ଠାକୁ ହୋଇପାରିବେ ।

ପୋଲିସରେ ଗୁରୁତର ଅପରାଧ ହେବାକୁ ବିବେଚନା କରି ସାଧୁ ଅଶୀ ତ୍ୟାଗ ହେବାର ଶୁଣା ଯାଉଅଛି ।

୨୫ ପରଗଣା ପ୍ରାନ୍ତରେ କଡ଼ଗ ହୁଡୁକର ତାହାର [illegible] ପାଇଲ ମାସ୍ତ [illegible] ଖର୍ଚ୍ଚପତ୍ର ତାରିଖ ତାହାର ମା ୭ ସ୍ତ୍ରୀ କାରାଦଣ୍ଡ ହେଉଅଛି ।

୨୪ ପରଗଣା ଫତେପୁର ସ୍କୁଲର ଶିକ୍ଷକ ଉପେନ୍ଦ୍ର [illegible] କଣେ ଛାତ୍ରକୁ ବନ୍ଧାଇ ରଖି ଥିଲେ । କଷ୍ଟରେ ଛାତ୍ରଟି ମରିଗଲା [illegible] । ତହିଁରେ ବଡ଼ା ମାଜିଷ୍ଟ୍ରେଟ ଶିକ୍ଷକ [illegible] ଅଭିଯୁକ୍ତ ହୋଇ ଅଛନ୍ତି ।

ଜ ୩ ଏ ମୁସଲମାନ ବ ୧୯ ବର୍ଷ ଏବଂ ବାଳିକା ମୁସଲମାନ ପ୍ରବନ୍ଧକୁ [illegible] ନେଇ ଯାଇ [illegible] ତାହାର [illegible] କାଟି ନେଇ ଛଡ଼ି ପଳାଇ ଥିଲେ । ଏଥିପାଇଁ ଜଣେ ୩ ଜଣ ମା ୭ ସ୍ତ୍ରୀ ବେଶ ଦଣ୍ଡ ହୋଇ ଅଛି ।

ସନ ୧୮୯୭ ସାଲରେ ବ୍ରିଟିଶ ସାହାଯ୍ୟ ସମୟରେ ଯେଉଁ ସେବା ସଂସ୍ଥ ହୋଇଥିଲା ତହିଁରୁ ଅଧିକ ଯାଇ ପ୍ରାୟ [illegible] ଜମା ବ୍ୟାଙ୍କରେ ଅଛି । ତହିଁର ସୁଧ ଦୁର୍ଭିକ୍ଷର ସେବା ସହିତ ସାହାଯ୍ୟ କାର୍ଯ୍ୟରେ ବ୍ୟୟ ହେବ ।

ବାବା ବୈଦ୍ୟନାଥ ମନ୍ଦିରର ପ୍ରଧାନ ପୁରୋହିତ ପଣ୍ଡିତ [illegible] ଠାରୁ [illegible] ଘଟନା ଘଟିଅଛି; ସେମାନଙ୍କ ପକ୍ଷରୁ ଇଂରାଜ ହାଇକୋର୍ଟରେ ଆପିଲ କରିବେ ସେପର୍ଯ୍ୟନ୍ତ ଯଜ୍ଞ ହେଉଥିବାର ଶୁଣିବୁ । ସୁତରା ତାହାଙ୍କ ପକ୍ଷ ଏଥିମଧ୍ୟରେ ଟଙ୍କାର ଚିନ୍ତା ପଡ଼ିଛନ୍ତି । ଏପରି ଅଧିକ ଘଟଣା ହେବା ପଣ୍ଡିତମାନଙ୍କର ପ୍ରଶଂସାର ବିଷୟ ହେଉ ନାହିଁ ।

ଭ୍ରାନ୍ସଭାଲ ଯୁଦ୍ଧ ପ୍ରାୟ ଶେଷ ହେବାକୁ ବସିଲା କାରଣର ମୂଳ ବଳିବାର ଆରମ୍ଭ ହୋଇ ଗଲା ।

ଗତ ମାସ ତା ୧୦ ରିଖରେ ଶେଷ ହେବା ସପ୍ତାହରେ ସମସ୍ତ ଭାରତରେ ଜ ୨୯୩ ଏ ପ୍ଲେଗ ରୋଗରେ ମରି ପଡ଼ିଥିଲେ ।

ଗତ ଗ୍ରୀଷ୍ମ ଋତୁର ମୈମନସିଂହ ସଭା ପ୍ରତିଷ୍ଠା ହୋଇ ଜାଣିଥାନ୍ତେ ଥିଲେ । ସେଠାରେ ତାହାଙ୍କର ମୃତ୍ୟୁ ହେବାରୁ ତାହାଙ୍କ ବିଧବା ପତ୍ନୀକୁ ମାସିକ ୫ ୧୦୦ କି ପୋଷଣ ଦେବାର ଗବର୍ଣ୍ଣମେଣ୍ଟ ବନ୍ଦୋବସ୍ତ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ବମ୍ବେଇର ଏକ ଗାଡ଼ିବାନ ପକେଟରେ ଯୋଡ଼ାଏ ଛୁରି, ବିଲାଇ କାଠି ଭର୍ତ୍ତି ଗାଡ଼ିଚଳାଉଥିଲା । ଦିଆସିଲିକାଠି ଘଷିହୋଇ ହଠାତ୍ ତାହାର ଲୁଗା ଓ ସର୍ବାଙ୍ଗ ପୋଡ଼ି ଯିବାରୁ ସେ ଡାକ୍ତରଖାନାରେ ପଡ଼ିଅଛି ।

ଟ୍ରାନ୍ସଭାଲ ଯୁଦ୍ଧ ସକାଶେ ଅନାଥ ପରିବାରଙ୍କ ସାହାଯ୍ୟ ପାଇଁ ଲଣ୍ଡନ କର୍ପୋରେସନରେ ଏପର୍ଯ୍ୟନ୍ତ ୨ ଲକ୍ଷ ୭୪ ହଜାର ୩୭୨ ଟଙ୍କା ଚାନ୍ଦା ସଂଗ୍ରହ ହୋଇ ସାରିଛି ।

ଇଂଲଣ୍ଡର ପ୍ରଧାନ ସେନାପତି ଲର୍ଡ ଉଲସଲି ମହାରାଣୀଙ୍କ ନିକଟକୁ ଆବେଦନ କରିଅଛନ୍ତି ଯେ ଇଂଲଣ୍ଡକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା କାରଣ ନୂଆ ସୈନିକ ଭର୍ତ୍ତି ଓ ଟ୍ରେନିଂମାନଙ୍କୁ ଆଉ ଏକବର୍ଷ ସେନାରେ କାର୍ଯ୍ୟ କରିବା ପାଇଁ ଅନୁରୋଧ କରିବେ ।

ସହୋର ଡେପୁଟୀ କମିଶନର ଓଲିଲ ପତ୍ରିକାପୁର ପଣ୍ଡିତ ଧ୍ୟାନକୃଷ୍ଣ କର୍ଣ୍ଣେଲ କାଶୀରର ପ୍ରଧାନ ଜଜପଦରେ ନିଯୁକ୍ତ ହୋଇଥିବାର ସମ୍ବାଦ ମିଳିଲା ।—ଉପଯୁକ୍ତ ଲୋକ ଥାଇ ଏପରି ଲୋକଙ୍କୁ ନିଯୁକ୍ତ କରିବା ସର୍ବଥା ଅକର୍ତ୍ତବ୍ୟ ।

କାଶୀର ରେଜିମେଣ୍ଟର କପ୍ତାନ ହିଥ ସାହେବଙ୍କ କୋଠିରେ ଗତ ୫ ଣ ଶଠାଣ ଡକାଏତ ଅନ୍ଧକାର ରାତ୍ରେ ପ୍ରବେଶ କରିଥିଲେ । ଚୌକିଦାର ଜାଗ୍ରତ ହୋଇ ସେମାନଙ୍କୁ ଅଟକାଇବାକୁ ଡକାଏତମାନେ ତରବାରି ଚଳାଇ ଚୌକିଦାରର ହାତରେ ଏକିଘାଟ ଦେଲେ । ଚୌକିଦାର ଚିତ୍କାର କରିବାରୁ ବିନ୍ଦୁ ଡାକୁଙ୍କ ନିକଟେ ଲୋକମାନେ ଆସି ଡକାଏତ ଧରିବାକୁ ଚେଷ୍ଟା କଲେ । ଡକାଏତମାନେ ବନ୍ଧୁକ ଆଦି ଛାଡ଼ିଦେଇ ଖସିଗଲେ । କେହି ଅଦ୍ୟାପି ଧରାପଡ଼ି ନାହାନ୍ତି ।

ଉତ୍ତମାସ ତା ୧୭ ଏଥରେ ବୋମ୍ବାଇର ଆଉ କାଣ୍ଡରଙ୍କ ବେଟେକୋଂଶ ଅଗ୍ନି ଦ୍ୱାରା ଧ୍ୱଂସ ହୋଇଥିବାର ସମ୍ବାଦ ମିଳିଲା ଏଥିରେ ଟ ୪୦୦୦୦୦ ଲାଖ ସମ୍ପତ୍ତି ନଷ୍ଟ ହୋଇ ଥିବାର କହୁଛନ୍ତି ।

ପୁନାଠାରେ ଜ ୧୦୦ ଣ ଲୋକଙ୍କ ନିମନ୍ତେ ଟ ୧୪୦୨୦ ଜାଣିବାରେ ପୋଷ୍ଟ ପ୍ଲେଗର ହାସ୍ପତାଲ ନିର୍ମାଣ କରିବା ସକାଶେ ଭାରତ ଗଭର୍ଣ୍ଣମେଣ୍ଟ ମଞ୍ଜୁର ପ୍ରଦାନ କରୁଅଛନ୍ତି ।

କଲିକତା ମେଡ଼ିକେଲ କଲେଜର ଜଣେ ଛାତ୍ର ଶୀତଳ ଲୋକ ଆତ୍ମହତ୍ୟା କରିଥିବାର ସମ୍ବାଦ ମିଳିଲା । ପରୀକ୍ଷାର ଶ୍ୱଶୁର ତାହାକୁ ଶୀଘ୍ର ପଠାଇବାକୁ ମନାକରିବାରୁ ସେ ଗ୍ରୁଷ୍ଟିକ ଅସିଡ ଖାଇ ଆତ୍ମହତ୍ୟା କଲା । କି ଭୟଙ୍କର !

ଅଲିପୁର ଜୁଡ଼ିର ଗଡ଼ାଇକୃଷ୍ଣ ଜଣେ ଚାଷୀ ସେଲ ଏକମାସ କାରାଦଣ୍ଡ ପାଇଥିବାର ସମ୍ବାଦ ମିଳିଲା । ଏହାର ଶେଷ ମିଆଦ ଗଣକର୍ଣ୍ଣ ଥିଲା । ଜେଲଖାନାରୁ ଖଲାସ ହୋଇ ଗଲାବେଳେ କୌଣସି ଉପାୟ ନ ଦେଖି ଜେଲ ଫାଟକ ମଧ୍ୟରେ ପୁନର୍ବାର ପ୍ରବେଶ କଲା ଏବଂ ସକାଳରେ ସେହି କଥା ବହୁ ଯାବଜ୍ଜୀବନ କାରାଦଣ୍ଡ ପ୍ରାର୍ଥନା କରିବାରୁ ହାକିମ ତାହାକୁ ଏକମାସ କାଳ ବଢ଼ାଇ ଦେଲେ । ଜେଲରୁ ମୁକ୍ତିଲାଭ କରି ପୁଲିସ ନିକଟରେ ତାହାକୁ ସୂଚନାଦେଇ ଚାଲାଣ ଦେବାର ଅର୍ଥ ପ୍ରମାଣ କରୁଛି ।

ନୂଆଗଡ଼ର ମାଜାଗିରିରେ ଘୋଡ଼ାଏ ଅଙ୍କୁର ଗଛ ଜନ୍ମ ହୋଇ ୨ ୭ ଣା ଉପରୁ ମରିଗଲା । ତାହାର ମସ୍ତକ ଉପରେ ପୁଣି ଦେଖ ଓ ଚକ୍ଷୁଦ୍ୱୟରେ ଅଗ ଏକ ମୁଣ୍ଡ ହୋଇ ଥିଲା । ଲୋକେ ଦେଖି ଆଶ୍ଚର୍ଯ୍ୟ ହେଲେ ।

ସୌରାଷ୍ଟ୍ରର ପ୍ରଦେଶ କମିଶନର ଶ୍ରୀଯୁକ୍ତ ସାହେବ କନ୍ୟାଦାନକୁ ସାହାଯ୍ୟ ପୋଷାକ ସାକ୍ଷାତ କରିବେ ଅଧିବେଶନରେ । ବଙ୍ଗଳା ଏକ୍ଟ ପ୍ରଣୟନ କଥା ମୀମାଂସା କରିଲେ ଦେଉଛନ୍ତି ।

ନିଜର ଜେଲଖାନାରେ ଆଜିକାଲି ଜଣକ ଅନେକ କଏଦିଙ୍କୁ ଦେହରେ ଚର୍ମରୋଗ ହେବାରୁ ଜଣେ ଡାକ୍ତର ନିଯୁକ୍ତ ହୋଇଅଛନ୍ତି ।

ମାଲାବାର ପ୍ରଦେଶର ଦକ୍ଷିଣରେ ଏଥର ଅନେକ ଲୋକ ଭାଙ୍ଗିଅଛନ୍ତି । ଅତଏବ ୨୨୨୫ ରୁ ଅଧିକ ଲକ୍ଷ ପାଣ୍ଡି କରିବାକୁ ହେବ ।

କଟକ ମିଶନ ହାଇସ୍କୁଲ ଏଣ୍ଟ୍ରାନ୍ସ ବର୍ଗ ଗତ ବର୍ଷ, ଏ, ପରୀକ୍ଷାରେ କୃଷ୍ଣପୁର କଲେଜର ଜ ୧୨ ଣ ଏବ ପାଇସଲେକ୍ଟମିଥ୍ କଲେଜର ଜ ୧୦ ଣ ଛାତ୍ର ପାସ କରିଅଛନ୍ତି । ପ୍ରତ୍ୟେକ କଲେଜରୁ ଜ ୨୩ ଣ ଲେଖାଏଁ ଛାତ୍ର ପରୀକ୍ଷା ଦେଇଥିଲେ । ଏ ଫଳ ଉତ୍ତମ ଅଟେ ।

କଲେଜ ଓ ଇଣ୍ଟରମିଡ଼ିଏଟରେ ଶର୍ଗୀତ ଏବ ସବୁତ ଭୂମିକମ୍ପ ଗତ ମାସ ତା ୨ ରିଖରେ ହୋଇଥିଲା । କିନ୍ତୁ କ୍ଷତି ହୋଇ ନାହିଁ ।

କଲିକତା ବିଶ୍ୱବିଦ୍ୟାଳୟର କର୍ତ୍ତାମାନେ ନିୟମ କରିଅଛନ୍ତି ଯେ ବଙ୍ଗଦେଶର ଯେଉଁ କ୍ଷୁଦ୍ରାଳୟରେ ଶୃଙ୍ଖଳା ବା ସ୍ୱାସ୍ଥ୍ୟର ଅଭାବ ଦେଖାଯିବ ସେ ବିଦ୍ୟାଳୟର କୌଣସି ଛାତ୍ର ବିଶ୍ୱବିଦ୍ୟାଳୟର କୌଣସି ପରୀକ୍ଷାରେ ଉପସ୍ଥିତ ହୋଇ ପାରିବ ନାହିଁ ।

ହିନ୍ଦୁର ସମ୍ପାଦକ ସ୍ୱ ଡାକ୍ତରସାଦ ମୁରର୍ଜୀ କାହାଠୁଁ ସେଠ କଲେକ୍ଟରଙ୍କ ସଙ୍ଗେ ସାକ୍ଷାତ କରିବାକୁ ଯାଇଥିଲେ । ସେହିଠାରେ ହଠାତ୍ ଅଚେତନ ହୋଇ ପଡ଼ିଲେ ଏବ ଘଣ୍ଟାରେ ତାହାଙ୍କର ପ୍ରାଣ ବାହାରିଗଲା । ତାହାଙ୍କ ସମ୍ମାନାର୍ଥେ ସେଠା ଦେଓାନ ଅଦାଲତ ଏକଦିନ ବନ୍ଦ ହୋଇଥିଲା ।

## ପତ୍ରପ୍ରେରକଙ୍କ ପ୍ରତି ।

ଜଣେ ଗ୍ରାହକ—ଗତ ଶିବରାତ୍ରି ଦିନ ଏକ ସ୍ଥଳରେ ଶିଳଭେଦ ପଣ୍ଡିତ ନିମନ୍ତ୍ରିତ ହୋଇ ମିଷ୍ଟାନ୍ନ ଭୋଜନ କରିବାର ଦେଖି ପ୍ରଶ୍ନ କରିଅଛନ୍ତି କି ହିନ୍ଦୁଧର୍ମ ରକ୍ଷାର ଭାର ଯାହାଙ୍କଠାରେ ସେମାନଙ୍କର ଉପବାସ ନ କରିବା ଯୁକ୍ତିସଙ୍ଗତ କି ?

ଶ୍ରୀ ଅର୍ଜ୍ଜୁନପଣ୍ଡା—ଉତ୍ତର ସରକାର କାଳିକା ଭୂମି ସମ୍ପର୍କର ଇନସ୍ପେକ୍ଟରେସ ମହୋଦୟା ବ୍ରହ୍ମପୁରର ସରକାରୀ ଉଃ ପ୍ରାଃ ଓଡ଼ିଆ ବାଳିକା ବିଦ୍ୟାଳୟ ପରିଦର୍ଶନ କରି ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥିବାର ଲେଖିଅଛନ୍ତି ।

ଶ୍ରୀ ଦୁର୍ଯ୍ୟାଧନ କାବ୍ୟତୀର୍ଥ—ରାୟ ରାଧାନାଥ ରାୟ ବାହାଦୁରଙ୍କ ବଦଳେ ବିଶ୍ୱନାଥ ସଂସ୍କୃତ ଭରତୀ ସ୍ନାତକାଭିଲାରୁ ଉପେକ୍ଷିତ ହେଲା ।

ଶ୍ରୀ ପାରେଶ୍ୱର ସେନାପତି—ଏଜନ, ଏଜନ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ—

ମହାଶୟ !

ନିମ୍ନ ଲିଖିତ କଏକପଦ ସଂକ୍ଷିପ୍ତ ଆପଣଙ୍କ ପତ୍ରିକାର ଏକ ଦେଶରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ ।

ଗତ କାଲି ଶୁକ୍ରବାର ଅପରାହ୍ନ ସମୟରେ ଏଠାର ଗୋବର୍ଦ୍ଧନ ପୀଠାଧୀଶ୍ୱର ପରମହଂସ ପରିବ୍ରାଜକାଚାର୍ଯ୍ୟ ଶ୍ରୀ ଶଙ୍କର ମଧୁସୂଦନ ତୀର୍ଥ ସ୍ୱାମୀ ମହାଶୟ ଅନେକ ଶିବରାତ୍ରି ବ୍ରତ ଉଦ୍ଧାର ମୀମାଂସା ଉପଲକ୍ଷରେ ଅତ୍ରତ୍ୟ ପଣ୍ଡିତମାନଙ୍କୁ ଆହ୍ୱାନ କରି ସଭା କରାଇଥିଲେ, ନାନାବିଧ ତର୍କ ଉତ୍ଥାପିତ ହୋଇ ପରିଶେଷରେ ଉପସ୍ଥିତ ପଣ୍ଡିତମାନଙ୍କ ସମ୍ମତିକ୍ରମେ ବୁଧବାର ଦିନ ଶିବରାତ୍ରି ବ୍ରତ କର୍ତ୍ତବ୍ୟ ବୋଲି ସ୍ଥିରୀକୃତ ହେଲା । ଏହା ସାଧାରଣଙ୍କ ଗୋଚର ନିମନ୍ତେ ପ୍ରକାଶିତ କରୁଅଛି । ସୋମବାର ଏକାଦଶୀ ଦିନ ନିର୍ଜ୍ଜଳ-ବ୍ରତାର୍ଥୀମାନେ ମଙ୍ଗଳବାର ଦିନ ପୁନଃଶ୍ଚ ଶିବରାତ୍ରିବ୍ରତ ନିରାହାର କରିବା ଅସମ୍ଭବ ହେବାରୁ ଦ୍ୱାଦଶୀ ପାରଣାର ଲଙ୍ଘଦୋଷ ଦୁର୍ନିବାର ସୁତରାଂ ଦୋଷାବହ ହେବ ।

ମୂଳଃ ଅର୍ଦ୍ଧ ସ୍ୱର୍ଣ ପୂର୍ବାରୁ ଚତୁର୍ଦ୍ଦଶୀ ଯୋଗ ହେଉ ନ ଥିବାରୁ ଜୟା ଯୋଗ ପ୍ରଶସ୍ତ ହେଉ ନାହିଁ । ଚଣ୍ଡୀଥଯୋଗପ୍ରାଶସ୍ତ୍ୟଂ ଜୟାଯୋଗହେତୁକଂ; ନତୁ ସ୍ୱତଃ ପ୍ରାଧାନ୍ୟଂ । ଶିବସ୍ୱର୍ଗବ୍ରତେ ନିଶୀଥପ୍ରଦୋଷୟୋଃ ସମବଳତ୍ୱେନ ଉଭୟୋଃ ପ୍ରାଧାନ୍ୟ ସ୍ୱୀକାରାତ୍ । ଜୟାଯୋଗେ ସୁ ଉଃ ଅର୍ଦ୍ଧରାତ୍ରାଦୂର୍ଦ୍ଧ୍ୱାଦ୍ୟୋଗଃ ପ୍ରଶସ୍ୟତେ । ଇତି ଉତ୍ୟଲିଂ ବଚନା ।

୨୬।୨।୦୦
ପୁରୀ
} ଜ୍ୟୋତିଷୋପାଧ୍ୟାୟ ପାଥକ ଶ୍ରୀ ଯୋଗେନ୍ଦ୍ର ମିଶ୍ର ଶର୍ମା

☞ ଏ ପତ୍ର ଶନିବାର ଦିନ ପାଇବାରୁ ଯଥାସମୟରେ ପ୍ରକାଶ ହୋଇ ପାରିଲା ନାହିଁ ।

ସମ୍ପାଦକ

—:*:—

ମହାଶୟ !

ଗତ ତା ୧୭।୦।୯୯ ରଖରୁ । ସ୍ଥା । ଖୋର୍ଦ୍ଧା ଅନ୍ତର୍ଗତ କେଶକାଟ ଓ ତପସ୍ୱିନୀଗଡ଼ସ୍ଥ ଜେଟେଡ ପଡ଼ା ଗ୍ରାମର ଭଦ୍ରଜାତୀୟ ଅଧିବାସୀମାନଙ୍କଦ୍ୱାରା ସାମାଜିକ ସମସ୍ତ ପ୍ରକାର ଉନ୍ନତି ସାଧନ ଅଭିଳାଷରେ "କେଶକାଟ ସମ୍ମିଳନୀ ସମାଜ" ନାମଧେୟ ଏକ ସମାଜ ସ୍ଥାପିତ ହୋଇ ଉଦ୍ଦେଶ୍ୟ ସାଧନାର୍ଥେ ଏକତା ରକ୍ଷା କରାଯିବାର ଅଭିପ୍ରାୟରେ କାର୍ଯ୍ୟର ପ୍ରଥମ ସୋପାନସ୍ୱରୂପ କେଶକାଟରେ କେବଳ ସମାଜର ସଭ୍ୟମାନଙ୍କ ଦ୍ୱାରା ଭେଦାଭେଦ ଏକ ଗୃହ ନିର୍ମିତ ହୋଇଅଛି । ବର୍ତ୍ତମାନ ପର୍ଯ୍ୟନ୍ତ ସମାଜର କୌଣସି କାର୍ଯ୍ୟ ନିମନ୍ତେ ନୂଆଗାଁ କେଶକାଟ ଓ ତପସ୍ୱିନୀଗଡ଼ସ୍ଥ ଗ୍ରାମ ଛଡ଼ା ଅନ୍ୟ କୌଣସି ସ୍ଥାନରୁ କୌଣସି ସାହାଯ୍ୟ ପ୍ରାର୍ଥନା କରାଯିବାର ପ୍ରସ୍ତାବ ହୋଇ ନାହିଁ । ବରଂ ଏପରି ସାହାଯ୍ୟ ପ୍ରାର୍ଥନା ସମାଜର ପ୍ରଚଳିତ ନିୟମର ସମ୍ପୂର୍ଣ୍ଣ ବିରୁଦ୍ଧ ବୋଲି ସ୍ଥିର କରାଯାଇ ପାରେ, କିନ୍ତୁ, ମହାଶୟ । ଏ ଦେଶର ସାମାଜିକ ଭାଇ ଏବେହିଁ ଅବନତ ଓ ଶୋଚନୀୟ ଯେ ଅମ୍ଭେମାନେ ବିଶେଷରୂପେ ଅବଗତ ହେଲୁଁ କେହି ଲୋକ ଉକ୍ତଦେଶରେ

Digitized by srujanika@gmail.com

Split by PDF Splitter



ସମାଜର ନାମ ଘେନି ଏକ ସ୍ୱଜାତି ସର୍ବ ପ୍ରସ୍ତୁତ କରି ବୃତ୍ତ କୌଣସି କୌଣସି ଭଦ୍ରମଣ୍ଡଳୀମାନଙ୍କରୁ ସମାଜ ସାହାଯ୍ୟ ଛଳ କରି ଏପରି ସ୍ୱାର୍ଥ ଉପାୟରେ ଟେଙ୍କା ସଂଗ୍ରହ କରି ନିଜର ଭରଣ-ପୋଷଣ ଚଳାଉଅଛନ୍ତି । ଏବେ ଏପରି ବ୍ୟବସାୟ ଆରମ୍ଭ କରୁଅଛନ୍ତି ତାହାଙ୍କର ଅନୁସନ୍ଧାନ କରୁଅଛୁଁ ; ଜାଣି ପାରିଲେ ବିହିତ ଉପାୟ ଅବଲମ୍ବନ କରିବୁଁ । ମଧ୍ୟ ସର୍ବସାଧାରଣଙ୍କୁ ଏ ବିଷୟରେ ସତର୍କ କରି ଅନୁରୋଧ କରୁଅଛୁ କି ତାହାଙ୍କ ସମକ୍ଷରେ ଏପରି କୌଣସି ଟୁକୁଲୋକ ଧରି ପଡିଲେ ଆମ୍ଭଙ୍କୁ ଜଣାଇବା ପ୍ରତି ଅନୁଗ୍ରହ କରିବେ ।

କେନ୍ଦ୍ରାପଡ଼ା } ଶ୍ରୀ ବାଳକୃଷ୍ଣ ମହାନ୍ତି । ସା । କେନ୍ଦ୍ରାପଡ଼ା କାର୍ଯ୍ୟାଧ୍ୟକ୍ଷ
୧୮।୨।୧୯୦୦ } କେନ୍ଦ୍ରାପଡ଼ା ଧର୍ମ୍ମିକ ସମାଜ ।

—※—

To

The Editor, Utkal Dipika.

Sir,

I hail with great delight the publication, by Babu Aviram Bhanj M. A., of the new pauranic drama, "Seeta Bibaha", of Babu Kampal Misra B. A. I have been a diligent reader of Oriya literature; but in the delineation of character, in the splendour of its verse, in the rich music of its songs, in the profusion of subtle dramatic strokes, in fine images, the the new drama, I may say with confidence, surpasses any thing that was ever written in the whole range of Oriya dramatic literature.

The metre, so profusely employed by our author, is blank verse, which is rich and harmonious. We do not find in his case the often—repeated—and—ridiculed pompous struggle after fine language. His verse never halts, is flowing, solemn, dignified, varied with inexhaustible flexibility, and acquires through his skill a sweet musical cadence. But, I fear, the verse which the author has laid so much stress on cannot be appreciated by his uneducated brethern, whose name is legion.

The songs in the drama are not innumerous, and often of great and unquestionable merit. Intensity of sentiment, condensed force and picturesqueness of expression, and, above all, an admirable melody of flow are the qualities which distinguish them. In the opening song of Act III, we find the concentrated essence of a thousand lovesongs; and in the opening song of the drama, we find the dramatist's mind most completely assimiliated to the loveliness of external nature. The author has shown great tact of judgment in putting the songs in proper places. What reflects more credit on him is that answering to the modern taste, he has set the songs to the prevalent theatrical music of the day.

The prose diction of our author is simple, chaste, racy, and is suited to every particular occasion.

In developing the plan of the play, the author has done well in drawing his weapons from the armoury of English and Sanscrit literature. But in one instance, he has been too English, e-g. in speaking of the moon as feminine. Perhaps, sanscrit poets invariably ascribe masculine attributes to Tàràpàti. I am no competent judge of Oriya colloquial dialect; But I must say that certain provincialisms have crept in, which, I have heard it said, should have been avoided. The author should have, in the use of colloquial expressions, followed a standard, if there is any.

But in the face of the abundance and beauty of the dramatic strokes, these minor defects dwindle away. These dramatic strockes are very effective, and bear testimony to the dramatist's great power of observation of human nature.

After the thoughtful and learned introduction of Babu Bhanj, nothing left to us for criticism. The only wish, in conclusion, a long and prosperous life to the young and promising author.

I beg to remain,
Sir,
&c. &c.

Cuttack } A Bengalee Reader of
31.1-1900 } Oriya Literature.

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ପ୍ରଭାତ ଦେବଙ୍କ ମିତ୍ରାପୁର | | ୫ ୧ ୧ |
| „ „ ହରବନ୍ଧୁ କର | ଗୋପାଳ | ୫ ୩ ୧ |
| „ „ ମାଧବ ଜାଦବ | ଜଳେଶ୍ୱର | ୫ ୩ ୧ |
| „ „ ଭଗବାନ ପଣ୍ଡା | କୁଅଁପାଳ | ୫ ୩ ୧ |
| ମୁନ୍ସି ଗୋଲାମ ଅସଗର ଖାଁ ବାଲିକୁଦା | | ୫ ୩ ୧ |
| ମହନ୍ତ ମାଧବ ଦାସ | ପୁରୀ | ୫ ୩ ୧ |
| ମୁନ୍ସି ରସିଦ ମହମ୍ମଦ | କଟକ | ୫ ୧ ୧ |
| ଅଧିକାରୀ ଚନ୍ଦ୍ରକାନ୍ତଦାସ ମହାପାତ୍ର କୁଅଁରି ମଠ | | ୫ ୧ ୧ |

## ବିଜ୍ଞାପନ ।

ସନ ୧୯୦୦।୧୯୦୧ ସାଲ ନିମନ୍ତେ ଦଶପଲ୍ଲା ରାଜ୍ୟର ଗଞ୍ଜେଇ, ଅଫିମ, ସ୍ୱସ୍ଥ ଓ ଚମଡ଼ା ପ୍ରଭୃତି ଦୋକାନ ମାର୍ଚ୍ଚ ମାସ ତା ୨୫ ରିଖରେ ଦଶପଲ୍ଲା ଗଡ଼ କଚେରୀରେ ନିଲାମ ହେବ । ଯେଉଁମାନେ ପଟ୍ଟା ନେବାକୁ ଇଚ୍ଛା କରନ୍ତି, ଉକ୍ତ ତାରିଖରେ କଚେରୀରେ ଉପସ୍ଥିତ ହେବେ ।

28-2-1900 } Ganeshwar Pattanayak
Dashapala } *Dewan* of Dashapala

## ବିଜ୍ଞାପନ ।

।ତା। ବଡ଼ାମ୍ବାର ଲିମ୍ବୁଲକ୍ଷିତ ଦୋକାନର ଲାଇସେନ୍ସ ଓ ବନଜାତ ଦ୍ରବ୍ୟମାନ ସନ ୧୯୦୦। ୧୯୦୧ ମସିହା ବର୍ଷ ନିମନ୍ତେ ଉକ୍ତ କଲର ମ୍ୟାନେଜରଙ୍କ କଚେରୀରେ ଆଗାମୀ ମାର୍ଚ୍ଚ ମାସ ତା ୧୫ ରଖ ସୋମବାର ପୂର୍ବାହ୍ନ ବେଳ ୧୦ ଘଣ୍ଟା ସମୟରେ ପ୍ରକାଶ୍ୟ ନିଲାମ ଦ୍ୱାରା ବନ୍ଦୋବସ୍ତ ହେବ । ଡାକୁଆଳମାନେ ନିରୂପିତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାରିବେ ।

| | |
|---|---|
| ୧ ଅଫିମଦୋକାନ | ୫ ଚମଡ଼ା ପଟ୍ଟା |
| ୨ ଗଞ୍ଜେଇଦୋକାନ | ୬ ସିଙ୍ଗ ପଟ୍ଟା |
| ୩ ତାଡ଼ିଦୋକାନ | ୭ ବନଜାତଦ୍ରବ୍ୟ |
| ୪ ଦେଶି ସ୍ୱଉପଦୋକାନ | |

Baramba Manager's office
Dated the 28th Feb 1900 } M. M. patnaik
Manager.

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

Digitized by srujanika@gmail.com

Split by PDF Splitter



## ନୋଟିସ ।

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଆସନ୍ତା ଶୁକ୍ରବାର ଦିନଠାରୁ ଶ୍ରୀ ବାବୁ ମଧୁସୂଦନ ରାଓଙ୍କ ଏଣ୍ଟ୍ରାନ୍ସମେଣ୍ଟ କମିଟିର ସଭା ପ୍ରତି ଶୁକ୍ରବାର ଦିନ ଘ ୪ ଘା ସମୟରେ ଜଣେ ମେମ୍ବର ମୁନ୍‌ସି ସେଖ୍ ଗୋଲାମ ମହମ୍ମଦଙ୍କ ଘର ମୁକାମ ଆଲମ ଖାଁ ବଜାର, ସହର କଟକ ଠାରେ ହେବ । ଯେ କେହି ଉକ୍ତ ସଭାରେ ଆପଣାର ଅପତ୍ତି ଅଛି କରିବାକୁ ଚାହାନ୍ତି, ତାହା ଆବେଦନରେ କରି ପାରିବେ ।

କଟକ } ଶ୍ରୀ ଗୋଲାମ ମହମ୍ମଦ
୧।୩।୧୯୦୦ }

---

## ବିଜ୍ଞାପନ ।

ତରଫ ଦପ୍ତର କଲା ସରକାରଙ୍କର ଖର୍ଚ୍ଚ ସକାଶ ବାଲେଶ୍ଵର ଅନାଜ ଚୁଲ ହଜାର ମହଣ ଧାନ ଆସନ୍ତା ମାର୍ଚ୍ଚ ମାସ ତା ୧୮ ରଖ କମ୍ପାନୀ ତାହା ପୂର୍ବରୁ ଆବଶ୍ୟକ । ଏତଦ୍ଵାରା ମହାଜନ ଓ ଅନ୍ୟ ଧାନବିକ୍ରେତାମାନଙ୍କୁ ଜଣାଇ ଦିଆ ଯାଉଅଛି କି ସେମାନେ କି ଦରରେ କେତେ ଧାନ ତନ୍ଦଗା ଘାଟଠାରେ ଓ କି ଦରରେ କେବେ ଧାନ ଏ କଲା ଜଳଗଡ ମୁକାମରେ ଯୋଗାଇ ପାରିବେ; ଏହାର ବିବରଣ ରେଜେଷ୍ଟ୍ରୀ ଡାକଦ୍ଵାରା ନିମ୍ନ ସ୍ଵାକ୍ଷରକାରୀଙ୍କ ନାମ ଓ ଠିକଣା ଲେଖି ଆସନ୍ତା ମାର୍ଚ୍ଚମାସ ତା ୧୦ ରଖ ପୂର୍ବରୁ ପଠାଇବେ ।

ତରଫ ଦପ୍ତର } Mahommad Atahar
ମାନେଜରଙ୍କ କଚେରୀ } *Manager*
ତା ୨୨ ଫେବ୍ରୁଏରୀ }
ସନ ୧୯୦୦ ମସିହା }

---

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ଏ କଲାର ଅବକାରୀ ଦୋକାନ (ଅଫିମ ଓ ଦେଶୀ ସରାପ ଓ ତାଡ଼ୀ ଓ ଗଞ୍ଜାଗାଛ ଗଞ୍ଜାଇ ଓ ଭାଙ୍ଗ ଓ ଚରସ ଓ କେତେକ ବନ-ଜାତ ଦ୍ରବ୍ୟର) ଲାଇସେନ୍ସ ସନ ୧୯୦୦।୧୯୦୧ ବର୍ଷ ନିମନ୍ତେ ଆଗାମୀ ମାର୍ଚ୍ଚ ମାସ ତା ୨୦ ରଖ ମଙ୍ଗଳବାର ପୂର୍ବାହ୍ଣ ଘ ୮ ଘା ସମୟରେ ଏ କଚେରୀରେ ନିଲାମ କରାଯିବ ।

। କି । ତରଫ ଦପ୍ତର } Mahommad Atahar
ମାନେଜରଙ୍କ କଚେରୀ } *Manager*
ତା ୨୨ ଫେବ୍ରୁଏରୀ }
ସନ ୧୯୦୦ ମସିହା }

---

## ଥରେ ପଢ଼ିବେ କି ?

ଉତ୍କଳ କୋହିନୁର କବିବର ରାୟ ରାଧାନାଥ ରାୟ ବାହାଦୁର ମହୋଦୟଙ୍କ ଛବି, କଟକ ପ୍ରିଣ୍ଟିଂ କମ୍ପାନୀରେ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ଦୋକାନରେ ଏବଂ ମୋହ ନିକଟରେ ପ୍ରତିଖଣ୍ଡ ଦୁଇଅଣା ମୂଲ୍ୟରେ ବିକ୍ରୀତ ହେଉଅଛି

ଶ୍ରୀ ଅର୍ଜ୍ଜୁନ ତ୍ରିପାଠୀ
ସର୍ଭେ ମାଷ୍ଟର, ଟ୍ରେନିଂ ସ୍କୁଲ,
କଟକ ।

---

## ବିଜ୍ଞାପନ ।

ଏ କଲାସ୍ଥ ସମସ୍ତ ଅବକାରୀ ଅର୍ଥାତ୍ ଅଫିମ, ଗଞ୍ଜେଇ, ସରାପ ଓ ତାଡ଼ୀ ଦୋକାନମାନ ଓ ଜଙ୍ଗଲଜାତ ଦ୍ରବ୍ୟମାନ ଆଗାମୀ ମାର୍ଚ୍ଚ ମାସ ତା ୧୨, ୧୩ ଓ ୧୪ ରଖମାନଙ୍କରେ ଅତ୍ର କଲା ସଦର କଚେରୀଠାରେ ପ୍ରକାଶ୍ୟଭାବରେ ନିଲାମ କରାଯିବ । ଖରିଦଦାରମାନେ ନିରୂପିତ ତାରିଖରେ ପୂର୍ବାହ୍ଣ ଘ ୧୧ ଘା ସମୟରେ ଉପସ୍ଥିତ ହୋଇ ନିଲାମ ଡାକ ପାଇବେ ।

Manager's office, } M. Yusuf
Dhenkanal } *Asst, Manager*
The 20th February } *In-ch.*
1900 }

---

## WANTED

A Head Master for the Kanpur Metcalfe Middle English school at Sungra, on a salary of Rs 20 per mensem. None need apply who has not passed at least the Entrance Examination. Preference will be given to the candidate who had Sanskrit for his second language. Apply to the undersigned upto 15th of March next.

Cuttack } Syed Ekram Rasool
23-2-1900 } *Secretary*

---

ଅତ୍ର ଢେଙ୍କାନାଳ ଷ୍ଟେଟର ସର୍କାରୀ ଖର୍ଚ୍ଚ ଉପଲକ୍ଷେ ଏକ ହଜାର ଭରଣ ଅର୍ଥାତ୍ କଟକୀ ୩୮୦୦୦ମହଣ ଧାନ କ୍ରୟକରି ଅତି ଶୀଘ୍ର ଆବଶ୍ୟକ ହୋଇଥିବାରୁ, ଏତଦ୍ଵାରା ସର୍ବସାଧାରଣ ଧାନ ବିକ୍ରେତାମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ କି ଦରରେ କେତେ ଧାନ ତନ୍ଦଗା ଘାଟଠାରେ ମପାଇ ଦେବେ, ସେଥିର ବିବରଣ-ସମ୍ବଳିତପତ୍ର ଚଳିତମାସ ଶେଷସୁଦ୍ଧା ନିମ୍ନ ସ୍ଵାକ୍ଷରକାରୀଙ୍କ ନିକଟକୁ ପଠାଇବେ ।

Manager's office } By order
Dhenkanal } M. Yusuf.
The 12th Feby 1900 } Asst. Manager in-Ch

---

## WANTED.

An Experienced Head master for the Biroja M. E. School, Jajpur, at Rs. 20. P. M. Apply to the undersigned before the 10th proximo.

NABA K. DAS.

14—2—1900

*Secretary*

---

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧାନିମନ୍ତେ ବଡ଼ ବଡ଼ ଅଙ୍କରେ ଏକକଠାରୁ ଷଡ଼ଙ୍କପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡ, ଡୋରିଲ ଓ କମଳଲୋଚନ ସୁନ୍ଦର ସୁଦୃଢ଼ ଚିତ୍ରସହିତ ଗୋଟିଏ ପର୍ଦ୍ଦରେ ଛପାହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ତହିଁର ମୂଲ୍ୟ ୦ ୧୨

---

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାବିଷୟକ ଜ୍ଞାନବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ-ଭାଷାରେ ଉଦାହରଣ ସହିତ ରଚିତ ହୋଇ-ଥିବାରୁ ପାଠକମାନେ ଅପରର ସାହାଯ୍ୟ ବ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅଗ୍ରପାଠେୟ ହୋଇଥିବା କଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତମାନେ ମୁକ୍ତକଣ୍ଠରେ ସ୍ଵୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାଭିତ ସ୍ଵଳ୍ପ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

---

## ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଚାରିଅଣା, ଜ୍ଵର ଚିକିତ୍ସା ତିନିଅଣା, ଗୋଚିକିତ୍ସା ୧ ମଭାଗ ଏକଅଣା, ୨ ୟଭାଗ ଦୁଇଅଣା, ବିସୂଚିକା ଚିକିତ୍ସା ଏକଅଣା, ବସନ୍ତରୋଗ ଚିକିତ୍ସା ତିନିପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲଦ୍ଵାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣ୍ଡିତମାନଙ୍କର ଦ୍ଵିତୀୟ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଉଦ୍‌ଯୋଗି ସମିତିର ଭଣ୍ଡାର
### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପକ୍ଷିତ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟ-ସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ପ୍ରଭୃତିଠାରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ୨ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ଚନ୍ଦର, ଚନ୍ଦ୍ରକୋଣା, ଫରାସଡ଼ାଙ୍ଗା, ଯାଜନା ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ି; ଭିନ୍ନ୨ସ୍ଥାନର ତସର, ଗରଦ, ବାପ୍ତା, ନାନା ରକମର ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହ୍ମଦାବାଦ ଓ କାନପୁର ପ୍ରଭୃତିର କଲର ଧୋତି ଚଦର ଲଂକ୍ଳଥ ଛିଟ ମୋଜା ଗଞ୍ଜିଆ ଗାଉଞ୍ଜ ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଡଠେଇ କାଗଜ, ଲେଫାପା, ଦୁଆତ, କାଳି, କଲମ, ପେନସିଲ; ଇରେଜର, ଛୁରୀ, କଇଁଚି, ଷ୍ଟିଲପେନ୍ ନିବ୍ ପ୍ରଭୃତି, ସର୍ବପ୍ରକାର ଡ୍ରଇଙ୍ଗ ଦ୍ରବ୍ୟାଦି । ସର୍ବପ୍ରକାର ସାବୁନ, ବିବିଧ ସୁଗନ୍ଧତୈଳ ଓ ସୁଗନ୍ଧପାଣି; ବାର୍ଲି, ଆରାରୁଟ, ଶାଗୁ ପ୍ରଭୃତି ରୋଗୀମାନଙ୍କର ବହୁବିଧ ପଥ୍ୟ; କଟକର ବିଖ୍ୟାତ ହେଙ୍ଗରନେଟ, ଫରୁଆ ଓ ଖେଳଣା, ଏବଂ ରୂପାର ଉତ୍କୃଷ୍ଟ ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ ନେବାକୁ ଇଚ୍ଛାକଲେ ମୂଲ୍ୟର କେତେଂଶ ଜମା ଦେଲେ ସ୍ୱଳ୍ପମୂଲ୍ୟରେ ଆଣିଦିଆଯାଏ । କଟକ ଦେଓ୍ୱାନି ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

## ନୂତନ ଆମଦାନୀ
## ନାନାବିଧ ଶୀତବସ୍ତ୍ର ।

# ବନାରସି ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, କେନ୍ଦୁଝର ଅଠମଲ୍ଲିକ, ରାୟଗଡ଼, ସରାଇକଲା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ନିଜସ୍ୱ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି ଜୋଡ଼ି, ଦୋପଟା, କିଂଖାପ, ବାପ୍ତା ସଜ୍ଜୀ ଦୋପଟ୍ଟା ମନ୍ଦିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନାପ୍ରକାର ରହିଛି ଖଚିତ ଅଙ୍ଗୁରି ପ୍ରଭୃତି ଛଡ଼ା ସୁନା ରୂପାର ବାସନ, ହାଡ଼ର ହାଉଦା ପ୍ରଭୃତି ବରାଦ ଅନୁସାରେ ତିଆରି କରାଇ ଦେଉଁ । ବରାଦ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରର ରଖିଅଛୁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ ମାତ୍ର ଲଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରନ୍ତ ନିଆଯାଏ ।

ଶ୍ରୀ ପାଲୁମାଲ ଭୋଲାନାଥ,
କୃଷ୍ଣଗଲି ପାଟକ, ବନାରସ ସିଟି ।

---

ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗଭର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

# ନୂତନ ପୁସ୍ତକ ।
## ସଟୀକ
## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି ତହିଁର ମୂଲ୍ୟ ଏକ ସାଙ୍ଗରେ ଟ ୧୬।୶୷ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨୳ |
| ୨ ମଧ୍ୟ ପର୍ବ | ଟ ୨୳ |
| ୩ ସଭା ପର୍ବ | ଟ ୨୳ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୲ |
| ୯ କର୍ଣ୍ଣ ପର୍ବ | ଟ ୦।୵ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ ନାରୀପର୍ବ ବା ଐଷିକ ପର୍ବ | ଟ ୦।୵ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦୳ |
| ୧୭ ମୂଷଳୀ ପର୍ବ | ଟ ୦।୵ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ସଟୀକ ଚୈତନ୍ୟ ଚରିତାମୃତ | ଟ ୨୳ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧୲ |
| ଲାଞ୍ଜିଭାଷ୍ଟ୍ ଆଇନ | ଟ ୦ ।୵ |
| ବଡ଼ି ଶହେଁବ୍ୟାସନ | ଟ ୦୳ |
| ଶିବତତ୍ତ୍ୱସାର ବା ଶୈବଜୀବନ | ଟ ୦୷ |
| ଭଜନସାରସଂଗ୍ରହ ୨ୟ ଭାଗ | ଟ ୦୷୬ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅର୍ଦ୍ଧସ୍ତମ୍ଭକୁ ଟ ୨୲
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩୲

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ରେଟ ଟ୦ ୳ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ସହିତ କଟକ ଡଇଲାବତାର ପ୍ରିଣ୍ଟିଂକମ୍ପାନି "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED No. C. 81.



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୬ ଶ | ତା ୯ ଏ ମାହେ ମାର୍ଚ୍ଚ ସନ ୧୯୦୧ ମସିହା । ମୁ । ତା ୨୮ ଶ ଫାଲ୍ଗୁନ ସନ ୧୩୦୮ ସାଲ ଶନିବାର | ଅଗ୍ରୀମ ଟ ୩୲
ସଂ ୧୦ ସଂଖ୍ୟା | | ପଶ୍ଚାଦେୟ ଟ ୬୲

## ବିଜ୍ଞାପନ ।

### ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୨ ସନ ୧୩୦୭ ଓ ୧୩୦୮ ଇଂରାଜୀ ସନ ୧୯୦୦ ଓ ୧୯୦୧ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନିଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

ବଡ଼ ଟ ୦।
ଛୋଟ ଟ ୦।୬

ମଫସଲ ନିମନ୍ତେ ଡାକମାସୁଲ ଟ ୦/ ଯେଉଁମାନଙ୍କର ରେଲ କିମ୍ବା ଷ୍ଟିମରଦ୍ୱାରା ନେବାର ସୁବିଧା ଅଛି, ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

---

ପ୍ଲେଗ ରୋଗ କ୍ରମାଗତ ବୃଦ୍ଧି ଉପରେ ଅଛି । ବଙ୍ଗଳା କଲିକତାରେ ଦୈନିକ ପୀଡ଼ିତର ସଂଖ୍ୟା ୧୮୬ ଏ ପର୍ଯ୍ୟନ୍ତ ଉଠିଅଛି । ଗତ ସାପ୍ତାହିକ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ବମ୍ବେରେ ୩ ହଜାର ଏବଂ ବଙ୍ଗଳାରେ ୨ ହଜାରରୁ ଊର୍ଦ୍ଧ୍ୱ ରୋଗୀ ହୋଇଥିଲେ । ପଞ୍ଜାବରେ ଗତ ସପ୍ତାହରୁ ବୃଦ୍ଧି ହୋଇ ନାହିଁ ଏବଂ ମଧ୍ୟପ୍ରଦେଶରେ କିଛି ଊଣା ପଡ଼ିଅଛି ।

---

ଗତ ମଙ୍ଗଳବାର ଦିବସ ଉପରଓଳ ରେଲୱେ ବାବୁ ଗୋପାଳଚନ୍ଦ୍ର ଦାସ ମେଦନୀପୁର ଗମନ କଲେ । ତାଙ୍କୁ ବିଦାୟ ଦେବା ନିମନ୍ତେ ତାଙ୍କର ଅନେକ ବନ୍ଧୁ, ହାକିମହାକିମ, ଜାବାଲଗ ଛାତ୍ରଙ୍କର ଶିକ୍ଷକ ଓ ପର୍ଶୋନାଲ ଆସିଷ୍ଟାଣ୍ଟ ଓ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଷ୍ଟେସନ ଜଙ୍କଟକୁ ଯାଇଥିଲେ । ନାବାଳକ ଛାତ୍ରମାନେ ବାବୁଙ୍କ ପ୍ରତି ତାଙ୍କ ବିଦାୟ ବେଳରେ ପ୍ରାୟ ଉପସ୍ଥିତ ଥାଆନ୍ତି । ଏହାଙ୍କ ସମ୍ମୁଖରେ ଅନୁପସ୍ଥିତ ହେବାର କାରଣ କିଛି ବୁଝାଗଲା ନାହିଁ ।

---

ଗଞ୍ଜାମ ଜିଲ୍ଲାରେ ସଡ଼କ-ଘାଟର ଅତ୍ୟନ୍ତ ଅଭାବ ଅଛି । ଇଚ୍ଛାପୁରଠାରୁ ସୁରଡ଼ା ମା ୧୯ ଇଲ ଅନ୍ତର; ମାତ୍ର ବର୍ଷାରେ ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାକୁ ହେଲେ ମା୪୭ଇଲ ଚାଲିବାକୁ ପଡ଼ିବ । ଏହି ଅସୁବିଧା ନିବାରଣ ନିମନ୍ତେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ସେହି ଦୁଇସ୍ଥାନକୁ ଦେଇ ସଡ଼କବାନ୍ଧଦ୍ୱାରା ଯୋଗ କରିବା ସକାଶେ ଟ ୯୭୦୦୦୲ ଙ୍କା ମଞ୍ଜୁର କରିଅଛନ୍ତି । ମାତ୍ର ଆଦେଶ ଦେଇଅଛନ୍ତି କି ଦୁର୍ଭିକ୍ଷ ସାହାଯ୍ୟକାର୍ଯ୍ୟସ୍ୱରୂପ ସେ ବାନ୍ଧ ନିର୍ମାଣ ହେବ । ତାହାହେଲେ ଲୋକଙ୍କର ପଥ କଷ୍ଟ ଶୀଘ୍ର ଘୁଞ୍ଚିବ ନାହିଁ । ପୁନର୍ବାର ଅନ୍ନକଷ୍ଟପର୍ଯ୍ୟନ୍ତ ଘୁଞ୍ଚି ବସିବାକୁ ହେବ ।

---

ଆଜିକାଲି ରୂପାର ଦର ବଜାରରେ ଭ ୧୦୦ ଭରି ଟ ୭୦୲ ଙ୍କା କିମ୍ବା ତହିଁରୁ କିଛି ଅଧିକ ହୋଇଅଛି । ଏହା ଅବଶ୍ୟ ବେପାରୀ ଦର ଅଟେ । ଭ ୧୦୦ ରୁ ରୂପାର ଯେଉଁ ଟଙ୍କା ପ୍ରସ୍ତୁତ ହେଉଅଛି, ତହିଁର ମୂଲ୍ୟ ଟ ୧୦୨; କାରଣ ପ୍ରତି ଟଙ୍କାର ରୂପାରେ ପ୍ରାୟ ଏକ ଅଣା ଖାଦ ମିଶିଥାଏ । ଏଥିରୁ ଟଙ୍କାଶାଳ ସମ୍ପ୍ରତି ଯେଉଁ ଏକ କୋଟି ଟଙ୍କା ପ୍ରସ୍ତୁତ କରିବେ ତହିଁରେ ସରକାରଙ୍କର ୩୫ ଲକ୍ଷ ଟଙ୍କା ଲାଭ ହେବ ଅଥବା ଏକ ସଭରନ୍‌କୁ ଟ ୧୫୲ ଙ୍କା ଦରରେ ୨ଲକ୍ଷ ୩୦ହଜାରରୁ ଊର୍ଦ୍ଧ୍ୱ ସଭରନ୍ ନାମକ ସ୍ୱର୍ଣ୍ଣ ମୁଦ୍ରା ଲାଭ ହେବ । ଏ ଲାଭ ସାମାନ୍ୟ ନୁହେଁ । ଯେଉଁମାନେ ଧନସ୍ୱରୂପ ରୂପା ଟଙ୍କା ଅଥବା ରୂପା କିଣି ସଞ୍ଚି ରଖିଥିଲେ, ସେମାନଙ୍କର ଶତକଡ଼ା ଟ ୨୫୲ ଙ୍କାରୁ ଅଧିକ କ୍ଷତି ପଡ଼ିଅଛି । ସରକାରଙ୍କର ଏହି ଲାଭ ଲୋକଙ୍କର ଦରିଦ୍ରତାର ଗୋଟିଏ କାରଣ ନୁହେଁ କି ?

---

ଏକ ମୋକଦ୍ଦମାର ବିଚାର ବେଳେ କଲିକତା ହାଇକୋର୍ଟଙ୍କର ଗୋଚରରେ ଆସିଲା ଯେ ମେଦନୀପୁରର ଜଣେ ଦେଶୀୟ ବାରିଷ୍ଟର ସରକାରୀ କାର୍ଯ୍ୟ ନିମନ୍ତେ ଜମି ଖରିଦର ଖେଦଣି ମୋକଦ୍ଦମାରେ ମଉକ୍କିଲସଙ୍ଗେ ଚୁକ୍ତି କରିଥିଲେ କି ଉକ୍ତ ହେବା କେସରେ ଟ ୫୦,୦୦୦୲ ଙ୍କାରୁ ଅଧିକ ନ ହେଲେ ସେ ଟ ୧୦୦୦୲ ଙ୍କା ଫିସ୍ ନେବେ ଓ ତହିଁରୁ ଅଧିକ ହେଲେ କେସାସର ଅର୍ଦ୍ଧେ ଫିସ୍‌ସ୍ୱରୂପ ନେବେ । ଏପରି ଚୁକ୍ତି ବାରିଷ୍ଟର ବ୍ୟବସାୟୀର ଅବୈଧ ଆଚରଣ ବୋଲି ହାଇକୋର୍ଟର ଜଜମାନେ ନିନ୍ଦା କରନ୍ତେ ବାରିଷ୍ଟର ଉତ୍ତର ଦେଲେ ଯେ ଉତ୍ତରପଶ୍ଚିମ ଏବଂ ଅନ୍ୟାନ୍ୟସ୍ଥାନରେ ସେ ବାରିଷ୍ଟରୀ କରିବା ବେଳେ ଏପରି ରୀତି ପ୍ରଚଳିତ ଥିବାର ଜାଣି ଅଛନ୍ତି । ସେପ୍ରକାର ଚୁକ୍ତି ଯେ ଅବୈଧ, ତହିଁରେ ସନ୍ଦେହ ନାହିଁ; ଏବଂ ଆଶା କରୁଅଛୁ ଶୀଘ୍ର ତହିଁର ଉଚିତ ପ୍ରତିକାର ହେବ ।

Digitized by srujanika@gmail.com

Split by PDF Splitter 74



କଲିକତା ନିବାସୀ ସ୍ୱର୍ଗୀୟ ଅମୃତନାଥ ମିତ୍ର ବାହାଦୂର ଆପଣାର ଉଇଲପତ୍ରରେ ନିମ୍ନଲିଖିତଦାନ କରିଅଛନ୍ତି ଯଥା;— ମେଡ଼ିକାଲ ପାଠଶାଳା, କଲିକତା ହିନ୍ଦୁ ଅନାଥାଶ୍ରମ, ଏବଂ ଅନ୍ଧଶିକ୍ଷାଗାର; ପ୍ରତ୍ୟେକଙ୍କୁ ଟ ୫୦୦୦ ଙ୍କା ଲେଖାଏଁ; ବାର୍ଷିକ ଗୋଟିଏ ବିଜ୍ଞାନ ପୁରସ୍କାର ସ୍ଥାପନ ନିମନ୍ତେ ଶତକଡ଼ା ୪ ଟଙ୍କିଆ ସୁଦର ଟ ୧୫୦୦୦ ଙ୍କାର ମିଉନିସିପଲ ଋଣପତ୍ର; ଡଫ୍ରିନ୍ ହସ୍ପିଟାଲକୁ ସେହିପରି ଟ ୧୫୦୦୦ ଙ୍କାର ଋଣପତ୍ର; ଦୁର୍ଭିକ୍ଷସାହାଯ୍ୟ ପାଣ୍ଠିକୁ ଟ ୧୦୦୦୦ ଙ୍କା; ଟ୍ରାନ୍ସଭାଲ ଯୁଦ୍ଧପାଣ୍ଠିକୁ ଟ ୨୦୦୦ ଙ୍କା ଏବଂ ଯୋଡ଼ିଏ ଖ୍ରୀଷ୍ଟିଆନ ଅନାଥାଶ୍ରମକୁ ଟ ୫୦୦ ଙ୍କା ଲେଖାଏଁ । ବଡ଼ଲୋକମାନେ ବିବାହାଦି ଉତ୍ସବରେ ବାଣ, ରୋଷନାଇ ଇତ୍ୟାଦି ଆମୋଦରେ ହଜାର ୨ ଟଙ୍କା ପୋଡ଼ିଦେବା ସମୟରେ ଯେଉଁମାନେ ସ୍ୱଜାତିର ସାଧାରଣ ହିତାନୁଷ୍ଠାନ ଚିନ୍ତା କରନ୍ତି, ସେମାନେ ଧନ୍ୟ ଏବଂ ସେମାନଙ୍କ ଦୃଷ୍ଟାନ୍ତ ଅନୁକରଣୀୟ ଅଟେ ।

---

ବେତ୍ରାଘାତଦଣ୍ଡ ଆଇନ ସଂଶୋଧନ ବିଷୟରେ ଗୋଟିଏ ନୂତନ ଆଇନ ବଡ଼ଲାଟଙ୍କ ସଭାରେ ବିଧିବଦ୍ଧ ହୋଇ ସନ ୧୯୦୦ ସାଲର ୫ ଆଇନ ବା ବେତ୍ରାଘାତ ଆଇନ ନାମରେ ପାସ ହେଲା । ଏହାର ମୂଳ ଅଭିପ୍ରାୟ ବ ୧୬ ବର୍ଷର ଊଣା ବୟସର ପିଲାମାନେ ହତ୍ୟା ଦଣ୍ଡ ଛଡ଼ା ଅନ୍ୟ ଯେ କୌଣସି ଦଣ୍ଡନୀୟ ଅପରାଧ କରିବେ ତହିଁପାଇଁ କାରାବାସ ବଦଳରେ ବେତ୍ରାଘାତ ଦଣ୍ଡ ପାଇବେ । ଅଧିକ କରିବା ନିମନ୍ତେ ବ ୧୫ ଘା ଦଣ୍ଡ ସୀମାବଦ୍ଧ ରଖିବା ଏବଂ ବେତ୍ରାଘାତ ଦଣ୍ଡର ଯୋଗ୍ୟ ଅପରାଧମାନ ସ୍ପଷ୍ଟ କରି ନିର୍ଦ୍ଦେଶ କରିବା କାରଣ ପ୍ରସ୍ତାବମାନ ହୋଇଥିଲା ଏବଂ ହ୍ୱିଲକ ସାହେବ ବାରମ୍ବାର ତହିଁର ଘୋଷଣା କରିଥିଲେ; ମାତ୍ର ସେ ସବୁ ଅଗ୍ରାହ୍ୟ ହେଲା । ଫଳ କଥା ଏହାଦ୍ୱାରା ମାଜିଷ୍ଟ୍ରେଟମାନଙ୍କର ବେତ୍ରାଘାତ ଦଣ୍ଡ ଦେବାର କ୍ଷମତା ପ୍ରସାରିତ ହେଲା ଏବଂ ଲୋକଙ୍କର ଅପମାନ ହେବାର ସୁଯୋଗ ବଢ଼ିଲା । ଭରସା କରୁଁ ମାଜିଷ୍ଟ୍ରେଟମାନେ ଅତ୍ୟନ୍ତ ସୁବିଚାର ପୂର୍ବକ ଏ ଦଣ୍ଡର ବ୍ୟବସ୍ଥା କରିବେ ।

---

ଟ୍ରାନ୍ସଭାଲ ଯୁଦ୍ଧ ପାଣ୍ଠିର ବ୍ୟୟ କିପରି ହେଉଅଛି ତାହା ଦେଖାଇବା କାରଣ ସଞ୍ଜୀବନୀ ଲେଖିଅଛନ୍ତି ଏକଜଣ ସୈନ୍ୟ ଯେ ଯୁଦ୍ଧରେ ମରିପଡ଼ିଲା ତାହାର ବ ୩୦ ବର୍ଷର ନ୍ୟୂନ ବୟସ୍କା ସ୍ତ୍ରୀ ଓ ଗୋଟିଏ ପୁତ୍ର ବର୍ତ୍ତମାନ । ସେହି ବିଧବାକୁ ପେନ୍‌ସିଅନ ପାଣ୍ଠିରୁ ନଗଦ ଟ ୫୦୦ଙ୍କା ଏବଂ ଟ୍ରାନ୍ସଭାଲ ଯୁଦ୍ଧ ପାଣ୍ଠିରୁ ଟ ୧୬୫୦ ଙ୍କା ଦିଆଗଲା ଏହାଛଡ଼ା ପେନ୍‌ସିଅନ ଫଣ୍ଡ ସେହି ବିଧବାକୁ ମାସକୁ ଟ ୧୫ ଙ୍କା ଏବଂ ପିଲାକୁ ଟ ୪ ଲେଖାଏଁ ଯାବଜ୍ଜୀବନ ଦାନ କରିବେ । ସରକାର ସେ ବିଧବାକୁ ଏକବର୍ଷ ଏବଂ ତାହାର ସନ୍ତାନକୁ ଛଅମାସର ବେତନ ଦେବେ । ପୁଣି ଡେଲି ଟେଲିଗ୍ରାଫ ପାଣ୍ଠିରୁ ବିଧବାକୁ ବାର୍ଷିକ ଟ ୨୨୫ ଙ୍କା ଦିଆଯିବ ଏବଂ ସନ୍ତାନ ନିମନ୍ତେ ଟ ୬୫୦ ଙ୍କା ବାଙ୍କରେ ଜମା ରହିବ ଯେ ତହିଁର ସୁଦ ସେ ଯାବଜ୍ଜୀବନ ପାଇବ । ବୁଅର ଯୁଦ୍ଧରେ ହତ ହେବା ପ୍ରତ୍ୟେକ ସୈନ୍ୟର ପରିବାରକୁ ଏହି କ୍ରମରେ ବୋଧ ହୁଅଇ ସାହାଯ୍ୟ ଦିଆଯିବ । ଏପରି ସାହାଯ୍ୟ ପାଇଲେ ଯୁଦ୍ଧରେ ପ୍ରାଣ ଦେବାକୁ ସୈନ୍ୟମାନେ କାତର ହେବେ ନାହିଁ ।

---

କେତେଏ ସରକାରୀ ରିପୋର୍ଟରୁ ପ୍ରକାଶ ଯେ ସନ ୧୮୯୬।୯୮ ସାଲରେ ମଧ୍ୟପ୍ରଦେଶର ସଡ଼କପାର୍ଶ୍ୱରେ ପ୍ରାୟ ଦଶହଜାର ଗଛ ଲଗିଥିଲା ଏବଂ ତହିଁର ଚତୁର୍ଥାଂଶ ବଞ୍ଚି ଥିଲା । ପ୍ରତ୍ୟେକ ବଞ୍ଚିଥିବା ଗଛର ଖରଚ ପ୍ରାୟ ଟ ୧୲ ପଡ଼ିଥିଲା । ଲୋକମାନଙ୍କର ସଡ଼କପାର୍ଶ୍ୱରେ ଗଛ ଲଗାଇବା ବିଷୟରେ ଅନୁରାଗ ଅନେକ ଊଣା ପଡ଼ିଅଛି । ସନ ୧୮୯୬।୯୭ ସାଲରେ ଭଦାଳର ପଧାନ ନାମକ ଏକବ୍ୟକ୍ତି ୯୦୦ ଗଛ ଲଗାଇଥିଲା ଯେ ତହିଁ ମଧ୍ୟରୁ ୭୦୦ ଗଛ ବଞ୍ଚି ଗଲା । ସମ୍ବଲପୁରର ଡେପୁଟି କମିଶନର ତାହାକୁ ଗୋଟାଏ ସନନ ଦେବାର ଅଙ୍ଗୀକାର କରିଅଛନ୍ତି । ଅନ୍ନଦାନ, ଜଳଦାନ ପରି ଛାୟାଦାନ ଗୋଟିଏ ପ୍ରଧାନ ପୁଣ୍ୟକାର୍ଯ୍ୟ । ତହିଁରେ ଲୋକଙ୍କୁ ପ୍ରବୃତ୍ତ କରାଇବା ଅଭିପ୍ରାୟରେ ପରେ ୨ ବଟ ଅଶ୍ୱତ୍ଥାଦି ବୃକ୍ଷତଳ ହାଣ୍ଡିରେ ରୋଇ ପ୍ରତ୍ୟହ ଜଳଦେବା ଏବଂ ଗଛ ବଡ଼ ହେଲେ ଦଣ୍ଡୀ ପୁଷ୍କରିଣୀପ୍ରଭୃତି ସାଧାରଣ ବ୍ୟବହାର୍ଯ୍ୟ ସ୍ଥାନରେ ଲଗାଇ ଦେବାର ବିଧି ପ୍ରାଚୀନକାଳରୁ ରହିଥିଲେହେଁ ବର୍ତ୍ତମାନ ତହିଁପ୍ରତି ଲୋକଙ୍କର ବିଶେଷ ଆସ୍ଥା ନାହିଁ । ଅସ୍ୱସେବା ରଙ୍ଗ ଯେମନ୍ତ ପ୍ରବଳ ହେଉଅଛି, ରୋଗ ଶୋକ ସେମନ୍ତ ବଢ଼ୁଅଛି ।

---

ଟ୍ରାନ୍ସଭାଲ ଯୁଦ୍ଧଘଟିତ ଲେଡିସ୍ମିଥ ନଗରରେ ଇଂରାଜ ସେନା ପ୍ରାୟ ୧୦ ସହସ୍ର ପାଞ୍ଚମାସ କାଳ ଶତ୍ରୁ ବେଷ୍ଟିତ ହୋଇ ମହା ବିପଦରେ ଥିଲେ । ଅନେକ ଯତ୍ନ ଓ କଷ୍ଟରେ ସେ ନଗର ଉଦ୍ଧାର ହେଲା ଏବଂ ଇଂରାଜ ସେନାର ମହା ବିକ୍ରମ ପ୍ରକାଶ ପାଇଲା । ଏହି ଶୁଭସମ୍ବାଦ ପ୍ରଚାର ହେବା ଦିନଠାରୁ ଇଂରାଜଙ୍କର ରାଜ୍ୟାନ୍ୟ ଅଧୀନ ରାଜ୍ୟ ସବୁ ଭାରତର ଚତୁର୍ଦ୍ଦିଗରେ ମହା ଉଲ୍ଲାସ ହୋଇଅଛି ଏବଂ ନାନା ସ୍ଥାନରେ ବିବିଧପ୍ରକାରେ ଏହି ଉତ୍ସବ ପ୍ରତିପାଳିତ ହୋଇଅଛି । ଓଡ଼ିଶା ମଧ୍ୟରେ ବାଲେଶ୍ୱରର ରାଜବାଟୀରେ ଦେବାରାଧନା, ସଂକୀର୍ତ୍ତନ ଏବଂ ସର୍କସ୍ କ୍ରୀଡ଼ା ହୋଇଥିଲା ଏବଂ ୨।୩ ସହସ୍ର ଲୋକ ତହିଁରେ ଯୋଗ ଦେଇ ଥିବାର କଥିତ ହୁଅଇ । ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ମଞ୍ଜୁଷାର ରାଜା ଏକ ବଡ଼ ଦରବାର କରି ବକ୍ତୃତା, ନୃତ୍ୟ, ଗୀତ ପ୍ରଭୃତି ଦ୍ୱାରା ଇଂରାଜଙ୍କର ଜୟ ଘୋଷଣା କରିଥିଲେ । ମହାମାନ୍ୟ ଗବର୍ଣ୍ଣର ଜେନେରଲ୍ ବାହାଦୁର ଭାରତବାସିଙ୍କର ହର୍ଷ କର ବିଷୟ ଶ୍ରୀମତୀ ଭାରତେଶ୍ୱରୀଙ୍କୁ ଏଥି ମଧ୍ୟରେ ତାରଯୋଗେ ଜଣାଇ ଥିଲେ ଏବଂ ସମ୍ରାଜ୍ଞୀ ମହୋଦୟା ବିଶେଷ ସନ୍ତୋଷଲାଭ କରିବାର ଉତ୍ତର ଦେଇଅଛନ୍ତି ।

---

ପୁନାବାସୀ ଶ୍ରୀଯୁକ୍ତ ରାନାଡ଼େଙ୍କ ପୁତ୍ର ଶ୍ରୀଯୁକ୍ତ କେ, ଟି, ରାନାଡ଼େ ସୁଜରାଟ ଅନ୍ତର୍ଗତ ଅହମଦାବାଦରେ ଚର୍ମ ପରିଷ୍କାର କରିବାର କାରଖାନା ଫିଟାଇ ଅଛନ୍ତି । କଲର ବେଲଟରେ ସ୍ଥାନୀୟ ଚର୍ମ ଏବଂ ପୁସ୍ତକ ବନ୍ଧାଇବା ଉତ୍କୃଷ୍ଟ ଜେନେରେଣ୍ଡ ଚମ ସେ ସଙ୍ଗରେ ନେଇ କଲିକତାକୁ ଆସି ସେଠାର ଶିଳ୍ପ ପ୍ରଦର୍ଶନୀରେ ଦେଖାଇଥିଲେ ଏବଂ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଯେ ଏପରି ସୁନ୍ଦର ଚର୍ମ ଭାରତରେ ପ୍ରସ୍ତୁତ ହୋଇ ପାରେ ପ୍ରକୃତରେ ବିଲାତ ଉତ୍କୃଷ୍ଟ ଜିନିଷ ଠାରୁ ତାହା ଜିଣି ଯାଇଥିଲା । ରାନାଡ଼େଙ୍କ ପିତା ପୁତ୍ରଙ୍କୁ ଶିଳ୍ପ ଶିକ୍ଷା ଦେବା କାରଣ ବିଲାତରେ ଅଠବର୍ଷ ରଖାଇ ଅନେକ ଖର୍ଚ୍ଚାନ୍ତ ହୋଇଥିଲେ; ମାତ୍ର ସେ ସେଠାରେ ବିଶେଷ ସାହାଯ୍ୟ ପାଇଲେ ନାହିଁ । କିନ୍ତୁ ସେ ସର୍ବଦା ସ୍ୱୟଂ ଅନେକ ପରିଶ୍ରମ କରି ପରଶେଷରେ ଗୋଟିଏ ଶିଳ୍ପରେ ପାରଦର୍ଶୀ ହୋଇ ଅଛନ୍ତି ଏବଂ ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଏଥିମଧ୍ୟରେ ତାହାଙ୍କର କାରଖାନା ପ୍ରସାର ହୋଇଅଛି । ପିଲାମାନଙ୍କୁ କି ଶିକ୍ଷା ଦେଲେ ସେମାନଙ୍କର କାର୍ଯ୍ୟରେ ଆସିବ ଯେଉଁମାନେ ଏହା ଚିନ୍ତା କରି ବ୍ୟସ୍ତ ହୁଅନ୍ତି, ସେମାନଙ୍କର ରାନାଡ଼େ ମହାଶୟଙ୍କର ପନ୍ଥା ଅନୁସରଣ କରିବା ଶିଳ୍ପ କାର୍ଯ୍ୟର ଶିକ୍ଷା ଦେଲେ ଅବଶ୍ୟ ସଫଳ କାମ ହେବ ।

Digitized by srujanika@gmail.com

Split by PDF Splitter



ଜଳକର ସମ୍ବନ୍ଧରେ ଗଣ୍ଡିଏ ପାଣ୍ଡୁଲିପି ମାନ୍ଦ୍ରାଜ ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇଅଛି ଏବଂ ତହିଁରେ ଯେ ସମସ୍ତ ବିଧି ହେବାର ପ୍ରସ୍ତାବ ହୋଇଅଛି, ସେ ସବୁ ତହିଁମଧ୍ୟରୁ କେତେକ ଏତେ ନିତାନ୍ତ ଆପତ୍ତିଜନକ ହେବାରୁ ଲୋକେ ଭାରି ଅସନ୍ତୁଷ୍ଟ ହୋଇ ପ୍ରତିବାଦ ଆରମ୍ଭ କରିଅଛନ୍ତି । ସେଥିଏ ସଭାର ନିର୍ଦ୍ଧାରଣରୁ ପ୍ରକାଶ ଯେ କାନାଲଜଳ ଅପଣା ଅପଣା କ୍ଷେତରେ ମଡାଇବା ଅଥବା ନ ମଡାଇବା ସେମାନଙ୍କର ଇଚ୍ଛାଧୀନ ନୁହେ, ଏବଂ କୌଣସି ପ୍ରକାରେ ତାହାର କ୍ଷେତକୁ ଜଳ ମାଡିଗଲେ ବା ଝୁରିଗଲେ ସେ କର ଦେବାକୁ ବାଧ୍ୟ ହେବ । ଏପରି ଜଳକର ଜମାବନ୍ଦି ଘଟିତ କୌଣସି ମୋକଦ୍ଦମା ଦେବାନି ଅଦାଲତରେ ଚଳିପାରବ ନାହିଁ । ଏ ଆପତ୍ତିମାନ ଯୁକ୍ତିସଙ୍ଗତ ଏଥିରେ ସନ୍ଦେହ ନାହିଁ ଏବଂ ଆଶା କରୁଅଛି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏଥିର ବିହିତ ବିଚାର କରିବେ । ପ୍ରଜାର ପ୍ରାର୍ଥନା ଏହି । ତାହାର କ୍ଷେତକୁ ଗଡିବା ଅଥବା ଝୁରିବା ହୋଇ କେନାଲଜଳ ମାଡି ନ ଯାଏ ତହିଁର ଉପାୟ କାନାଲ କର୍ମଚାରୀଙ୍କର କରିବା ଉଚିତ ଏବଂ ଇଚ୍ଛାସତ୍ତ୍ୱେ ଫସଲ ନଷ୍ଟ ହେବା ଅସମ୍ଭବ ନୁହେ । ସେପରିସ୍ଥଳେ କ୍ଷତିପୂରଣ ଦେବାର ବିଧାନ ହେବା ନ୍ୟାୟ ସଙ୍ଗତ ଅଟେ । ବଙ୍ଗପ୍ରଦେଶର କାନାଲଜଳ ବ୍ୟବହାର ସମ୍ବନ୍ଧୀୟ ନିୟମାବଳୀକୁ ଅନୁକରଣ କରି ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଜଳକର ଆଇନ ରଚନା କଲେ । ବୋଧହୁଏ ପ୍ରଜାଙ୍କର ସେତେ ଅସନ୍ତୋଷ ହେବ ନାହିଁ ।

---

### ବିଦ୍ୟାଳୟ ଧନର ଆଇନ ।

ମାନ୍ଦ୍ରାଜର ବ୍ୟବସ୍ଥାପକ ସଭାରେ ବିଦ୍ୟାଲବ୍ଧ ଧନର ଆଇନ ସମ୍ପ୍ରତି ପାସ ହୋଇଅଛି । ଏହି ଆଇନର ପାଣ୍ଡୁଲିପି ପ୍ରାୟ ଅଟେବର୍ଷ ହେଲା ବିବେଚନାଧୀନରେ ଥିଲା ଏବଂ ଏଥିର ଏମନ୍ତ ଘୋର ପ୍ରତିବାଦ ହୋଇଥିଲା ଯେ ପାଣ୍ଡୁଲିପି ଅଗ୍ରାହ୍ୟ ହେବାର ଆଶଙ୍କା ଥିଲା । ସୁଖର ବିଷୟ ତାହା ସମସ୍ତ ବାଧା ଅତିକ୍ରମ କରି ଆଇନ ହେବାର ସ୍ଥିର ହୋଇଅଛି । ଏହି ଆଇନର ସଂକ୍ଷେପ ମର୍ମ ଏହି ଯେ ଏକାନ୍ନ ହିନ୍ଦୁ ପରିବାରଭୁକ୍ତ ଯେଉଁ ବ୍ୟକ୍ତି ବିଶେଷ ବିଦ୍ୟା ଶିକ୍ଷା କରି ତଦ୍ଦ୍ୱାରା ଯେଉଁ ଅର୍ଥ ଉପାର୍ଜନ କରିବ ତାହା ସେ ନିଜେ ଭୋଗ କରିବ । ପରିବାରସ୍ଥ ଅନ୍ୟ ବ୍ୟକ୍ତିମାନେ ତହିଁର ଭାଗ ପାଇବେ ନାହିଁ । ବ୍ୟବସ୍ଥାପକ ସଭାରେ ଆଇନ ସ୍ଥାପିତ ହେବାରୁ ତହିଁର ପ୍ରତିବାଦ ନିମନ୍ତେ ନିକଟରେ ତହିଁର ବିରୋଧ ଦଳଭୁକ୍ତ ଲୋକଙ୍କର ଏକ ଭାରି ସଭା ହୋଇଥିଲା । ସଭାରେ ଧାର୍ଯ୍ୟ ହେଲା ଯେ ଏହି ଆଇନ ଦ୍ୱାରା ହିନ୍ଦୁ ଏକାନ୍ନ ଭୁକ୍ତ ପରିବାର ଏବଂ ସମାଜର ବିଶୃଙ୍ଖଳା ଘଟିବ ଏବଂ ବିଦ୍ୟାଶିକ୍ଷାର ବ୍ୟାଘାତ ହେବ । ଅତଏବ ସେହି ଆଇନକୁ ଅଗ୍ରାହ୍ୟ କରିବା କାରଣ ମାନ୍ଦ୍ରାଜର ଗବର୍ଣ୍ଣର ଏବଂ ଭାରତର ଗବର୍ଣ୍ଣର ଜେନେରଲଙ୍କ ନିକଟକୁ ଆବେଦନପତ୍ରମାନ ପଠାଯିବ । ଏହି ସବୁ ଆପତ୍ତି ପୁନଃ ପୁନଃ ଉତ୍ଥାପିତ ଏବଂ ଅଗ୍ରାହ୍ୟ ହୋଇଥିବା ସ୍ଥଳେ ପୁଣି ଆନ୍ଦୋଳନ କରିବାର କାରଣ ବୁଝା ଯାଉ ନାହିଁ । ନୂତନ ଯୁକ୍ତି କିଛି ଦେଖାଇଲେ ଭଲ ହୁଅନ୍ତା । ଆଇନ ପାସ ହେଲେ ପରିବାରଭୁକ୍ତ ମୂର୍ଖ ଏବଂ ଅଳସୁଆ ବ୍ୟକ୍ତିମାନଙ୍କର କ୍ଷତି ଯେ ହେବ; ମାତ୍ର ବିଦ୍ୟା ଶିକ୍ଷାପ୍ରତି ଲୋକଙ୍କର ଆଗ୍ରହ ବଢିବା ଛଡା ବ୍ୟାଘାତ ହେବାର କୌଣସି କାରଣ ଜଣାଯାଉ ନାହିଁ । ଏ ସମ୍ବନ୍ଧରେ ଆପତ୍ତି କାରୀଙ୍କର ଯୁକ୍ତି ଏହି କି ଅବିଭକ୍ତ ପରିବାରର ଏକବ୍ୟକ୍ତି ବିଦ୍ୟାଦ୍ୱାରା ଯେଉଁ ଅର୍ଥଲାଭ କରିବ ତହିଁର ଭାଗ ଅନ୍ୟ ଭାଇମାନେ ନ ପାଇଲେ ତାହାର ବିଦ୍ୟାଶିକ୍ଷାର ବ୍ୟୟ ପୈତୃକ ଧନରୁ ନିର୍ବାହ କରିବାକୁ କୁଣ୍ଠିତ ହେବେ; ସୁତରାଂ ଶିକ୍ଷାର ବ୍ୟାଘାତ ହେବ ଏବଂ ପୈତୃକ ଧନ ସାହାଯ୍ୟରେ ଯେଉଁ ବିଦ୍ୟା ଲାଭ ହେବ ତଦ୍ଦ୍ୱାରା ଅର୍ଜିତ ଧନର ଭାଗ ଅନ୍ୟ ଭାଇମାନେ କାହିଁକି ନ ପାଇବେ ? କେବଳ ଧନ ବ୍ୟୟଦ୍ୱାରା ବିଦ୍ୟାଲାଭ ହୋଇ ଥିଲେ ସେ ଆପତ୍ତିର କିଛି ବଳ ହୁଅନ୍ତା; ମାତ୍ର ବିଦ୍ୟା ଓ ଧନ ଅର୍ଜନ ନିଜ ଚେଷ୍ଟା ଉପରେ ବିଶେଷ ପରିମାଣରେ ନିର୍ଭର କରେ ଏବଂ ତହିଁର ସ୍ୱତ୍ୱ ହେବା ସର୍ବଦା ଆବଶ୍ୟକ । ଭାରତର ଅନ୍ୟାନ୍ୟ ସ୍ଥାନରେ ମାନ୍ଦ୍ରାଜର ପ୍ରଥା ପ୍ରଚଳିତ ନାହିଁ; ସୁତରାଂ ମାନ୍ଦ୍ରାଜ ପ୍ରଦେଶ ନିମନ୍ତେ ଆଇନ କରିବା ଉଚିତ ହୋଇଅଛି ।

---

### ଟ୍ରାନ୍ସଭାଲ୍-ଯୁଦ୍ଧ ।

ତା ୨୭ ଇଖ ତାରସମ୍ବାଦ—ଲର୍ଡ଼ ରବର୍ଟ ସମ୍ବାଦ ଦେଇଅଛନ୍ତି ଯେ ସକାଳ [illegible] ସମୟରେ ଯେ ଇଂରେଜକର୍ତ୍ତୃକ କାନାଡାସ୍ଥ ଦ୍ୱିତୀୟସଙ୍ଘ ଓ ଇଞ୍ଜିନିୟରମାନେ, ଗର୍ଡନ ଓ ହାଇଲାଣ୍ଡରଙ୍କ ସାହାଯ୍ୟରେ ସାହସପୂର୍ବକ ଅଗ୍ରସର ହେଲେ ଓ ଶତ୍ରୁଙ୍କ ଖାଦର ୫୦ ଗଜ ଅନ୍ତରରେ ଉପସ୍ଥିତ ହେଲେ । ଏହି ଦୁଃସାହସିକ ଅଗ୍ରସରରେ ସବୁକଥା ମୀମାଂସା ଯାଇଥିଲା; ଅତି ପ୍ରତ୍ୟୁଷରେ ବଶ୍ୟତାସ୍ୱୀକାର କରିବାର ପତ୍ର ଶିବିରରେ ଉପସ୍ଥିତ ହେଲା ଓ ସକାଳ ସାତଘଣ୍ଟା ସମୟରେ କ୍ରନ୍‌ଜି ଶିବିରରେ ଉପସ୍ଥିତ ହେଲେ । କ୍ରନ୍‌ଜି ଘୋଡ଼ାରୁ ଓହ୍ଲାଇ ଲର୍ଡ଼ ରବର୍ଟଙ୍କୁ ସଲାମ କଲେ । ତହୁଁ ଲର୍ଡ଼ ରବର୍ଟ ତାଙ୍କସହିତ ହସ୍ତମର୍ଦ୍ଦନ କରି କହିଲେ ଯେ ତୁମ୍ଭେ ଅତିଉତ୍ତମରୂପେ ସାହସପୂର୍ବକ ଯୁଦ୍ଧ କରିଅଛ । ତହୁଁ ପରକ୍ଷେପରେ କ୍ରନ୍‌ଜି ଲର୍ଡ଼ ରବର୍ଟଙ୍କୁ ପ୍ରାର୍ଥନା କଲେ ଯେ ତାଙ୍କୁ ଯେଉଁଠାକୁ ପଠାଯିବ, ସେଠାକୁ ତାଙ୍କ ସଙ୍ଗରେ ଯେପରି ତାଙ୍କର ସ୍ତ୍ରୀ ପୌତ୍ର, ସେକ୍ରେଟରୀ ଏଡିକଂ ଓ ଚାକରମାନେ ପଠାଯିବେ । ଲର୍ଡ଼ ରବର୍ଟହିଁ ତାଙ୍କ ଇଚ୍ଛା ପୂରଣ କରିବାକୁ ପ୍ରତିଜ୍ଞା କରିଥିଲେ । କ୍ରନ୍‌ଜିଙ୍କୁ କେପ୍‌ଟାଉନକୁ ପଠାଇବାର ବନ୍ଦୋବସ୍ତ ହେଲା । ୪୦୦୦ ବୁର ବନ୍ଦୀ ମଡ୍ଡାର ନଦୀଠାରୁ କେପ୍‌ଟାଉନକୁ ପଠାଯିବେ । ବନ୍ଦୀମାନଙ୍କମଧ୍ୟରୁ ନ ୧୫୦ ଜଣ ଫ୍ରିଷ୍ଟେଟବାସୀ ଓ ଅବଶିଷ୍ଟ ଟ୍ରାନ୍ସଭାଲବାସୀ । ଏମାନଙ୍କମଧ୍ୟରୁ ନ ୪୭ ଜଣ କର୍ମଚାରୀ ଅଛନ୍ତି । ୨୧ ତୋପ ଗୋ ୫ ଟି ପାହ୍ୱିଣ୍ଡର ଓ ଗୋ ୨ ଆ ମାକ୍ସିମ୍ ଅଧିକୃତ ହୋଇଥିଲା ।

ତା ୨୮ ଇଖ ତାରସମ୍ବାଦ—ନାଟାଲ୍‌ଠାରେ ଭାରି ଯୁଦ୍ଧ ଚାଲିଅଛି । ଅନେକଗୁଡିଏ ବୁର ଅସ୍ତ୍ରଶସ୍ତ୍ର ଧରା ହୋଇଥିଲେ । ଜେନେରଲ ବୁଲର ପିଟର୍ସ୍‌ହିଲ୍ ଅଧିକାର କଲେ ଓ ୬୦ ଜଣ ବୁରକୁ ବନ୍ଦୀ କରିଥିଲେ । ଉଭୟପକ୍ଷର ଆଶଙ୍କା ଯେ ଲେଡିସ୍ମିଥ ଉଦ୍ଧାର ହୋଇଅଛି ।

ତା ୧ ଇଖ ତାରସମ୍ବାଦ—ସରକାରୀ ସମ୍ବାଦ ଆସିଅଛି ଯେ ଲର୍ଡ଼ ଡଣ୍ଡୋନାଲ୍ଡ ଗତ ସନ୍ଧ୍ୟାରେ ଲେଡିସ୍ମିଥ ଭିତରକୁ ପ୍ରବେଶ କଲେ । ଜେନେରଲ ବୁଲର ନେଲଥୋର୍ପ୍‌ ଦିଗକୁ ଅଗ୍ରସର ହେଉଅଛନ୍ତି; ଲେଡିସ୍ମିଥ ଉଦ୍ଧାରରେ ସର୍ବତ୍ର ଜୟଘୋଷଣା ହୋଇଥିବା କୋଳାହଳର ସୀମା ରହିଲା ନାହିଁ ।

ତା ୨ ଇଖ ତାରସମ୍ବାଦ—ଜେନେରଲ୍ କାର୍ଟନ ତା ୨୮ ଇଖ ଦିବସ ଆଘାତ ପ୍ରାପ୍ତ ହୋଇଅଛନ୍ତି ।

ଫାଉରେସ୍‌ବର୍ଗ ନିକଟରେ ଅନୁନ୍ୟୂନ ୭୦୦୦ ବୁର ସମବେତ ହୋଇଅଛନ୍ତି । ଲର୍ଡ଼ ମେଥୁଏନ ଓ ଲର୍ଡ଼ ଚର୍ଚ୍ଚଲ କମ୍ବର୍ଲିଠାରେ ପହଞ୍ଚି ପୁନଶ୍ଚ ସେଠାରୁ ଚାଲିଗଲେ । କେମ୍ବ୍ରିଜ ଉତ୍ତରପଶ୍ଚିମ ଦିଗରେ ଏକଦଳ ବୁର ଲୁଟ କରୁଅଛନ୍ତି । ଦକ୍ଷିଣ ଆଫ୍ରିକା ନିମନ୍ତେ ଅତିରିକ୍ତ ୪୮୦୦ ସୈନ୍ୟ ମାର୍ଚ୍ଚ ମାସରେ ଓ ୧୨୮୦୦ ଅପ୍ରେଲ ମାସରେ ପଠାଯିବେ ।

Digitized by srujanika@gmail.com

ତା ୩ ଇଖ ତାରସମ୍ବାଦ । ବୁଅରମାନେ ଲେଡ଼ିସ୍ମିଥରେ ପରାସ୍ତ ହୋଇ ପଳାଇବା ସମୟରେ କେତେକ ଯୁଦ୍ଧଦ୍ରବ୍ୟ ଓ ପଶୁ ଛାଡ଼ି ଯାଇଥିଲେ । ଭୂଇଗୋଡ଼ୀ ତୋପ ଛଡ଼ା ଅନ୍ୟ ସମସ୍ତ ତୋପ ନେବାକୁ ସକ୍ଷମ ହୋଇଥିଲେ । ଲର୍ଡ ଡଣ୍ଡୋନାଲ୍ଡ ଲେଡ଼ିସ୍ମିଥ ମଧ୍ୟରେ ପ୍ରବେଶ ହୋଇ ଦେଖିଲେ ଯେ ଶତ୍ରୁମାନେ ସେମାନଙ୍କର ଲୁକ୍କାଇତ ସ୍ଥାନମାନ ପରିତ୍ୟାଗ କରି ଯାଇଅଛନ୍ତି ଓ କେବଳ କେତେକ ଗୋଳ ଗୁଲି ପଡ଼ି ରହିଥିବାର ଦେଖିଲେ ।

ଜେନେରଲ୍ କ୍ରନ୍ଜି ସିମନ୍ସ ଟାଉନଠାରେ ପହଞ୍ଚି ଅଛନ୍ତି । ଲର୍ଡ ରବର୍ଟସ୍ ଅସଫଣ୍ଟେନଠାରୁ ଲେଖି ଅଛନ୍ତି ଯେ ସେ କମ୍ପ ଦେଖି ବର୍ତ୍ତମାନ ଫେରି ଆସି ଅଛନ୍ତି । ଶୀତଳ ଓ ଆହତ ବ୍ୟକ୍ତିମାନଙ୍କର ଚିକିତ୍ସା ବ୍ୟବସ୍ଥା ଅତି ଉତ୍ତମ । ବୁଅର ଓ ଷ୍ଟିନ୍ ସଭାରେ ସନ୍ଧି ବିଷୟରେ କଥାବାର୍ତ୍ତା କରୁଅଛନ୍ତି । ବୁଅରମାନେ ବର୍ତ୍ତମାନ ଫ୍ରିଷ୍ଟେଟରେ ଅବସ୍ଥାନ କରୁ ଅଛନ୍ତି ।

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ଜୈନଦ୍ଦୀନ ବାହାଦୁରଙ୍କ ଦ୍ୱିତୀୟର ସବଜଜ୍ ପଦଉନ୍ନତି ହେଲ ।

ବର୍ତ୍ତମାନର ସେସନ୍ସ ଜଜ୍ ମିଃ ବି, ଏଲ, ଗୁପ୍ତ ମାନ୍ଦ୍ରାଜ ... ଅଫିସରଙ୍କ ... ଜଜ୍ ପଦରେ ମଧ୍ୟ ନିଯୁକ୍ତ ହେଲେ ।

ବାଲେଶ୍ୱର ଓ ପୁରୀ ଜିଲ୍ଲାର ୨ ମାସର ଲିଖିତ ପରୀକ୍ଷା ତାହାର ନମ୍ବରରୁ ୧୮୭୭ ସାଲ ଆଇନ ଅ ୭ ଧାରାର ଧା ୧୦ ଅନୁସାରେ ରେଜେଷ୍ଟରୀ କରାଯିବ ନାହିଁ । ଏହି ଆଦେଶ ମାର୍ଚ୍ଚ ମାସ ତା ୭ ଦିନଠାରୁ ପ୍ରଚଳିତ ହେଲ ।

ବର୍ତ୍ତମାନରୁ କଟକରେ ସ୍ଥାନାପନ୍ନ ହୋଇଥିବା ଡେପୁଟି ମାଜିଷ୍ଟ୍ରେଟ ବାବୁ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ୬ଷ୍ଠ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ରଘୁ ସାହେବ ... ମିତ୍ର ଅସ୍ଥାୟୀ ଯାଜପୁର ... ଡେପୁଟି ... ନିଯୁକ୍ତ ହେଲେ ।

ବାବୁ ... ଏମ୍, ଏ, ... ଅସ୍ଥାୟୀ ଭାବରେ କଟକ ଟ୍ରେନିଂସ୍କୁଲ ଅଧ୍ୟକ୍ଷ ... କାର୍ଯ୍ୟ କରୁଥିବେ ଓ ୭ମ ଶ୍ରେଣୀରେ ରହିବେ ।

ଓଡ଼ିଶା ଡିଭିଜନର କମିଶନର ବାବୁ ... ଜମିଦାରମାନଙ୍କୁ ... ବୋର୍ଡରେ ... ବୋର୍ଡ଼ ... ସମସ୍ତ ... ପ୍ରମାଣ ... ଦାର୍ଶନିକ ... ମୋକଦ୍ଦମା ... ସମସ୍ତ ... ହେଉଅଛନ୍ତି ।

ଏ ... ଏ ସପ୍ତାହରେ ... ।

... ଅବସ୍ଥା ... ଦେଖ ... ବର୍ଷ୍ଣା ... ଅଛି ।

ଏ ସପ୍ତାହରେ ବଙ୍ଗଳା ସର୍ବତ୍ର ... କ୍ରମଶଃ ବୃଦ୍ଧି ହେଉଅଛି, ମାତ୍ର ଗତ ବୁଧବାର ଠାରୁ ଏକାଥରକେ ... ହୋଇଥିବାରୁ ପୁଣି ଶୀତଳ ହୋଇଅଛି ।

ପୁରୀ ଓ ଟିଟିଲାଗଡ଼ ... ବର୍ଷା ହୋଇ ଅଛି । ଅନ୍ୟ କୌଣସି ସ୍ଥାନରେ ପ୍ରାଦୁର୍ଭାବ ନାହିଁ ।

ଗତ ଶନିବାର ... ବେଳେ ଜଣେ ବ୍ରାହ୍ମଣ ... ସମୟରେ ... ଶୁଣାଯାଏ ।

ଏଠାର ପ୍ରଧାନ ... ଶୋଭାଯାତ୍ରା ... ଧାମରେ ... ସମ୍ବରଣ କରୁଅଛନ୍ତି ।

... ମୋକଦ୍ଦମା ... ।

ଭୁବନେଶ୍ୱର ଓ ... ଗ୍ରାମମାନଙ୍କରେ ... ଏବଂ ଏହି ... ଅନେକ ଲୋକ ମରୁ ଅଛନ୍ତି ।

... ଓ ... ପ୍ରଭୃତି ଗ୍ରାମମାନଙ୍କରେ ... ସଂଖ୍ୟା ... ପଡ଼ୁଅଛି ।

ବାଲେଶ୍ୱରର ... ସାହେବ ... କାର୍ଯ୍ୟଭାର ଗ୍ରହଣ କରିବାକୁ ... ସାହେବ ... ହୋଇ ଗଲେ । ... ବାଲେଶ୍ୱରର ... ମାଜିଷ୍ଟ୍ରେଟ ଓ ... ଅଥବା ... ମଧ୍ୟରୁ କେହି ଉପସ୍ଥିତ ଥିଲେ । ଏଥିର କାରଣ କଣ ?

ବାଲେଶ୍ୱର ... ଜଣେ ... ଟଙ୍କାର ଏକ ... ପଠାଇବା ... ଦଣ୍ଡ ... ହୋଇଅଛି ।

... ଓ ... ଏହି ସପ୍ତାହରେ ଜ୍ୱର ବୃଦ୍ଧି ହୋଇଅଛି ।

... ମହଙ୍ଗ ହୋଇଅଛି ... ଟଙ୍କା ... ।

... ବର୍ଷା ... ସମର୍ଥ ହୋଇ ନାହିଁ ।

... ଏ ସପ୍ତାହରେ ପୁଣି ... ୧୫ ୮ ରେ ... ।

ଶୁଣାଯାଏ ... ମାର୍ଚ୍ଚ ତା ୨୮ ... ଚୈତ୍ର ... ଯାତ୍ରା ଆରମ୍ଭ ହେବ ।

... ସପ୍ତାହରେ ... ଆରମ୍ଭ ହେଉଅଛି । ... କାରଣ ... ।

... ଦ୍ୱାରା ... ।

... ବ୍ୟବସ୍ଥା ... ନାହିଁ ।

ବର୍ତ୍ତମାନ ... ପରେ ... ।

ଦକ୍ଷିଣ ଆଫ୍ରିକା ଯୁଦ୍ଧରେ ... ହୋଇଥିବା ... ମୂଲ୍ୟ ... ଟଙ୍କା ଅଟେ ।

ଓଡ଼ିଶାକୁ ... ସମୟରେ ... ବର୍ତ୍ତମାନ ... ଗଣନା ... କରୁଅଛନ୍ତି ।

... ଏବଂ ... ବର୍ଷ ... ଟଙ୍କା ... ହେବାର ଅନୁମାନ ହୁଏ ।

... ସେମାନଙ୍କର ... ମୃତ୍ୟୁ ସମୟରେ ... ୧୫୦୦ ପାଉଣ୍ଡ ଏବଂ ... ୫୦ ପାଉଣ୍ଡ ଓ ... ମୃତ୍ୟୁ ... ଏ କଥା ... ଧାରଣା ନାହିଁ ।

... ଟଙ୍କା ... ।

୨୨୦ ଜଣ ... ସହିତ ... ।

... ୧୫୦୦ ... ଉପରେ ... ।

## ମଞ୍ଜୁଷା ସମ୍ବାଦ ।

... ୧୨୦୦୦ ଟଙ୍କା ... ବ୍ରାହ୍ମଣ ... ତା ୧୫ ଠାରୁ ୧୦୦ ପର୍ଯ୍ୟନ୍ତ ... ନାହିଁ ।

... ।

ଗତ ସପ୍ତାହରେ ଏଠାରେ ଜ୍ୱର ବୃଦ୍ଧି ହୋଇ ଯାଇଅଛି । ... ଜ୍ୱର ଦେଖା ଯାଉଅଛି । ... ସ୍ୱାସ୍ଥ୍ୟ ... ।

Split by PDF Splitter
Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ—

ମହାଶୟ !

ସର୍ବସାଧାରଣଙ୍କ ସ୍ମରଣାର୍ଥେ ଜଣାଉଅଛୁଁ ଯେ ଅମ୍ଭର ଏହି ଔଷଧାଳୟ ଏଛି ସ୍ଥାନରେ ବହୁ କାଳରୁ ସ୍ଥାପିତ ହୋଇଅଛି ଏବଂ ଲବ୍ଧାନୁଭବ- ଦେଶକାଳପାତ୍ରର ଅବସ୍ଥା ଦୃଷ୍ଟିରେ ଶାସ୍ତ୍ରର ପ୍ରକୃତ ମର୍ମ ଉଦ୍‌ଘାଟନ କରି ଶାସ୍ତ୍ରୀୟ ଔଷଧ, ତୈଳ, ଅରିଷ୍ଟ, ଏବଂ ଆସବାଦି ପ୍ରସ୍ତୁତ ହୋଇ- ଥିବାରୁ ଏସବୁ ସାକ୍ଷାତଫଳପ୍ରଦ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ ।

ଆୟୁର୍ବେଦ ଶାସ୍ତ୍ରରେ ଅମୃତ ଯେପରି ଅଥ ଭାବ ଓ କଳ୍ପବର୍ତ୍ତିକା ଯାହା ପ୍ରାୟ ସାଧାରଣଙ୍କ ବିଦିତ ଅଛି । ପ୍ରଥମେ ଓଡ଼ିଶାରେ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ଯତ୍ନରେ ଅମୃତ ଏକମାତ୍ର ସୁଲଭ ଔଷଧାଳୟ ଥିବାରୁ ସମସ୍ତ ଶ୍ରେଣୀର ଲୋକମାନଙ୍କର ବିଶେଷ ସୁବିଧା ହୋଇ ଅଛି ।

ପରିଶେଷରେ ଅମ୍ଭର ବକ୍ତବ୍ୟ ଏହି ଯେ ବର୍ତ୍ତମାନ ସର୍ବସାଧାରଣଙ୍କ ଚିତ୍ତାକର୍ଷଣ କରିବା ପାଇଁ କଟକସ୍ଥ ଶ୍ରୀବୈକୁଣ୍ଠ ମିଶ୍ର ତାଙ୍କର ନୂତନ ସ୍ଥାପିତ ଔଷଧାଳୟର ସମ୍ମାନ ଓ ଶ୍ରୀ ବୃଦ୍ଧି କରିବା ମାନସରେ କଟକ ପ୍ରିଣ୍ଟିଂକମ୍ପାନିଙ୍କ ପତ୍ରିକାସ୍ଥ ବିଜ୍ଞାପନର ନିମ୍ନ ଭାଗରେ କଟକ ପ୍ରିଣ୍ଟିଂକମ୍ପାନିର ସମ୍ପାଦକ ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟ ମହୋଦୟଙ୍କ ଗୌରବାନ୍ୱିତ ନାମ ଉଲ୍ଲେଖ କରି ଅଛନ୍ତି ଅର୍ଥାତ୍ କବିରାଜ ଶ୍ରୀ ବୈକୁଣ୍ଠ ମିଶ୍ର, କେ- ୟାର ଅଫ୍, ବାବୁ ଶ୍ରୀ ଗୌରୀଶଙ୍କର ରାୟ ସେକ୍ରେ- ଟରୀ, ପ୍ରିଣ୍ଟିଂକମ୍ପାନି କଟକ । ଏହିପରି ସ୍ଥଳରେ ଶ୍ରୀ ବାବୁ ମହୋଦୟଙ୍କ ନାମ ଯୋଗ କରି ଅଛନ୍ତି, ବାସ୍ତବରେ ଶ୍ରୀ ବାବୁ ମହୋଦୟଙ୍କର ଏହି ନବ- ସ୍ଥାପିତ ଔଷଧାଳୟରେ କୌଣସି ସମ୍ପର୍କ ନାହିଁ । ଏହା ସର୍ବ ସାଧାରଣଙ୍କ ଗୋଚରାର୍ଥେ ନିବେଦନ କଲୁଁ ।

୬।୩।୧୯୦୦
ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ
ବଉଁସାବଜାର,
କଟକ

ଶ୍ରୀ ଫକୀର ତ୍ରିପାଠୀ
କବିରାଜ

---

## ପର୍ଯ୍ୟଟକଙ୍କ ୬ଷ୍ଠ ପତ୍ର ।

ଅପରାହ୍ନରେ ଅମ୍ଭେମାନେ ଷଢ଼ପୁର ପଥରେ ଯାଇ ରୈଧିସୁସାର କାଟେ କେନେଳ ଉଦ୍ଧର୍ଯ୍ୟ- କ୍ତିଙ୍କ ଗୃହ ପରିଦର୍ଶନ ଓ ମେଷ୍ଟାଲାପ କରି ସମ- ତନ୍ତ୍ର ଟୋଲରେ ଉପସ୍ଥିତ ହେଲୁଁ । ମୟୂରଭଞ୍ଜର ମହାରାଜ ବାର୍ଷିକ ୫ ୧୬୦୦ ଙ୍କା ବ୍ୟୟ କରି ଏହି ବିଦ୍ୟାଳୟ ଚଳାଉ ଅଛନ୍ତି । ବର୍ତ୍ତମାନ ବଡ଼ାଘରେ ଏହାର କାର୍ଯ୍ୟ ଚଳୁଅଛି । ସମ୍ପ୍ରତି ମଧ୍ୟ ଗୋଟିଏ ପକ୍କାଗୃହ ହେବ । ବିଦ୍ୟାଳୟର ପ୍ରଧାନ ପଣ୍ଡିତ ମୈଷ୍ଟଗ୍ରାଷୀ ଓ ସଦାଚାରୀ, ସେ ବିଦ୍ୟାଳୟର ନାନା- କଥା ଅବଗତ କରାଇ ଅମ୍ଭମାନଙ୍କ ସହିତ ନଗର ଭ୍ରମଣରେ ବହିର୍ଗତ ହେଲେ । କ୍ରମେ ୨ ସ୍ୱଳ୍ପ- ମାର୍ଗରେ କେତେକ ପଥ ଅତିକ୍ରମ କଲା ଉତ୍ତାରୁ ମ୍ୟୁନିସିପାଲିଟିର କାର୍ଯ୍ୟାଳୟ ଦୃଷ୍ଟିଗୋଚର ହେଲା । ଉଜ୍ଜାଗାଡ଼ିର ପ୍ରଚଳନ ବାଲେଶ୍ୱରରେ ଅଧିକ ହୋଇନାହିଁ । ଅମ୍ଭେମାନେ ଗାଡ଼ିର ଆକାଙ୍କ୍ଷା ପରିତ୍ୟାଗ କରି କ୍ରମଶଃ ବୃନ୍ଦାବନଙ୍କ ନଷ୍ଟକୂଳରେ ପଢମିଟସାଟରେ ଉପସ୍ଥିତ ହେଲୁଁ । ଏଠାରେ ବଣିକଙ୍କର ବଡ଼ ୨ ଗୋଦାମମାନ କେବଳ ତାଲ ପତ ବନ୍ଦ ଅଛି । ନଗରଦ୍ୱାରେ ଅନେକ ବୋଟ ଗ୍ରୀପମାନ । ଏସ୍ଥାନର ରମଣୀୟତା ଦର୍ଶନ କରି ଅମ୍ଭେମାନେ ଅତ୍ୟନ୍ତ ପ୍ରୀତ ହେଲୁଁ । ରେଲ୍‌ଗାଡ଼ିଯୋଗେ ଏଠାର ବ୍ୟବସାୟ ବାଣିଜ୍ୟ ଅନେକ ପରିମାଣରେ ମନ୍ଦୀଭୂତ ହୋଇଅଛି । ଏହିସ୍ଥାନଠାରୁ ପୁରୁଣାବାଲେଶ୍ୱର ଓ ଫ୍ରାସିଡଙ୍ଗା ଦୁଇମାଇଲ ଅନ୍ତର । ପୁରୁଣାବାଲେଶ୍ୱରକୁ କେହି କେହି ବାଣେଶ୍ୱର କହନ୍ତି । ଏଠାରେ ବାଣେ- ଶ୍ୱରଙ୍କ ମନ୍ଦିର ବିଦ୍ୟମାନ ଅଛି । ଏଠାରୁ କ୍ରମେ କ୍ରମେ ନଷ୍ଟକୂଳକାଟେ ଅଗ୍ରସର ହେଲୁଁ । ପଥରେ କୋମ୍ପାନିର ଏକ ବଣିକ ଷ୍ଟୁଡ଼ିଲ ନଥିହର ଦଳ ବସାଇ ଅଛନ୍ତି । ତାହାଙ୍କର ଜଣେ କର୍ମଚାରୀ କହିଲେ ଏହିକାଳରେ ମ ୬୦୦ ଦଣ ଧାନ କନାଇ ଷ୍ଟୁଡ଼ିଲ ହୋଇପାରେ । କ୍ରମେ ନଠାକ ଗୋଦାମମାନ ଦେଖି ବାଲିଘାଟରେ ଉପସ୍ଥିତ ହେଲୁଁ । ବାଲିଘାଟ ଗୋଟିଏ ସୁନ୍ଦର ସ୍ଥାନ । ଶ୍ୱେତ- ମଲମଲ ପଥରରେ ଏହିଘାଟନିର୍ମାତାଙ୍କର ନାମ ଖୋଦିତ ଅଛି । ଏହିସ୍ଥାନରୁ ଫେରିଆସି ବାର ବାଟି ନାମକ ସ୍ଥାନରେ ମଣ୍ଡଳବାବୁଙ୍କ ବଡ଼ ୨ ଦେଉଠାକୁରମାନ ଏବଂ ଭଗବାନବାବୁଙ୍କ କ୍ଷେତ୍ର- ଭୂବନ ଦୃଷ୍ଟିଗୋଚର କଲୁ । ଏହିସ୍ଥାନରେ କତୁ କଲ୍‌କତାର ଢଙ୍ଗ ପ୍ରାସାଦମାନ ହେଲା । ଏଥି ନିକ- ଟରେ ଏକ ସୁସ୍ଥଜନ ଦରବରଶାଳା ଏବଂ ଅତି ସୁରମ୍ୟ ଶ୍ୟାମସୁନ୍ଦରଜିଉଙ୍କ ମନ୍ଦିର ବିଦ୍ୟମାନ ଅଛି । ଏହିପରି ନାନା ଦୃଶ୍ୟମାନ ଦେଖି ଅମ୍ଭେ ମାନେ ମୋତିଗଞ୍ଜ ବଜାର ବାଟରେ ପ୍ରତ୍ୟାବୃତ୍ତ ହେଲୁ । ପରଦିନ ପ୍ରଭାତରେ ସୁନ୍ଦର ଅଞ୍ଚଳକୁ ଭ୍ରମଣାର୍ଥେ ବହିର୍ଗତ ହେଲୁ । ଏଠାରେ ସୁପ୍ରସିଦ୍ଧ ଜମିଦାର ସଜନାରାୟଣ ବାବୁଙ୍କ ଗୃହ ଅବସ୍ଥିତ । ସଜନାରାୟଣ ବାବୁ ସୁଭୁଷ୍ଟ ଉଚ୍ଚଧାତରଣ ବାବୁ ଜଣେ ଉଦ୍‌ଯୋଗୀ ପୁରୁଷ । ଏହାଙ୍କ ଯତ୍ନରେ ନଗରର ସ୍ୱଳ୍ପପଥମାନ ସର୍ବଦା ପରିଷ୍କୃତ ରହୁଅଛି । ଜମିଦାରଙ୍କ ଉଦ୍ୟାନ ମଧ୍ୟରେ ଗୋଟିଏ ତ୍ରିତଳ ହର୍ମ୍ୟ ଦର୍ଶନ କରି ଆୟୁନ ମନ ପରିତୃପ୍ତ ହେଲା । ଏହି ସମ୍ଭ୍ରାନ୍ତ ଜମିଦାର ବଂଶ ସର୍ବଦା ଅତିଥି ସେବାରେ ନିଯୁକ୍ତ । ବହୁକାଳରୁ ଏହାଙ୍କ ଦ୍ୱାରରେ ଗୋଟିଏ ସଦାବ୍ରତ ପ୍ରତିଷ୍ଠିତ ଅଛି । ଅମ୍ଭମାନଙ୍କ ଅନୁରୋଧ ମତେ ଅତିଥି ଶାଳାକୁ ଅଧିକ ପରିଷ୍କାର ରଖିବା ପାଇଁ କେହି କେହି କର୍ମଚାରୀ ଅଭିପ୍ରାୟ ପ୍ରକାଶ କଲେ । ସୁନ୍ନ ହଟ୍ଟରେ ଅନେକ ମର୍ଯ୍ୟାଦାପନ୍ନ ବଣିକଙ୍କର ବାସ; ସେମାନଙ୍କ ସୁଗଠିତ ଗୃହାବଳୀ ଏବଂ ସୁରମ୍ୟ ଉଦ୍ୟାନ, ପରିଷ୍କୃତ ପୁଷ୍କରିଣୀମାନ ଦେଖି ଓ ସେମାନଙ୍କ ସଦାଳାପରେ ଆପ୍ୟାୟିତ ହୋଇ ପ୍ରତ୍ୟାବର୍ତ୍ତନ କଲୁଁ । ଅପରାହ୍ନରେ ବା- ଲେଶ୍ୱରରୁ ରେମୁଣା ଅଭିମୁଖେ ଯାତ୍ରା କଲୁଁ । ରେମୁଣାରେ କେତେକ ବ୍ରାହ୍ମଣ ଶାସନ ଓ ଢାଉଗରଙ୍କ ବାସ ଏବଂ କ୍ଷୀରଚୋରା ଗୋପୀ- ନାଥଙ୍କ ମନ୍ଦିର ଅତି ପ୍ରସିଦ୍ଧ । ପର ଦିବସ ରେ- ମୁଣାରୁ ବାଲେଶ୍ୱର ଆସି ରେଲଗାଡ଼ି ଆରୋହଣ କଲୁଁ । କ୍ରମେ ବାରିପଦା ଓ ମୟୂରଭଞ୍ଜ ଷ୍ଟେସନ ଅତିକ୍ରମ କରି ଗାଡ଼ି ଦ୍ରୁତ ବେଗରେ ଯାଉମାନ ହୋଇ ସୂର୍ଯ୍ୟାସ୍ତ ସମୟରେ ସୁବର୍ଣ୍ଣରେଖା ସେତୁ ଉପରେ ଘୋର ଗର୍ଜ୍ଜନ କରି ଗ୍ରସଙ୍କ ସ୍ମୃ ଆରୋହୀମାନେ ଦୂର ବୋଲି କେତେ । ଅମ୍ଭେ-

Split by PDF Splitter 78



ମାନେ ଅନନ୍ତ ଭରସେ ସୂର୍ଯ୍ୟ କିରଣ ଜନିତ ସୁବର୍ଣ୍ଣରେଖାର ସ୍ୱର୍ଣ୍ଣମୟ ଜଳ ପରିଦର୍ଶନ କରି ଗଲୁଁ;— ହେ ସୁବର୍ଣ୍ଣରେଖେ ! ଇଂରାଜଙ୍କ କୃପାରୁ ଆଜି ତୁମ୍ଭର ବକ୍ଷଃସ୍ଥଳରେ ବିରାଜମାନ ହୋଇ ତୁମ୍ଭର ମେହମୟୀ ମୂର୍ତ୍ତି ଦେଖିବାକୁ ଆମ୍ଭେମାନେ ସକ୍ଷମ ହେଲୁଁ । କ୍ରମେ କ୍ରମେ ଗାଡ଼ି ଜଲେଶ୍ୱର ଷ୍ଟେସନରେ ଉପସ୍ଥିତ ହେଲା । ଆମ୍ଭେମାନେ ଗାଡ଼ିରୁ ଅବତରଣ କରି ଜଲେଶ୍ୱର ବଜାର ପରିଦର୍ଶନ କଲୁଁ ।

କ୍ରମଶଃ

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀବାବୁ ଧର୍ମିନନ୍ଦ ପଟ୍ଟନାୟକ | କଟକ | ଟ ୧ ( |
| „ ମହନ୍ତି [illegible] | „ | ଟ ୧ |
| „ ମଙ୍ଗରାଜ | [illegible] | ଟ ୧ |
| „ ବିଶ୍ୱନାଥ ଦାସ | କଟକ | ଟ ୧ |
| „ ମନ୍ମଥ ଲାଲ [illegible] | „ | ଟ ୧ |
| „ ରଘୁନାଥ ବେହେରା | [illegible] | ଟ ୩ |
| „ ଗୁରୁପ୍ରସାଦ ଦାସ | [illegible] | ଟ ୩ |
| „ ଦାମୋଦର [illegible] | [illegible] | ଟ ୨ |

## ବିଜ୍ଞାପନ ।

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦର, ଜଗତସିଂହପୁର, ତିର୍ତ୍ତୋଲ, ସାଲେପୁର ଓ ବାଙ୍କୀ ଥାନା ମଧ୍ୟସ୍ଥିତ ସମସ୍ତ କାଞ୍ଜି ହାଉସ (ପାଉଣ୍ଡ) ସନ ୧୯୦୦ ମସିହା ମାର୍ଚ୍ଚ ମାସ ତା ୨୦ ତାରିଖଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ଇଖ ପର୍ଯ୍ୟନ୍ତ ୧୧ ମାସ ୧୦ଦିନ ନିମନ୍ତେ ସନ ୧୯୦୦ ମସିହା ମାର୍ଚ୍ଚ ମାସ ତା ୨୦ ଇଖ । ମୁ । ସନ ୧୩୦୭ ସାଲ ଚୈତ୍ର ମାସ ୭ ୮ ଦିବସ ଦିବା ଘ ୧୨ ଘା ସମୟରେ କଟକ ସଦର ଲୋକାଲବୋର୍ଡ ଅଫିସରେ ଶ୍ରୀଯୁତ ଶ୍ରୀ ଚେୟାରମେନ ବାହାଦୁରଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଇଜରା ବନ୍ଦୋବସ୍ତ କରାଯିବ । ଅତଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକ ନିଲାମରେ ଇଜରା ନେବାକୁ ଇଚ୍ଛା କରନ୍ତି, ସେମାନେ ଉପରଲିଖିତ ନିରୂପିତ ତାରିଖରେ ନିଲାମ ସ୍ଥାନରେ ଉପସ୍ଥିତ ହୋଇ ଡାକ ନିଲାମରେ ଇଜରା ନେଇ ପାରିବେ । ଯାହାଙ୍କର ଡାକ ସର୍ବାପେକ୍ଷା ଉଚ୍ଚ ଦର ହେବ ଓ କୌଣସି ଆପତ୍ତି ନ ଥିଲେ ତାଙ୍କ ନାମରେ ନିଲାମ ସ୍ଥିର କରାଯିବ ଓ ନିଲାମ ଗ୍ରହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ଶେଷ ହେଲାକ୍ଷଣି ନିମ୍ନ ଇଜରାମନର ସ୍ଥିର ଚତୁର୍ଥାଂଶ ଟଙ୍କା ଜାମିନିସ୍ୱରୂପ ଅବିଳମ୍ବେ ଦାଖଲ କରିବେ ଓ ବାକି ଇଜରାମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ । ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ମାଲି ନିଲାମ କରାଯିବ ଓ ପ୍ରତ୍ୟେକ କ୍ୱାଟରର ଖଞ୍ଜଣା ସେହି କ୍ୱାଟରର ପ୍ରଥମ ତାରିଖରେ ଅଗାମୀ ଦେବାକୁ ହେବ; ନ ଦେଲେ ତହିଁର ଯେ କ୍ଷତି ହେବ, ତାହା ଇଜାରାଦାରଙ୍କୁ ଦେବାକୁ ହେବ । ନିଲାମ ସ୍ଥିର ହେଲାରୁ ଗ୍ରହୀତା ନିଯୁକ୍ତ ଷ୍ଟାମ୍ପ କାଗଜରେ ବୋର୍ଡ଼ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଇଜାମତେ କବୁଲିୟତ ଲେଖିଦେଇ ରେଜିଷ୍ଟ୍ରୀ କରି ଦେବେ । ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକାଲବୋର୍ଡ ଅଫିସରେ ହାଜର ହୋଇ ବୁଝି ପାରିବେ ।

ପ୍ରକାଶ ଥାଉ କି କାଞ୍ଜି ହାଉସମାନ କେବଳ ଭଦ୍ର ଓ ସଙ୍ଗତିପନ୍ନ ଲୋକମାନେ ନିଲାମ ଡାକ ପାରିବେ; ତଦନ୍ତରେ ଯଦ୍ୟପି ନିଲାମ ଖରିଦଦାର ସେପରି ବ୍ୟକ୍ତି ଥିବାର ପ୍ରମାଣ ନ ହେବ, ତାହା ହେଲେ ତତ୍କ୍ଷଣାତ୍ ତାହାର ଉପା-ଜନ ଜବତ କରା ହେବ ଓ ଉପଯୁକ୍ତ ସମୟ ମଧ୍ୟରେ ପାଉଣ୍ଡ ଅନ୍ୟ ଭଦ୍ର ସଙ୍ଗତିପନ୍ନ ଲୋକଙ୍କୁ ଖାସ କରି ଦିଆଯିବ ।

ଥାନା କଟକ

୧ । ବଡ଼ବାଟୀ ୨ । ତେଲଙ୍ଗାପେଣ୍ଠ

୩ । ବାରଙ୍ଗ ୪ ପାଥପୁର

ଥାନା ବାଙ୍କୀ

୧ । ଚଢ଼କା ୨ । ତୁଳସୀପୁର

୩ । ବେହେରେଇ

ଥାନା ସାଲେପୁର

୧ । କୃଷ୍ଣନାଥପୁର ୨ । ଗୌଦା

୩ । ଖଣ୍ଡୋଲ

ଥାନା ଜଗତସିଂହପୁର

୧ । ବାଲିଆ ୨ । [illegible]

୩ । କସବା ୪ । ଝିଉଲି

୫ । କାଥଲ ୬ । କଳଦପୁର

୭ । ଉଶକାଥପୁର

ଥାନା ତିର୍ତ୍ତୋଲ

୧ । ଝଙ୍କଡ଼ ଜୟପୁର ୨ । ନୂଆପାଟଣା

୩ । ପଙ୍କପାଳ

M. Das
Vic chairman

## ବିଜ୍ଞାପନ ।

ବଡ଼ାମ୍ବା ଷ୍ଟେଟ ସରକାରେ କଟକ ଓ [illegible] ୨୧୦୦୦ ଭରଣ ଧାନ ଖରିଦ ହେବାର ଆ[illegible] ଥିବାରୁ ଏତଦ୍ୱାରା ଧାନ ମହାଜନ ଓ କନ୍ଟ୍ରାକ୍ଟରମାନଙ୍କୁ ଜଣାଇ ଦିଆଯାଉଅଛି ଯେ ସେମାନେ ଉପରୋକ୍ତ ଧାନ କି ଦରରେ କଣ୍ଡା ଘାଟ ଜମ୍ବା [illegible] ଷ୍ଟେଟ ଅନ୍ତର୍ଗତ ଜେନାଣିଆ ଘାଟରେ ଦେଇପାରିବେ । ତହିଁର ଅବେଦନ ଚଳିତମାସ ତା ୧୫ ଇଖ ମଧ୍ୟରେ ନିମ୍ନ ଠିକଣାକୁ ପଠାଇବେ ।

କଚେରି ମାନେଜର । ବ । ବଡ଼ାମ୍ବା ୨।୩।୧୯୦୦ } M. M. PATNAIK. ମାନେଜର । ବ । ବଡ଼ାମ୍ବା

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସନ ୧୯୦୦-୧୯୦୧ ମସିହା ବର୍ଷ ନିମନ୍ତେ ପାଲଲହଡ଼ା ରାଜ୍ୟସ୍ଥ ଅଫିମ, ଗଞ୍ଜା, ଗଞ୍ଜେଇ, ଓ ଦେଶୀ ସୁରା ଦୋକାନମାନଙ୍କର ଓ ଝଡ଼ଉଡ଼ା, ବାହାଡ଼ା, ବୋଉଲା, ମହୁ ଓ ମହମ ଇତ୍ୟାଦି ଜଙ୍ଗଲଜାତ ଦ୍ରବ୍ୟର ଓ ଜମିଦା ଓ ଧୂଆଁ ପ୍ରଭୃତିର ଜମା ଚଳିତ ମାର୍ଚ୍ଚ ମାସ ତା ୩୦ ଇଖ ଶୁକ୍ରବାର ଦିନ ଦିବା ଘ ୧୧ ଘା ସମୟରେ ପ୍ରକାଶ୍ୟ ନିଲାମଦ୍ୱାରା ରାଜଗଡ଼ ମୁକାମ ସଦର କଚେରିରେ ସ୍ଥିର କରାଯିବ । ଯେଉଁମାନଙ୍କର ନିଲାମ ଧରିବାକୁ ଇଚ୍ଛା ଥିବ ସେମାନେ ଷ୍ଟେଟ ତାରିଖରେ ଉପସ୍ଥିତ ହୋଇ ସର୍ବୋଚ୍ଚ ଡାକରେ ନିଲାମ ଡାକିଲେ [illegible] ପାଇପାରିବେ । ଇତି ।

Manager's office, Pal Lahara, } B, Biswal
Dated the 2nd March 190C. } Manager.

ଏ ରାଜ୍ୟ ନିମ୍ନୋକ୍ତ ଅବକାରୀ ଦୋକାନ ଓ ଘାଟ ସନ ୧୯୦୦।୧୯୦୧ ମସିହା ଏକବର୍ଷ ସକାଶ ନୀଳଗିରି । ମୁ । ରାଜକଚେରୀରେ [illegible] ମାସ ତା ୨୬ ଇଖ । ମୁ । ଓଡ଼ିଆ ଚୈତ୍ର [illegible] ସୋମବାର ଦିବା ଘ ୧୦ ଘା ସମୟରେ ପ୍ରକାଶ୍ୟ ଭାବେ ନିଲାମ କରାଯିବ । ଇଚ୍ଛୁକମାନେ ଯଥାସମୟରେ ଉପସ୍ଥିତ ହୋଇ ନିଲାମ ଡାକିବେ ।

୧ ଅଫିମ ଦୋକାନ

୨ ଗଞ୍ଜେଇ ଦୋକାନ

୩ ଦେଶୀ ସୁରା ଦୋକାନ

୪ ତାଡ଼ି ଦୋକାନ

୫ ମହାନଦୀ ଖେୟାଘାଟ ଓ [illegible]ପୁର ଘାଟ ।

ଷ୍ଟେଟ ଅଫିସ ନୀଳଗିରି ତା ୨ ଇଖ ମାର୍ଚ୍ଚ ସନ ୧୯୦୦ ମସିହା } Gunanidhi [illegible] State officer.

Digitized by srujanika@gmail.com

Split by PDF Splitter



# NOTICE.

Wanted a Nazir for the office of the manager of Baramba on a salary of Rs 15 per month.

Applicants to state whether they know English and are familiar with office works and whether they are willing to furnish security to the extent of Rs 200 (Two Hundred). Past service and good reference are necessary.

Applications with copies of testimonials to be received by the undersigned up to the 30th March, 1900.

MANAGER'S OFFICE, BARAMBA } M. M. PATNAIK,
The 3rd March, 1900 } *Manager*

ସନ ୧୯୦୦।୧୯୦୧ ସାଲ ନିମନ୍ତେ ଦଶପଲ୍ଲା ଜିଲାର ଗଞ୍ଜେଇ, ଅଫିମ, ସଫ୍ରୀପ ଓ ତମଖୁ ପ୍ରଭୃତି ଦୋକାନ ମାର୍ଚ୍ଚ ମାସ ତା ୨୫ ଇଖରେ ଦଶପଲ୍ଲା ଗଡ଼ କଚେରୀରେ ନିଲାମ ହେବ । ଯେଉଁମାନେ ପଟ୍ଟା ନେବାକୁ ଇଚ୍ଛା କରନ୍ତି, ଉକ୍ତ ତାରିଖରେ କଚେରୀରେ ଉପସ୍ଥିତ ହେବେ ।

28-2-1900 } Ganeshwar Pattanayak
Dashapala } *Dewan* of Dashapala

## NEW YORK LIFE INSURANCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H, J, BELL,
*Agent*,
*Cuttack*.

## ନୋଟିସ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆସନ୍ତା ଶୁକ୍ରବାର ଦିନଠାରୁ ... ଡିଷ୍ଟ୍ରିକ୍ଟ ଏଣ୍ଡାଉମେଣ୍ଟ କମିଟୀର ସଭା ପ୍ରତି ଶୁକ୍ରବାର ଦିନ ଘ ୪ ଟା ସମୟରେ ଜଣେ ମେମ୍ବର ମୁନ୍‌ସି ସେଖ୍ ଗୋଲାମ ମହମ୍ମଦଙ୍କ ଘର ମୁକାମ ଆଯମ୍ ଖାଁ ବଜାର, ସହର କଟକ ଠାରେ ହେବ । ଯେ କେହି ଉକ୍ତ ସଭାରେ ଅପ-ଶାକ ଅପତ୍ତି ଅଛି କରିବାକୁ ଚାହାନ୍ତି, ତାହା ଅଫିସରେ କରି ପାରିବେ ।

କଟକ } ଶ୍ରୀ ଗୋଲାମ ମହମ୍ମଦ
୧ । ୩ । ୧୯୦୦ }

## ବିଜ୍ଞାପନ ।

। ୧ । ବଡ଼ମ୍ବାର ନିମ୍ନଲିଖିତ ଦୋକାନର ଲାଇସେନ୍ସ ଓ ଚଳନ୍ତାଇ ଦ୍ରବ୍ୟମାନ ସନ ୧୯୦୦। ୧୯୦୧ ମସିହା ବର୍ଷ ନିମନ୍ତେ ଉକ୍ତ ଜିଲାର ମ୍ୟାନେଜରଙ୍କ କଚେରୀରେ ଆଗାମୀ ମାର୍ଚ୍ଚ ମାସ ତା ୧୯ ଇଖ ରୋଜ ସୋମବାର ପୂର୍ବାହ୍ନ ବେଳ ଘ ୧୦ ଟା ସମୟରେ ପ୍ରକାଶ୍ୟ ନିଲାମ ଦ୍ୱାରା ବିକ୍ରୟ ହେବ । ଇଚ୍ଛୁକ ବ୍ୟକ୍ତିମାନେ ନିରୂପିତ ସମୟରେ ଉପସ୍ଥିତ ହୋଇ ନିଲାମ ଡାକି ପାରିବେ ।

| | |
|---|---|
| ୧ ଅଫିମଦୋକାନ | ୫ ତମଖୁ ପଟା |
| ୨ ଗଞ୍ଜେଇଦୋକାନ | ୬ ଖେଙ୍କ ପଟ୍ଟୀ |
| ୩ ତାଡ଼ିଦୋକାନ | ୭ ଚଳନ୍ତାଦ୍ରବ୍ୟ |
| ୪ ଦେଶି ସରାପଦୋକାନ | ଇତି |

Baramba Manager's office } M. M. patnaik
Dated the 28th Feb, 1900 } Manager.

ଏତଦ୍ୱାରା ସର୍ବସାଧାରଣଙ୍କ ଜଣାଇ ଦିଆଯାଉଅଛି କି ଏ ଜିଲାର ଅବକାରୀ ଦୋକାନ (ଅଫିମ ଓ ଦେଶୀ ସରାପ ଓ ତାଡ଼ୀ ଓ ଗଞ୍ଜାଘାସ ଗଞ୍ଜେଇ ଓ ସିଦ୍ଧି ଓ ତମଖୁ ଓ କେତେକ ଚଳନ୍ତା ଦ୍ରବ୍ୟର) ଲାଇସେନ୍ସ ସନ ୧୯୦୦।୧୯୦୧ ବର୍ଷ ନିମନ୍ତେ ଆଗାମୀ ମାର୍ଚ୍ଚ ମାସ ତା ୨୦ ଇଖ ମଙ୍ଗଳବାର ପୂର୍ବାହ୍ନ ଘ ୮ ଟା ସମୟରେ ଏ କଚେରୀରେ ନିଲାମ କରାଯିବ ।

। ୧ । ନରସିଂହପୁର } Mahommad Atahar.
ମାନେଜରୀକଚେରୀ } *Manager*
ତା୨୨ଇଖଫେବ୍ରୁଏରୀ }
ସନ ୧୯୦୦ ମସିହା }

## ଅତ୍ୟେ ପଢ଼ିବେ କି ?

ଉତ୍କଳ କୋହିନୁର କବିବର ସ୍ୱର୍ଗୀୟ ରାଧାନାଥ ରାୟ ବାହାଦୁର ମହୋଦୟଙ୍କ ଛବି, କଟକ ପ୍ରିଣ୍ଟିଂ କମ୍ପାନୀରେ, ବାବୁ ରାମପ୍ରସନ୍ନ ମହୋପାଧ୍ୟାୟଙ୍କ ଦୋକାନରେ ଏବଂ ମୋର ନିକଟରେ ପ୍ରତିଖଣ୍ଡ ଦୁଇଅଣା ମୂଲ୍ୟରେ ବିକ୍ରୀତ ହେଉଅଛି ।

ଶ୍ରୀ ଅର୍ଦ୍ଧେନ୍ଦୁ ଶତପଥୀ
ସେକେଣ୍ଡ ମାଷ୍ଟର, ଟ୍ରେନିଂ ସ୍କୁଲ,
କଟକ ।

## ବିଜ୍ଞାପନ ।

ବାଳକମାନଙ୍କ ସୁବିଧାନିମନ୍ତେ ବଡ଼ ବଡ଼ ଅକ୍ଷରେ ଏକକଠାରୁ ସହସ୍ରକପର୍ଯ୍ୟନ୍ତ ପଣକିଆ ୨୫ ଖଣ୍ଡ, କୋଇଲ ଓ କମଳଲୋଚନ ସୁନ୍ଦର ଚକ୍ଷୁସହିତ ଗୋଟିଏ ଫର୍ଦ୍ଦରେ ଛପାହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ତହିଁର ମୂଲ୍ୟ ଟ ୦ ୧୬

## WANTED

A Head Master for the Kanpur Metcalfe Middle English school at Sungra, on a salary of Rs 20 per mensem. None need apply who has not passed at least the Entrance Examination. Preference will be given to the candidate who had Sanskrit for his second language. Apply to the undersigned upto 15th of March next.

Cuttack } Syed Ekram Rasool
23-2-1900 } *Secretary*

## ଅଳଙ୍କାରସାର ।

ବାମଣ୍ଡାର ସୁଯୋଗ୍ୟ ରାଜକୁମାର ଶ୍ରୀଯୁକ୍ତ ସଚ୍ଚିଦାନନ୍ଦଦେବ ମହୋଦୟ ପ୍ରଣୀତ "ଅଳଙ୍କାର ସାର" ନାମକ ପୁସ୍ତକ ଭାଷାଜ୍ଞାନପ୍ରିୟ ଜ୍ଞାନବୃଦ୍ଧି ସକାଶେ ପ୍ରତ୍ୟେକ ଭାଷାନୁରାଗୀ ବ୍ୟକ୍ତିଙ୍କର ଅବଶ୍ୟ ପାଠ କରିବା ଉଚିତ । ପୁସ୍ତକ ସରଳ-ଭାଷାରେ ଉଦାହରଣ ସହିତ ରଚିତ ହୋଇ ଥିବାରୁ ପାଠକମାନେ ଅପରର ସାହାଯ୍ୟ-ନ୍ୟତିରେକେ ବର୍ଣ୍ଣିତ ବିଷୟ ସହଜରେ ହୃଦୟଙ୍ଗମ କରି ପାରିବେ । ପୁସ୍ତକଖଣ୍ଡି ଅଗ୍ରପାଠେୟ ହୋଇଥିବା ତଥା ଉତ୍କଳଭାଷା ପାରଦର୍ଶୀ ପଣ୍ଡିତ-ମାନେ ମୁକ୍ତକଣ୍ଠରେ ସ୍ୱୀକାର କରି ପ୍ରଣେତାଙ୍କୁ ଧନ୍ୟବାଦ ପ୍ରଦାନ କରିଅଛନ୍ତି । ଏହି ପୁସ୍ତକ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକଦୋକାନରେ ଏବଂ ବାମଣ୍ଡା ଛାପାଖାନାରେ ଅଶାଭିତ ସୁଲଭ ମୂଲ୍ୟ ଚାରିଅଣାରେ ବିକ୍ରୟ କରାଯାଉଅଛି । ଡାକମାସୁଲ ଏକଅଣା ମାତ୍ର ।

## ପ୍ରୟୋଜନୀୟ ପୁସ୍ତକ ।

ପାରିବାରିକ ଚିକିତ୍ସା ଚାରିଅଣା, ଜ୍ୱର ଚିକିତ୍ସା ତିନିଅଣା, ଗୋଚିକିତ୍ସା ୧ ମ ଭାଗ ଏକଅଣା, ୨ ୟ ଭାଗ ଦୁଇଅଣା, ବସନ୍ତିକା ଚିକିତ୍ସା ଏକଅଣା, ବହୁଲ୍ୟରୋଗ ଚିକିତ୍ସା ତିନିପଇସା ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ଯେଉଁମାନେ ସାମାନ୍ୟ ଲେଖାପଢ଼ା କରିପାରନ୍ତି, ସେମାନେ ସହଜପ୍ରାପ୍ୟ ଚେର, ମୂଳ, ମସଲାଦ୍ୱାରା ଉପରୋକ୍ତ ରୋଗମାନ ଦମନ କରିପାରିବେ । ପଣକିଆମାଳକାର ଦ୍ୱିତୀୟ ସଂସ୍କରଣ ଏକଅଣାରେ ମିଳିବ । ସମଶ୍ରେଣୀର ପୁସ୍ତକ ମଧ୍ୟରେ ଏହା ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ପାଠ୍ୟ ହୋଇଅଛି ।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଉଦ୍ଯୋଗିସମିତିର ଭଣ୍ଡାର

### କଟକ

କ୍ରେତା ଓ ବିକ୍ରେତାର ସ୍ୱାର୍ଥ ଯହିଁରେ ବିପକ୍ଷ ନ ହୁଏ, ଅର୍ଥାତ୍ କ୍ରେତାର ଲାଭରେ ବିକ୍ରେତାର ଲାଭ ଏବଂ ବିକ୍ରେତାର ଲାଭରେ କ୍ରେତାର ଲାଭ ହୋଇପାରେ, ଏହି ଉଦ୍ଦେଶ୍ୟସାଧନ ନିମନ୍ତେ ଭଣ୍ଡାର ସ୍ଥାପିତ ହୋଇଅଛି । ପ୍ରବଞ୍ଚନା, କ୍ରୟ ସମୟରେ ଅକାରଣ ବାକ୍‌ବିତଣ୍ଡା ଇତ୍ୟାଦିଠାରୁ କ୍ରେତାମାନଙ୍କୁ ରକ୍ଷାକରିବା ନିମନ୍ତେ ବିଶେଷ ଉପାୟ କରା ହୋଇଅଛି । ଦୋକାନରେ ରଖା ଯାଇଥିବା ଦ୍ରବ୍ୟାଦିର ମୂଲ୍ୟର ତାଲିକା କ୍ରେତାମାନେ ଦେଖିପାରନ୍ତି । ସେହି ନିର୍ଦ୍ଦିଷ୍ଟ ମୂଲ୍ୟର ହ୍ରାସ ବୃଦ୍ଧି କରିବାର କ୍ଷମତା କର୍ତ୍ତୃପକ୍ଷ ଛଡ଼ା ଆଉ କାହାର ନାହିଁ । କର୍ତ୍ତୃପକ୍ଷ ମଧ୍ୟ ବିଶେଷ ବିବେଚନାର ସହିତ ଯେତେଦୂର ସମ୍ଭବ ମୂଲ୍ୟ ସୁଲଭ କରିଥାନ୍ତି । ସମୁଦାୟ ଦ୍ରବ୍ୟର ତାଲିକା ଦେବା ସମ୍ଭବ ନୁହେଁ । ପ୍ରଧାନ ୨ କେତେକ ଦ୍ରବ୍ୟର ନାମ ପ୍ରକାଶ କରାଯାଉଅଛି ।

ଦେଶୀ ଭଗ୍ରତ, ଚନ୍ଦ୍ରକୋଣା, ଫରାସଡ଼ାଙ୍ଗା, ଯାଜପୁର ଓ ଶାନ୍ତିପୁରୀ ଧୋତି ଚଦର ଓ ଶାଢ଼ି; ଭିନ୍ନ ୨ ସ୍ଥାନର ତସର, ଗରଦ, ବାପ୍ତା; ନାନା ରକମର ପଶମି ଲୁଗା; ବୋମ୍ବାଇ, ମାନ୍ଦ୍ରାଜ, ନାଗପୁର, ଅହମଦାବାଦ ଓ କାନପୁର ପ୍ରଭୃତିର କଲର ଧୋତି, ଚଦର, ଲଂକ୍ଲଥ, ଛିଟ, ମୋଜା, ଟଓଲିଆ, ଗଞ୍ଜି ଓ ଗାମୁଛା ପ୍ରଭୃତି; ସର୍ବପ୍ରକାର ବାଦାମି ଓ ସାଦା କାଗଜ, ଚିଠିର କାଗଜ, ଲେଫାପା, ଦୁଆତ, କାଳି, କଲମ, ପେନ୍‌ସିଲ୍, ରବେଜର୍, ଛୁରି, କଇଁଚି, ଷ୍ଟିଲ୍‌ପେନ୍, ନିବ୍ ପ୍ରଭୃତି, ସର୍ବପ୍ରକାର ଭଉଣ୍ଡ ଦ୍ରବ୍ୟାଦି ।

ସର୍ବପ୍ରକାର ସାବୁନ, ବିବିଧ ସୁଗନ୍ଧିତେଲ ଓ ସୁଗନ୍ଧ ପାଣି; ବାର୍ଲି, ଆରାରୁଟ, ଶାଗୁ ପ୍ରଭୃତି ରୋଗିମାନଙ୍କର ବହୁବିଧ ପଥ୍ୟ; କଟକର ବିଖ୍ୟାତ ସିଙ୍ଗର ଛଡ଼ି, ପଣ୍ଡୁଆ ଓ ଖେଲଣା, ଏବଂ ରୂପାର ଫିଲିଗ୍ରି ଫୁଲ, ଅତର-ଦାନ, ଗୋଲାପ-ପାଶ, ରେକାବି, ନାନାବିଧ ଅଳଙ୍କାର । ଏହାଛଡ଼ା ଅନ୍ୟ ଦ୍ରବ୍ୟ କେହି ନେବାକୁ ଇଚ୍ଛାକଲେ ମୂଲ୍ୟର କେତେଅଂଶ ଜମା ଦେଲେ ସୁଲଭମୂଲ୍ୟରେ ଅଣାଇ ଦିଆଯାଏ । କଟକ ଟେଉନ୍‌ହାଲ ଅଦାଲତର ସମ୍ମୁଖରେ ଭଣ୍ଡାର ସ୍ଥାପିତ ।

## ନୂତନ ଆମଦାନୀ

## ନାନାବିଧ ଶୀତବସ୍ତ୍ର ।

# ବନାରସ ମାଲ ।

ବନାରସ ନଗରସ୍ଥ ଆମ୍ଭର ଏହି ବାଣିଜ୍ୟ କୋଠିରେ ଉଚିତ ମୂଲ୍ୟରେ ସର୍ବପ୍ରକାର ବନାରସୀ ମାଲ ଭାରତର ନାନାସ୍ଥାନର ରାଜା ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳରୁ ମାଲ ଯୋଗାଇ ଆସୁଅଛୁଁ । ବାମଣ୍ଡା, ଢେଙ୍କାନାଳ, ଅଠମଲ୍ଲିକ, ଖଡ଼ିଆଗଡ଼, ସରାଇକଳା ପ୍ରଭୃତିର ରାଜାମାନଙ୍କ ନିକଟରେ ତତ୍ତ୍ୱ କଲେ ଆମ୍ଭର ଖାଣ୍ଟି କାରବାରର କଥା ଜଣା ପଡ଼ିବ ।

ଆମ୍ଭର ବାଣିଜ୍ୟ କୋଠିରେ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥିବା ବନାରସୀ ଶାଢ଼ୀ, ଧୋତି, ଚୋପି, ଚୋଗା, ଦଂଖାପ, ବାପ୍ତା ସଢ଼ୀ ଦୋପଟ୍ଟା ମଣ୍ଡିଲ, ଶିରରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନାପ୍ରକାର କିଂଖାବ ଜରିତ ଅଙ୍ଗରଖା ପ୍ରଭୃତି ଛଞା ସୁନା ରୂପାର ବାସନ, ହାତୀର ହାଉଦା ପ୍ରଭୃତି ବରାତ ଅନୁସାରେ ତୟାର କରାଇ ଦେଉଁ । ବରାତ ଦେବାବେଳେ ଅନୁମାନିକ ମୂଲ୍ୟର ଚତୁର୍ଥାଂଶ ଅଗ୍ରୀମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ୍ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁ, ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ଚଳିବ, ମାତ୍ର ଲଫାଫା ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଭେଲ୍ୟୁପେଏବଲ୍ ପାର୍ସଲରେ ମଧ୍ୟ ମାଲ ପଠାଯାଏ ଏବଂ ପସନ୍ଦ ନ ହେଲେ ଫେରତ ନିଆଯାଏ ।

ଶ୍ରୀ ପାଲ୍‌ମାଲ ଭୋଳାନାଥ,
କୁଞ୍ଜଗଲ ଫାଟକ, ବନାରସ ସିଟି ।

---

ଜିନ୍ନୁପ୍ରାଇମେରୀ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କୁ ପ୍ରଚୁର ପରିମାଣରେ କମିସନ୍ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟଙ୍କ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳିବ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ ।
ସେକ୍ରେଟରୀ ।

# ନୂତନପୁସ୍ତକ ।

### ସଚିତ୍ର

## ମହାଭାରତ ।

ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ମୁଦ୍ରାଙ୍କନକାର୍ଯ୍ୟ ଶେଷ ହୋଇଅଛି । ତହିଁର ମୂଲ୍ୟ ଏକ ସାରକୁ ଟ ୧୬ଧ୍ୟ।/ ଓ ପ୍ରତ୍ୟେକ ପର୍ବର ମୂଲ୍ୟ ନିମ୍ନଲିଖିତରୂପ ଅଟଇ ଯଥା;—

| | |
|---|---|
| ୧ ଆଦ୍ୟ ପର୍ବ | ଟ ୨॥ |
| ୨ ମଧ୍ୟ ପର୍ବ | ଟ ୨॥ |
| ୩ ସଭା ପର୍ବ | ଟ ୨॥ |
| ୪ ବନ ପର୍ବ | ଟ ୨। |
| ୫ ବିରାଟ ପର୍ବ | ଟ ୧। |
| ୬ ଉଦ୍‌ଯୋଗ ପର୍ବ | ଟ ୧। |
| ୭ ଭୀଷ୍ମ ପର୍ବ | ଟ ୧। |
| ୮ ଦ୍ରୋଣ ପର୍ବ | ଟ ୧୯ |
| ୯ କର୍ଣ୍ଣ ପର୍ବ | ଟ ୦।୶ |
| ୧୦ ଶଲ୍ୟ ପର୍ବ | ଟ ୦ ୷ |
| ୧୧ ଗଦା ପର୍ବ | ଟ ୦। |
| ୧୨ କାଳିନ୍ଦିକା ବା ଐଷିକ ପର୍ବ | ଟ ୦।/ |
| ୧୩।୧୪ ନାରୀ ଓ ଶାନ୍ତି ପର୍ବ | ଟ ୦ ୷ |
| ୧୫।୧୬ ଆଶ୍ରମିକ ଓ ଅଶ୍ୱମେଧ ପର୍ବ | ଟ ୦॥ |
| ୧୭ ମୂଷଳୀ ପର୍ବ | ଟ ୦।୶ |
| ୧୮ ସ୍ୱର୍ଗାରୋହଣ ପର୍ବ | ଟ ୦। |
| ସଚିତ୍ର ଚୈତନ୍ୟ ଚରିତାମୃତ | ଟ ୨॥ |
| ସଟୀକ ଅମରକୋଷ ଅଭିଧାନ ପଦ୍ୟାନୁବାଦିତ | ଟ ୧୯ |
| କାଳିଦାସର ଅଇନ | ଟ ୦।/ |
| କାଳି ଓ ଝିଙ୍କାସନ | ଟ ୦॥ |
| ଶିବଭତ୍ତୁସାର ବା ଶୈବଗୀତନ | ଟ ୦ ୶ |
| ଉଦନସାଳ ସଙ୍ଗ୍ରହ ୨ୟ ଭାଗ | ଟ ୦ ୶୨ |

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୶

ଅଧସ୍ତମ୍ଭକୁ ଟ ୨ ୯

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩ ୯

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ, ତହିଁର ଶର୍ତ୍ତ ଟ ୦ ୫ ଠାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ । ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପତ୍ର କଟକ ପରମାନନ୍ଦ ପ୍ରିଣ୍ଟିଂ କମ୍ପାନୀ "ଲିମିଟେଡ୍"ଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com